Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 253
Thursday, 20 November 2025
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୨୦ ନଭେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସରକାରଙ୍କ ଲକ୍ଷ୍ୟ କୃଷକ ସଶକ୍ତୀକରଣ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୧୧ (ଆ.ପ୍ର) : ରାଜ୍ୟରେ କୃଷକଙ୍କ ସଶକ୍ତିକରଣ ଓ କଲ୍ୟାଣ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମୁଁ ଚାହେଁ ଯେ କୃଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାର ସୁବିଧା ସୁଯୋଗ ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀ ନିଶ୍ଚିତରୂପେ ପାଆନ୍ତୁ । କେହି ଜଣେ ବି ଯେପରି ଏଥିରୁ ବଂଚିତ ନହୁଅନ୍ତୁ ୨୧ ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର କୃଷି ଭବନ ଠାରେ କୃଷକ ମାନଙ୍କୁ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।ସୂଚନାଯୋଗ୍ୟ ଯେ, ତାମିଲନାଡୁର କୋଏମ୍ବାଟୁର୍‌ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ୨୧ତମ କିସ୍ତିରେ ଦେଶର ୯ କୋଟିରୁ ଉର୍ଦ୍ଧ୍ୱ କୃଷକଙ୍କୁ ୧୮ ହଜାର କୋଟିରୁ ଉର୍ଦ୍ଧ୍ୱଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଂଚାୟତ, ପ୍ୟାକ ଓ ମଣ୍ଡିରେ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍ବୋଧନ ଦେଇଛନ୍ତି । ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍ବୋଧନ ଦେଇ କହିଥିଲେ ଯେ, କୃଷକ ମାନଙ୍କୁ ଆବଶ୍ୟକ ସମୟରେ ବିହନ, ସାର, କୀଟନାଶକ ଆଦି କିଣିବା ପାଇଁ କେନ୍ଦ୍ର ସରକାର ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଆଜି ୨୧ତମ କିସ୍ତିରେ ଆମ ରାଜ୍ୟର ୩୪.୧୨ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ କିସ୍ତି ବାବଦକୁ ୨ ହଜାର ଟଙ୍କା ଲେଖାଏଁ ପାଇବେ । ଏହି ସହାୟତା ପ୍ରଦାନ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କରାଯାଉଛି ଏବଂ ଏଥିରେ କ୍ଷୁଦ୍ର, ମଧ୍ୟମ, ବୃହତ ଓ ସହଭାଗୀଚାଷୀଙ୍କ ଭୂମିଧାରୀ ଚାଷୀମାନେ ଉପକୃତ ହେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଯୁଗାନ୍ତକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଦେଶର ଚାଷୀ, ଗରିବ, ମହିଳା ସମସ୍ତେ ଉପକୃତ ହେଉଛନ୍ତି । ସେ ପୁଣି କହିଥିଲେ ପିଏମ୍ କିଷାନ ସହିତ ଆମ ରାଜ୍ୟରେ ସିଏମ୍ କିଷାନ ଜରିଆରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି । ଚଳିତ ଆର୍ଥିକ ବର୍ଷରେ ସିଏମ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ୩୨୩୬ ଜଣ ପିଭିଟିଜି ଚାଷୀ ଏବଂ ୩୧,୬୯୫ ଜଣ ସହଭାଗୀଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ସିଏମ କିଷାନ ଯୋଜନା ହିତାଧିକାରୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ଏହି ଯୋଜନାରେ ୨୦୨୪-୨୫ ଶିକ୍ଷା ବର୍ଷରେ ୧୩,୯୨୩ ଛାତ୍ରଛାତ୍ରୀଙ୍କୁ ୫୩ କୋଟି ୬୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୫ ଗୁଣ ଅଧିକ ।ପିଏମ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମରେ ଓଡିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡା ଜିଲ୍ଲାକୁ ଚୟନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକ ମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାର ଚାଷୀ ସୁବାଶ ଚନ୍ଦ୍ର ଦାସ, ବାଲିପଟଣାର ରୂପଶ୍ରୀ ସ୍ୱାଇଁ ଏବଂ ଜଟଣୀ କୁସୁମାଟିର କାର୍ତ୍ତିକ ପରିଡା ପିଏମ୍ କିଷାନ ଯୋଜନାର ସମସ୍ତ କିସ୍ତିର ସୁବିନିଯୋଗ କରି ଚାଷ କାର୍ଯ୍ୟରେ ସଫଳତା ପାଇଛନ୍ତି ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥାହୋଇ ଫସଲ ବିବିଧିକରଣ ଜରିଆରେ ଧାନ ସହିତ ତେଲ ଜାତୀୟ ଫସଲ, ପନିପରିବା, ଫଳ ଚାଷ ଇତ୍ୟାଦି ଅର୍ଥକାରୀ ଫସଲ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କୃଷକଙ୍କ ସଶକ୍ତିକରଣ ଓ ଉତ୍ପାଦନ ବୃଦ୍ଧିପାଇଁ ଆମ ସରକାର ସମସ୍ତ ସହଯୋଗ ଯୋଗାଇଦେବେ । ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ ଯେ, ପିଏମ କିଷାନ ଓ ସିଏମ୍ କିଷାନ ଯୋଜନାରେ ଆମ ରାଜ୍ୟର ଚାଷୀ ଭାଇ ଭଉଣୀ ମାନେ ବାର୍ଷିକ ୧୦ ହଜାର ଟଙ୍କା ପାଉଛନ୍ତି । ଏହି ରାଶିକୁ ସଠିକ୍ ଭାବେ ଉପଯୋଗ କଲେ କୃଷି କାର୍ଯ୍ୟରେ ସଫଳତା ମିଳି ଅଭାବ ଦୂର ହେବ । କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି । କେନ୍ଦ୍ର କୃଷି ମନ୍ତ୍ରୀ ମଧ ଓଡିଶା ସରକାରଙ୍କର କୃଷକ କଲ୍ୟାଣ କାର୍ଯ୍ୟକୁ ମଡେଲ ଭାବେ ଗ୍ରହଣ କରିବା ପାଇଁ କହିଛନ୍ତି । ଓୟୁଏଟିର କୁଳପତି ପ୍ରଫେସର ଡକ୍ଟର ପ୍ରଭାତ ରାଉଳ କହିଥିଲେ ଯେ, କୃଷି ପାଇଁ ତିନୋଟି ସମ୍ବଳ ଆବଶ୍ୟକ । ଜମି, ଶ୍ରମ ଓ ପୁଞ୍ଜି । କୃଷକଙ୍କ ପାଖରେ ସବୁବେଳେ ଜମି ଓ ଶ୍ରମଥାଏ କିନ୍ତୁ ପୁଞ୍ଜି ନଥାଏ । ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ପିଏମ୍ କିଷାନର ସହାୟତା ରାଶି ଚାଷୀ ମାନଙ୍କୁ ମାନସିକ ଓ ଆର୍ଥିକ କ୍ଷେତ୍ରରେ ସୁଦୃଢ କରୁଛି । କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

ଆନ୍ଧ୍ର-ଓଡ଼ିଶା ଇନଚାର୍ଜ ସମେତ ଆଉ ୭ ନକ୍ସଲ ସଫା, ବନ୍ଧା ହେଲେ ୫୦

ବିଶାଖାପାଟନା, ୧୯/୧୧(ନ୍ୟୁ.ଏ): ଭୁଶୁଡ଼ିବାରେ ଲାଗିଛି ଲାଲଗଡ଼ । ଜଣଙ୍କ ପରେ ଜଣେ ଶୀର୍ଷ ନକ୍ସଲ ନେତା ଏବେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିବାରେ ଲାଗିଛନ୍ତି । ୨୪ ଘଂଟା ତଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଥିଲା କୁଖ୍ୟାତ ମାଓବାଦୀ ନେତା ମାଡଭୀ ହିଡମା । ଏହାର ଦିନକ ପରେ ପୁଣି ସୁରକ୍ଷାକର୍ମୀଙ୍କୁ ମିଳିଛି ସଫଳତା । ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ମାଡ଼ି ଚାଲିଥିବା ସୁରକ୍ଷାକର୍ମୀଙ୍କ ଗୁଳିରେ ଆଜି ଆଉ ୭ ଜଣ ମାଓବାଦୀ ନିହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ରହିଛି ଆନ୍ଧ୍ର ପ୍ରଦେଶ-ଓଡ଼ିଶା ଇନଚାର୍ଜ ତଥା ଦୁର୍ଦ୍ଧର୍ଷ ଶଙ୍କର । ଆନ୍ଧ୍ରପ୍ରଦେଶର ମାରେଡୁମିଲ୍ଲିରେ ଆଜି ସକାଳେ ହୋଇଥିବା ଏନକାଉଂଟରରେ ସୁରକ୍ଷାକର୍ମୀଙ୍କୁ ଏଭଳି ସଫଳତା ମିଳିଛି । ସେହିପରି ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ ମଧ୍ୟ କରାଯାଇଛି । ପୁଲିସ୍ କହିଛି ଯେ ମୃତ ୭ ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି । ସେହିପରି ଜଣେ ନିହତ ମାଓବାଦୀ ହେଲା ମେଡୁରି ଜୋଖା ରାଓ ଓରଫ ଶଙ୍କର । ତା' ଘର ଶ୍ରୀକାକୁଲମ ଅଂଚଳରେ । ସେ ମାଓବାଦୀ ସଂଗଠନରେ ଆନ୍ଧ୍ର-ଓଡ଼ିଶା ସୀମା ଇନଚାର୍ଜ ଭାବେ କାମ କରୁଥିଲା । ବୈଷୟିକ ଜ୍ଞାନକୌଶଳ, ଅସ୍ତ୍ରଶସ୍ତ୍ର ତିଆରି ଓ ଯୋଗାଯୋଗ ଭଳି କ୍ଷେତ୍ରରେ ଶଙ୍କରର ବେଶ ଆଧିପତ୍ୟ ରହିଥିଲା । ସେ ଦୀର୍ଘ ୨୦ ବର୍ଷ ହେଲା ନକ୍ସଲ ସଂଗଠନ ସହ ଜଡ଼ିତ ରହିବା ସହ ଏକାଧିକ ହମଲାରେ ସାମିଲ ଥିଲା ବୋଲି ଆନ୍ଧ୍ର ଗୁଇନ୍ଦା ଏଡିଜି ମହେଶ ଚନ୍ଦ୍ର ଲାଧା ସୂଚନା ଦେଇଛନ୍ତି । ବାକି ମୃତକଙ୍କ ପରିଚୟ ଖୋଜା ଚାଲିଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ୫୦ ଜଣ ସିପିଆଇ(ମାଓବାଦୀ) ଅପରେଟିଭ୍‌ଙ୍କୁ କ୍ରିଷ୍ଣା, ଇଲୁରୁ, ଏନଟିଆର ବିଜୟୱାଡା, କାକିନାଡା ଓ ଡ. ବିଆର ଆମ୍ବେଦକର କୋନାସୀମା ଜିଲ୍ଲାରୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରେ ୩ ଜଣ ସ୍ପେଶାଲ ଜୋନାଲ କମିଟି ସଦସ୍ୟ, ୨୩ ପ୍ଲାଟୁନ ସଦସ୍ୟ, ୫ ଡିଭିଜନାଲ କମିଟି ସଦସ୍ୟ ଓ ୧୯ ଜଣ ଏରିଆ କମିଟି ସଦସ୍ୟ ରହିଛନ୍ତି । ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବରିଷ୍ଠ ମାଓବାଦୀ ନେତା, ଲଜିଷ୍ଟିକ ଏକ୍ସପର୍ଟ, କମ୍ୟୁନିକେସନ ଅପରେଟିଭ୍, ଆର୍ମଡ ପ୍ଲାଟୁନ ମେମ୍ବର, ପାର୍ଟି ମେମ୍ବର ଓ ନିହତ ମାଓବାଦୀ ହିଡମାର ଯୋଗାଯୋଗରେ ଥିବା ଅନେକ ସଦସ୍ୟ ରହିଥିବା ଆନ୍ଧ୍ର ପ୍ରଦେଶ ପୁଲିସ୍ କହିଛି । ୭ ମାଓବାଦୀ ନିହତ ହେବା ଓ ୫୦ ଜଣ ଗିରଫ ହେବା ସଂଗଠନର ଦକ୍ଷିଣ ବସ୍ତର ଓ ଦଣ୍ଡକାରଣ୍ୟ ନେଟୱର୍କ ପାଇଁ ଶକ୍ତ ଝଟକା ସଦୃଶ ହୋଇଛି । ମଙ୍ଗଳବାର ଆନ୍ଧ୍ର ପ୍ରଦେଶର ଆଲ୍ଲୁରି ସୀତାରାମରାଜୁ ଜିଲ୍ଲାରେ ହୋଇଥିବା ଏନକାଉଂଟରରେ ହିଡମା ସମେତ ତା' ପତ୍ନୀ ରାଜେ ଓ କିଛି ଘନିଷ୍ଠ ସହଯୋଗୀଙ୍କୁ ମିଶାଇ ୬ ଜଣ ନିହତ ହୋଇଥିଲେ । ହିଡମା ମୁଣ୍ଡରେ ପ୍ରାୟ ୧ କୋଟି ଟଙ୍କାର ପୁରସ୍କାର ରହିଥିଲା । ତା'କୁ ଧରିବା ପାଇଁ ଏକାଧିକ ରାଜ୍ୟର ପୁଲିସ୍ ଉଦ୍ୟମ କରୁଥିଲେ । ନଭେମ୍ବର ୩୦ ପୂର୍ବରୁ ହିଡମାକୁ ଧରିବାକୁ ଟାର୍ଗେଟ ସେଟ କରାଯାଇଥିଲା । କିନ୍ତୁ ଏହା ପୂର୍ବରୁ ହିଡମାର ଖେଳ ଶେଷ କରି ଦେଇଛନ୍ତି ସୁରକ୍ଷାକର୍ମୀ ।

ଲାଲକିଲ୍ଲା କାର୍ ପାର୍କିଂରେ ବୋମା ତିଆରି କରିଥିଲା ଉମର ନବି !

ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ):ଦିଲ୍ଲୀ ଲାଲକିଲ୍ଲା କାର୍ ବିସ୍ଫୋରଣକୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି । ଲାଲକିଲ୍ଲାରେ କାର୍ ବୋମା ବିସ୍ଫୋରଣ କରିଥିବା ଉମର ମହମ୍ମଦ ଓରଫ ଉମର ଉନ ନବିକୁ ନେଇ ଆସିଛି ସାଂଘାତିକ ତଥ୍ୟ । ବିସ୍ଫୋରଣ ପୂର୍ବରୁ ଉମର ଦୀର୍ଘ ୩ ଘଂଟା ଧରି କାର ସହ ଲାଲକିଲ୍ଲା ନିକଟ ପାର୍କିଂରେ ବସି ରହିଥିଲା । ଏବେ ଜଣାପଡ଼ିଛି ଯେ ସେହି ସର୍ବସାଧାରଣ ପାର୍କିଂରେ ହିଁ ସେ ବିସ୍ଫୋରକ ବ୍ୟବହାର କରି ବୋମା ତିଆରି କରିଥିଲା । ଏହାପରେ ସିଧା ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ପାଖ ଟ୍ରାଫିକ ସିଗ୍ନାଲରେ କାର ସହ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲା । ବିସ୍ଫୋରଣ ପୂର୍ବରୁ ଉମରର କ'ଣ ସବୁ କରିଥିଲା, ତା'ର ଯାଂଚ କରାଯାଇଥିଲା । ଏହି ସମୟରେ ସେ ସୁନେହରି ମସଜିଦ ନିକଟ ପାର୍କିଂରେ ୩ ଘଂଟା କାର ଭିତରେ ସମୟ କାଟିଥିଲା ବୋଲି ଜଣାପଡ଼ିଥିଲା । ଏଠାରେ ୩ ଘଂଟା ଧରି ଉମର କାର ଭିତରେ କ'ଣ କରୁଥିଲା, ତାହା ହିଁ ଯାଂଚର ମୂଳ ପ୍ରଶ୍ନ ହୋଇ ରହିଥିଲା । ସିସିଟିଭିରୁ ଜଣାପଡ଼ିଥିଲା ଯେ ବିସ୍ଫୋରଣରେ ବ୍ୟବହୃତ ଆଇ-୨୦ କାର ଧରି ଉମର ୩.୧୯ରେ ପାର୍କିଂ ସ୍ଥଳକୁ ଯାଇଥିଲା । ଏହାପରେ ସେଠାରୁ ପ୍ରାୟ ୬.୨୮ରେ କାର ସହ ବାହାରିଥିଲା । ପାର୍କିଂ ସ୍ଥଳରୁ ବାହାରିବା ପରେ ସନ୍ଧ୍ୟା ୬.୫୨ରେ ଲାଲକିଲ୍ଲା ନିକଟରେ ବିସ୍ଫୋରଣ କରିଥିଲା । ପାର୍କିଂ ସ୍ଥଳରେ କାର ସହ ୩ ଘଂଟା ଧରି ରହିଥିବା ଉମର ଗୋଟିଏ ସେକେଣ୍ଡ ପାଇଁ ମଧ୍ୟ ବାହାରକୁ ବାହାରି ନଥିଲା । ସେହିପରି ସେଠାରେ ତା'କୁ କେହି ଭେଟି ମଧ୍ୟ ନଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ ସୋମବାର ସକାଳୁ ଦିଲ୍ଲୀରେ ପ୍ରବେଶ କରିବା ପରେ ମଧ୍ୟ ଉମର ନିଜର ହ୍ୟାଣ୍ଡେଲର୍ସମାନଙ୍କ ସହ ଯୋଗାଯୋଗରେ ରହିଥିଲା । କେଉଁ ଅଂଚଳକୁ ଟାର୍ଗେଟ କରାଯିବ, ତାହା ହିଁ ଆଲୋଚନାର ଫୋକସରେ ରହିଥିଲା । ଉମର କାର ଧରି ମୟୂର ବିହାର ଓ କୌନଟ ପ୍ୟାଲେସ୍‌ରେ ବୁଲିବା ପରେ ପୁରୁଣା ଦିଲ୍ଲୀ ଅଭିମୁଖେ ଯାଇଥିଲା । ପ୍ରାଥମିକ ଭାବେ ବିସ୍ଫୋରଣ ପାଇଁ ଲାଲକିଲ୍ଲା ନିକଟ ପାର୍କିଂ ସ୍ଥଳକୁ ଚୟନ କରାଯାଇଥିଲା । କାରଣ ସବୁବେଳେ ଏଠାରେ ଭିଡ଼ ହୋଇଥାଏ ବୋଲି ଉମର ଓ ଆତଙ୍କୀ ଆକ୍କାମାନେ ଜାଣିଥିଲେ । କିନ୍ତୁ ସେମାନଙ୍କୁ ଜଣା ନଥିଲା ଯେ ନଭେମ୍ବର ୧୦ ସୋମବାର ଥିଲା ଓ ସୋମବାର ଲାଲକିଲ୍ଲା ବନ୍ଦ ରହିଥାଏ । ପାର୍କିଂ ସ୍ଥଳ ପ୍ରାୟତଃ ସେଦିନ ଫାଙ୍କା ରହିଥିଲା । ତେଣୁ ପାର୍କିଂ ବ୍ଲାଷ୍ଟ ମିଶନକୁ ଆବର୍ଟ କରାଯାଇଥିଲା ।

ଲାଂଚ ନେଇ ଅବକାରୀ ଅଧିକ୍ଷକ ଓ ଏଏସ୍‌ଆଇ ଗିରଫ

କେନ୍ଦୁଝର/ ଚଂପୁଆ, ୧୯/୧୧(ନ୍ୟୁ.ଏ): ଜଣେ ଲାଇସେନ୍ସ ପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦୋକାନୀ ଙ୍କ ବ୍ୟବସାୟକୁ ସୁଗମ କରିବା ପାଇଁ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାଣୀ ପଟ୍ଟାୟତ ଓ ଚମ୍ପୁଆ ଅବକାରୀ ଥାନା ଏଏସଆଇ କମ ଓଆଇସି ବିଜୟ କୁମାର ମହାନ୍ତ । ଘଟଣା ଅନୁସାରେ ଚମ୍ପୁଆ ଅବକାରୀ ଥାନା ଅନ୍ତର୍ଗତ ବି କରାଞ୍ଜିଆ ଠିପି ବନ୍ଦ ବିଦେଶୀ ମଦ ଦୋକାନର ମାଲିକ ବିଧୂଭୂଷଣ ପତିଙ୍କୁ ଜିଲ୍ଲା ଅବକାରୀ ଅଧିକ୍ଷକ ସୀତରାଣୀ ପଟ୍ଟାୟତ ବିଭିନ୍ନ ଉପାୟରେ ହଇରାଣ କରିବା ସହ ନିୟମିତ ଭାବେ ଲାଂଚ ମାଗୁଥିଲେ । ଅବକାରୀ ଅଧିକ୍ଷକ ମଦ ଦୋକାନ ମାଲିକଙ୍କୁ ମାସକୁ ଦଶ ହଜାର ଟଙ୍କା ଲାଂଚ ହିସାବରେ ଚାରି ମାସର ଚାଳିଶ ହଜାର ଟଙ୍କା ଚମ୍ପୁଆ ଅବକାରୀ ଥାନା ର ଏଏସଆଇ ଓ ଇନଚାର୍ଜ ଓଆଇସି ବିଜୟ କୁମାର ମହାନ୍ତ ଙ୍କୁ ଦେବା ପାଇଁ କହିଥିଲେ । ଏହା ପରେ ଦୋକାନ ମାଲିକ ବିଧୂଭୂଷଣ ଭିଜିଲାନ୍ସ ର ଦ୍ୱାରସ୍ଥ ହୋଇଥିଲେ । ଅଧିକ୍ଷକଙ୍କ କହିବା ଅନୁସାରେ ବିଧୂଭୂଷଣବୁଧବାର ଅପରାହ୍ନ ସମୟରେ ଏକ ଖାମ୍ ରେ ଚାଳିଶ ହଜାର ଟଙ୍କା ଏଏସଆଇ ବିଜୟ କୁମାର ମହାନ୍ତ ଙ୍କୁ ଦେବା ପାଇଁ ଚମ୍ପୁଆ ଅବକାରୀ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଅଧିକ୍ଷକ ସୀତାରାଣୀ ଏଏସଆଇ ବିଜୟଙ୍କୁ ଟଙ୍କା ନେବା ପାଇଁ ଫୋନରେ ନିର୍ଦ୍ଦେଶ ଦେଇଥିଲେ ।

ରାହୁଲଙ୍କୁ ୨୭୨ ଜଣ ପୂର୍ବତନ ବିଚାରପତି ଓ ପ୍ରଶାସନିକ ଅଧିକାରୀଙ୍କ ଖୋଲା ଚିଠି

ନୂଆଦିଲ୍ଲୀ, ୧୯ ।୧୧ : ଦେଶର ସମ୍ବିଧାନିକ ସଂସ୍ଥା ଉପରେ ଲଗାତାର ଅଭିଯୋଗ କରି ଚାଲିଛନ୍ତି ରାହୁଲ ଗାନ୍ଧୀ । ପ୍ରଥମେ ସେନା, ତା ପରେ ନ୍ୟାୟପାଳିକା ଏବଂ ଏବେ ନିର୍ବାଚନ କମିଶନଙ୍କ ଉପରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ବିହାର ବିଧାନସଭା ନିର୍ବାଚନ ପରେ ସେ କହିଛନ୍ତି, ବିଜେପି ସହ ମିଶି ଇସି ଭୋଟ ଚୋରି କରିଛନ୍ତି । ଏହାକୁ ନେଇ ରାହୁଲଙ୍କୁ ଓପନ ଲେଟର ଲେଖିଛନ୍ତି ୨୭୨ଜଣ ପୂର୍ବତନ ବିଚାରପତି ଏବଂ ପ୍ରଶାସନିକ ଅଧିକାରୀ । ସେ କହିଛନ୍ତି, ଏଭଳି ଭିତିହୀନ ଅଭିଯୋଗ ଆଣି ରାହୁଲ ଲୋକତନ୍ତ୍ର କୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଭାରତର ପୂର୍ବତନ ବିଚାରପତି ଏବଂ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଖୋଲା ଚିଠି । ୨୭୨ରୁ ଅଧିକ ସଦସ୍ୟ ଥିବା ଏକ ଗୋଷ୍ଠୀ ଏହି ଚିଠି ଲେଖିଛନ୍ତି । ଏଥିରେ ରହିଛନ୍ତି ୧୬ ଜଣ ପୂର୍ବତନ ବିଚାରପତି, ୧୨୩ ରିଟାୟର୍ଡ ପ୍ରଶାସନିକ ଅଧିକାରୀ, ଯାହାଙ୍କ ଭିତରେ ୧୪ ଜଣ ପୂର୍ବତନ ରାଷ୍ଟ୍ରଦୂତ ମଧ୍ୟ ଅଛନ୍ତି । ତାଙ୍କ ସହ ୧୩୩ ଜଣ ଅବସରପ୍ରାପ୍ତ ସାମରିକ ଅଧିକାରୀ ମଧ୍ୟ ରହିଛନ୍ତି । ରାହୁଲଙ୍କୁ ଦେଇଥିବା ଓପନ ଲେଟରର ଶୀର୍ଷକ ରହିଛି 'ଜାତୀୟ ସମ୍ବିଧାନିକ ସଂସ୍ଥା ଉପରେ ଆକ୍ରମଣ । ଚିଠିରେ ଲେଖା ଅଛି ଆମେ 'ସିଭିଲ ସୋସାଇଟିର ବରିଷ୍ଠ ନାଗରିକ ଭାରତର ଲୋକତନ୍ତ୍ର ନେଇ ଗମ୍ଭୀର ଚିନ୍ତା ପ୍ରକାଶ କରୁଛୁ । ଲୋକତନ୍ତ୍ର ଉପରେ ଆକ୍ରମଣ ଏବେ ବନ୍ଧୁକ ବଳରେ ନୁହେଁ, ବଂର ବିଷାକ୍ତ ଶବ୍ଦ ଦ୍ୱାରା ହେଉଛି । କିଛି ରାଜନୈତିକ ନେତା ନୀତିଗତ ବିତର୍କ କରିବା ବଦଳରେ ଭିତିହୀନ ଅଭିଯୋଗ କରୁଛନ୍ତି । ରାଜନୈତିକ ହତାଶା ଏବଂ ବାରମ୍ବାର ବିଫଳତାକୁ ଲୁଚାଇବା ପାଇଁ ସାମ୍ବିଧାନିକ ସଂସ୍ଥାକୁ ଟାର୍ଗେଟ କରୁ ଚିଠିରେ ଲେଖା ଅଛି ପ୍ରଥମେ ରାହୁଲ ଭାରତୀୟ ସେନାର ବୀରତ୍ୱ ଓ ସଫଳତା ଉପରେ ପ୍ରଶ୍ନ ଉଠାଇଥିଲେ । ଏହାପରେ ନ୍ୟାୟପାଳିକାର ନିରପେକ୍ଷତା ଉପରେ ଅଙ୍ଗୁଳି ଉଠାଇଥିଲେ । ସଂସଦ ଓ ଏହାର ସମ୍ବିଧାନିକ ଅଧିକାରକୁ ଟାର୍ଗେଟ କରିଥିଲେ । ଏବେ ସେ ନିର୍ବାଚନ କମିଶନଙ୍କ ବିଶ୍ୱାସନୀୟତା ଏବଂ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଏହା ସୁଚିନ୍ତିତ ଏବଂ ଷଡଯନ୍ତ୍ରମୂଳକ ଆକ୍ରମଣ । ରାହୁଲ କହୁଛନ୍ତି ତାଙ୍କ ପାଖରେ ଠୋସ୍ ପ୍ରାଣ ଅଛି । ବିଜେପି ସହ ନିର୍ବାଚନ କମିଶନ୍ ଭୋଟ୍ ଚୋରିରେ ସାମିଲ ଅଛନ୍ତି । ସେ ଦାବି କରିଛନ୍ତି, ତାଙ୍କ ପାଖରେ ୧୦୦% ପ୍ରମାଣ ଅଛି । ସେ ଖୁବ୍ ନିମ୍ନ ସ୍ତରର ଭାଷା ବ୍ୟବହାର କରି କହିଥିଲେ, ଯେଉଁ ପ୍ରମାଣ ସେ ଖୋଜିଛନ୍ତି, ତାହା 'ପରମାଣୁ ବମ୍' । ଯେତେବେଳେ ତାହା ଫାଟିବ ଇସିଙ୍କ ପାଖରେ ଲୁଚିବାର କୌଣସି ସ୍ଥାନ ବାକି ରହିବନି । ରାହୁଲ କହୁଛନ୍ତି ନିର୍ବାଚନ କମିଶନ୍ ଦେଶଦ୍ରୋହ କରୁଛନ୍ତି । ତଳଠାରୁ ନେଇ ଉପର ପର୍ଯ୍ୟନ୍ତ ସମସ୍ତେ ସାମିଲ ଅଛନ୍ତି । କେବଳ ସେତିକି ନୁହେଁ ଏସଆଇଆର ଉପରେ ମଧ୍ୟ ଅଭିଯୋଗ କରିଛନ୍ତି । ଏତେ ଅଭିଯୋଗ ପରେ ବି ରାହୁଲ କୌଣସି ଔପଚାରିକ ଅଭିଯୋଗ କରି ନାହାନ୍ତି । ବିନା ପ୍ରମାଣରେ ଏଭଳି ଗମ୍ଭୀର ଅଭିଯୋଗ ଏବଂ ସରକାରୀ ଅଧିକାରୀଙ୍କୁ ଡରାଇବା-ଧମକାଇବା ସମ୍ପୂର୍ଣ୍ଣ ଭୁଲ୍ ।'

ଜିଲ୍ଲାପାଳଙ୍କ ପରେ ଆଜି ଏସପିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର

ଭୁବନେଶ୍ୱର, ୧୯/୧୧ (ଆ.ପ୍ର) :ଲୋକଙ୍କ ପ୍ରଶଂସକ ହେବାପାଇଁ ଜିଲ୍ଲାପାଳମାନଙ୍କୁ ୯ଟି ଟାସ୍କ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜିଲ୍ଲା ପୁଲିସ ଏସପିମାନଙ୍କୁ ୮ଟି ଟାସ୍କ ଦେଇଛନ୍ତି । ସେବା ସହ ସୁରକ୍ଷା ଓ ସାହାଯ୍ୟ ଓଡ଼ିଶା ପୁଲିସର ମୁଖ୍ୟ କାର୍ଯ୍ୟ ହେଉ ଏବଂ କୌଣସି ପ୍ରକାରର ଚାପର ବଶବର୍ତ୍ତୀ ନହୋଇ ଅପରାଧ କ୍ଷେତ୍ରରେ ପ୍ରକୃତ ଦୋଷୀଙ୍କୁ ଖୋଜି ଦଣ୍ଡିତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଲୋକସେବା ଭବନର କନଭେନସନ ସେଂଟରଠାରେ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଜିଲ୍ଲାପାଳ ଓ ପୁଲିସ ଏସପି ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଏହି ସମ୍ମିଳନୀ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଓ ଅପରାଧ ନିୟନ୍ତ୍ରଣକୁ ତାଙ୍କ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ସ୍ପଷ୍ଟ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାପାଳ ଓ ଏସପିମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି ଗୋଟିଏ ଟିମ୍ ଭାବରେ କାମ କରିବା ଉଚିତ୍ । ବିକାଶ ଓ ସୁରକ୍ଷା ଯେପରି ଏକାଠି ହୋଇପାରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ନିରୀହ ଜନସାଧାରଣ ଯେପରି ଅଯଥାରେ ହଇରାଣ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ । ପୁଲିସ ସାଧାରଣ ଲୋକଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁ । ସେବା ସହିତ ସୁରକ୍ଷା ଓ ସାହାଯ୍ୟ ହେଉଛି ଓଡ଼ିଶା ପୁଲିସର ମୁଖ୍ୟ କାର୍ଯ୍ୟ ହେଉ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ । ସମ୍ମିଳନୀର ଶେଷଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲା ପୁଲିସ ଏସପିମାନଙ୍କୁ ୮ଟି ଟାସ୍କ ପ୍ରଦାନ କରିଛନ୍ତି । ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସେଗୁଡ଼ିକ ହେଲା, ଦଣ୍ଡବିଧାନ ହାର ବୃଦ୍ଧି ପାଇଁ ରଣନୀତି ପ୍ରସ୍ତୁତ କରିବା, ଥାନାକୁ ଆସୁଥିବା ସମସ୍ତ ଅଭିଯୋଗକୁ ଗ୍ରହଣ କରି ପଞ୍ଜିକୃତ କରିବା, ଏସପିମାନେ ନିୟମିତ ଥାନା ଗସ୍ତ କରିବା, ଦୁର୍ନୀତି ବିରୁଦ୍ଧରେ ଜିରୋ ଟଲେରେନ୍ସ ରଖିବା ସହ ନିଜେ ସଚ୍ଚୋଟ ରହିବା, ଥାନା ସ୍ତରୀୟ ଅଧିକାରୀଙ୍କୁ ନୂଆ ଭାରତୀୟ ନ୍ୟାୟ ସଂହିତା ଆଦି ବିଷୟରେ ପ୍ରଶିକ୍ଷଣ ଦେବା ଏବଂ ଅପରାଧୀଙ୍କ ଠାରୁ ଗୋଟିଏ ପାଦ ଆଗରେ ରହିବା ପାଇଁ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୬ ମସିହା ସୁଦ୍ଧା ଓଡ଼ିଶାକୁ ସଂପୂର୍ଣ୍ଣ ନକ୍ସଲ ମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ପୁଲିସକୁ ଟାର୍ଗେଟ୍ ଦେଇଛନ୍ତି । ଏହାସହିତ ରାଜ୍ୟରେ ବେଆଇନ ନିଶା କାରବାର, ଜମି ମାଫିଆ ଓ ଅର୍ଥନୈତିକ ଅପରାଧିକ କାରବାରକୁ ସଂପୂର୍ଣ୍ଣ ରୂପେ ଦମନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଦୁର୍ଘଟଣାପ୍ରବଣ ସ୍ଥାନରେ ଚେକିଙ୍ଗ୍ ଓ ପାଟ୍ରୋଲିଂ ବଢ଼ାଇବା ସହ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ କୋଷ୍ଟାଲ ସିକ୍ୟୁରିଟି ସହିତ ସମନ୍ୱୟ ରଖି କାମ କରିବାକୁ ପରାମର୍ଶ ଦେଇଛନ୍ତି । ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବା ଓ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟରେ ଶାନ୍ତି ଓ ସୁଶାସନର ପରିବେଶର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ମୁଖ୍ୟ ସଚିବ ମନୋଜ ଆହୁଜା କହିଥିଲେ ଯେ, ରାଜ୍ୟରେ ନୂଆ ସରକାର ଦାୟିତ୍ୱ ନେବା ପରେ ପୁଲିସରେ ବ୍ୟାପକ ଆଧୁନିକୀକରଣ କରାଯାଇଛି । ପୁଲିସରେ ମାନବସମ୍ବଳ ବୃଦ୍ଧି ଓ ସଂସ୍ଥାଗତ ସୁଦୃଢ଼ୀକରଣ ପାଇଁ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ରାୟଗଡ଼ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ

ରାୟଗଡ଼ା, ୧୯/୧୧ (ଆ.ପ୍ର) : ରାୟଗଡ଼ାର ସ୍ଥାନୀୟ ପିଏମଶ୍ରୀ ଜିସିଡି ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ ପ୍ରଦର୍ଶନୀ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ରାୟଗଡ଼ ବିଡିଓ ସୁଜିତ କୁମାର ମିଶ୍ର ଓ ଉଦଯାପନୀ ଉତ୍ସବରେ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନୀ ହୁଇକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବରେଣ୍ୟ ଅତିଥିରୂପେ ଏଡିଇଓ ଭଜନଲାଲ ମାଝୀ, ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଧାନ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଭୋଇ ଏବିଇଓ ଛବିଲାଲ ସିଂ ପ୍ରମୁଖ ମଂଚାସୀନ ଥିଲେ । ସାତଗୋଟି ବିଷୟବସ୍ତୁରେ ମୋଟ ୮୭ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଜୁନିୟରବର୍ଗରେ ୪୭ ସିନିୟର ବର୍ଗରେ ୪୦ ଜଣ ତଥା କୁଇଜ ପ୍ରତିଯୋଗିତାରେ ୧୫୪ ଜଣ ଅଂଶଗ୍ରହଣ କରିଥିଲେ । ଶିଶୁ ସୁଲଭ ପ୍ରକଳ୍ପ ଗୁଡିକ ଗବେଷଣାତ୍ମକ ଓ ଉଦ୍ଭାବନମୂଳକ ହୋଇଥିବାରୁ ଅଧିକ ଆକର୍ଷଣୀୟ ହୋଇପାରିଲା । ବିକଶିତ ଓ ଆତ୍ମନିର୍ଭରଶୀଳ ଭାରତ ଗଠନ ନିମନ୍ତେ ପ୍ରତି ବିଦ୍ୟାଳୟରେ କୁନି ବୈଜ୍ଞାନିକର ସନ୍ଧାନର ଆବଶ୍ୟକତା ରହିଛି । ପ୍ରକଳ୍ପ ପ୍ରସ୍ତୁତି ଓ ଉପସ୍ଥାପନ ଦ୍ୱାରା ଶିଶୁର ବୈଜ୍ଞାନିକ ମନୋବୃତିର ବିକାଶ ହେବାସହ ବୈଷୟିକ ଜ୍ଞାନ ବୃଦ୍ଧି ପାଇବ । ପ୍ରତିଟି ବିଷୟକୁ ଅନ୍ଧ ଭାବରେ ଗ୍ରହଣ ନକରି ପ୍ରାମାଣିକ ତଥ୍ୟ ଉପରେ ପର୍ଯ୍ୟବେସିତ ହେବେ । ଶିଶୁ ବିଷୟବସ୍ତୁକୁ ଘୋଷା ପରିବର୍ତେ ଅନୁସନ୍ଧିତ୍ସୁ ହେବେ ବୋଲି ଅତିଥିବୃନ୍ଦ ମତ ପୋଷଣ କରିଥିଲେ । ବିଜ୍ଞାନ ସତ୍ୟାସତ୍ୟ ସମ୍ବଳିତ ଯାହା ଭବିଷ୍ୟତରେ ବିକଶିତ ଓ ଆତ୍ମନିର୍ଭରଶୀଳ ଭାରତ ଗଠନରେ ସହାୟକ ହୋଇଥାଏ । ଅତିଥିବୃନ୍ଦ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡିକୁ ବୁଲି ଦେଖିବାସହ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ପ୍ରକଳ୍ପ ପ୍ରତି ପିଲାଙ୍କ ଧାରଣା ବିଷୟରେ ପଚାରି ବୁଝିଥିଲେ । ଏତେ ସୁନ୍ଦର ଧାରଣା ସମ୍ବଳିତ ପ୍ରକଳ୍ପ ମଧ୍ୟରୁ ଗୋଟିଏ ପ୍ରକଳ୍ପ ଚୟନ କଷ୍ଟସାଧ୍ୟ ଥିବା ଚୟନକର୍ତା ହୃଦବୋଧ କରିଥିଲେ । ଏଠାକାର ନୂତନ ଧାରଣା ଓ ଚିନ୍ତାଧାରା ପ୍ରତି ବିଦ୍ୟାଳୟ ସ୍ତରରେ ଯେପରି ପହଂଚିବ ସେଥିପ୍ରତି ଦୃଷ୍ଟିଦେବାକୁ ଏଡିଇଓ ଭଜନଲାଲ ମାଝୀ କହିଛନ୍ତି । ଶିକ୍ଷକ ନୀଳାଂଚଳ ମିଶ୍ର ଓ କିଶୋର କୁମାର ନାୟକ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ମାଧ୍ୟମରେ ଶିକ୍ଷକ ଓ ସି ଆରସିସି, ତାଡମା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଖୀରେଶ୍ୱର ପ୍ରଧାନ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ବରିଷ୍ଠ ନାଗରିକ ମ ପକ୍ଷରୁ ଆନ୍ତର୍ଜାତୀୟ ପୁରୁଷ ଦିବସ ପାଳିତ

ଜଗତସିଂହପୁର, ୧୯/୧୧ (ଆ.ପ୍ର) : ୧୯୯୯ରେ ତ୍ରିନିଦାଦ ଟୋବାଗୋର ଜଣେ ପ୍ରଫେସର ଡକ୍ଟର ଜେରୋମ୍ ତିଲକ ସିଂହ ଜନ୍ମଦିନ ପାଳନ କରିବା ପାଇଁ ଏକ ନୂଆ ଦିନର ଆରମ୍ଭ କରିଥିଲେ । ସେ ଏହିଦିନଟିର ନାମ ଦେଇଥିଲେ ଆନ୍ତର୍ଜାତୀୟ ପୁରୁଷ ଦିବସ । ଏହି ଦିବସର ଆଭିମୁଖ୍ୟ ହେଲା ପୁରୁଷମାନଙ୍କର ଅଧିକାର ପାଇଁ ସ୍ୱର ଉଠାଇବା । ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ଯୋଗଦେଇ ଅତିଥିମାନେ ଏହି କଥା କହିଛନ୍ତି । ପ୍ରଫୁଲ୍ଲ ପାଠାଗାର ଠାରେ ବରିଷ୍ଠ ନାଗରିକ ମ ର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ଏବେ ସାରା ବିଶ୍ୱରେ ପ୍ରାୟ ୬୦ରୁ ଅଧିକ ଦେଶରେ ପାଳନ କରାଯାଉଛି ପୁରୁଷ ଦିବସ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ଚନ୍ଦ୍ର ଶେଖର ରାୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ସଞ୍ଜୟ ସାମନ୍ତ ସିଂହାର, ସତ୍ୟବାଦୀ ସାହୁ ଓ ପ୍ରତାପ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପୁରୁଷମାନଙ୍କର ମାନସିକ ସ୍ୱାସ୍ଥ୍ୟ ଅସମାନତା ଅଧିକାର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେଇ ପୁରୁଷମାନଙ୍କୁ ସମାଜରେ ମୁଖ୍ୟଧାରାକୁ ଆଣିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଶେଷରେ ପାଠାଗାର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।

ଜି.ଉଦୟଗିରି ଲ୍ୟାମ୍ପରେ ୭୨ ତମ ସମବାୟ ସପ୍ତାହ ପାଳନ

ଜି.ଉଦୟଗିରି,୧୯/୧୧(ଆ.ପ୍ର) ସ୍ଥାନୀୟ ଲ୍ୟାମ୍ପ ସମବାୟ ସମିତି କାର୍ଯ୍ୟାଳୟ ଠାରେ ୭୨ ତମ ସମବାୟ ସପ୍ତାହ ପାଳନ କରାଯାଇଛି । କାର୍ଯ୍ୟକ୍ରମକୁ ଲ୍ୟାମ୍ପ ସମବାୟ ସମିତିର ସଭାପତି ଜନେଶ ଚନ୍ଦ୍ର ପ୍ରଧାନ ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ଗୁ.ଉଦୟଗିରି ଶାଖା ପରିଚାଳକ ଗିତିକା ଅଗ୍ରୱାଲ, ସରପଂଚ କଳିଙ୍ଗା ବର୍ଷି ମଲ୍ଲିକ, ସରପଂଚ ତଲାରିମାହା ବଳଭଦ୍ର କହଁର, ସରପଂଚ ଗ୍ରେସିଙ୍ଗିଆ କ୍ରିଷ୍ଟା ପ୍ରଧାନ, ସରପଂଚ ମଳିକାପଡ଼ି ଝରଣା ପ୍ରଧାନ, ଜିଲ୍ଲା ପରିଷଦ ଲିଲିମା ପ୍ରଧାନ ତଥା ଲ୍ୟାମ୍ପ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ । ଆତ୍ମ ନିର୍ଭର ଭାରତ ପ୍ରଗତି ପଥେ ସମବାୟ ବିଷୟ ବସ୍ତୁକୁ ନେଇ ଆଲୋଚନା ହୋଇଥିଲା । ଉପସ୍ଥିତ ଅତିଥିମାନେ ନିଜ ନିଜ ମତାମତ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଶିଶିର କାନ୍ତ ତ୍ରିପାଠୀ ପରିଚାଳନା କରିଥିବା ବେଳେ ହିସାବ ରକ୍ଷକ ପିତାମ୍ବର ସାହୁ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

ଯାଜପୁରରେ ବାଙ୍ଗାଲାଦେଶୀ ଖୋଜ

ଯାଜପୁର,୧୯/୧୧(ଆପ୍ର) : ଯାଜପୁର ରେ ବାଙ୍ଗାଲାଦେଶୀ ଖୋଜ ତଲାସରେ ଯାଜପୁର ପୋଲିସ । ଯାଜପୁର ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ବଡବଡ କୋଠାଘର ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିର୍ମାଣ କରୁଥିବା (ସରକାରୀ ହେଉ ବା ବେସରକାରୀ) ଶ୍ରମିକମାନେ କାମ ଅଭିଯାନରେ ସୁଦୂର ବାଙ୍ଗାଲାଦେଶରୁ ଲୁଚାଛପାରେ ଭାରତ ମଧ୍ୟରେ ବେଆଇନ୍ ଭାବେ ପ୍ରବେଶ କରି ଦିନରେ ଶ୍ରମିକ ଭାବେ କାମ କରୁଥିବା ବେଳେ, ରାତିରେ ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟକଳାପ ସହିତ ଦେଶ ଏବଂ ବିଭିନ୍ନ ରାଜ୍ୟ ମାନଙ୍କରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ଦେଖାଯାଏ । ଓଡ଼ିଶାରେ ମଧ୍ୟ ଏହି ଅନୁପ୍ରବେଶକାରୀ ମାନେ ମଶା ମାଛି ପରି ବ୍ୟାପୁଥିବା ସରକାରଙ୍କ ଦୃଷ୍ଟି ଆକର୍ଷଣ ହେଉଛି । ଯାହା ଫଳରେ ବିଭିନ୍ନ ଜିଲ୍ଲାରେ ଏହି ଅନୁପ୍ରବେଶକାରୀ ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏବଂ ଡିଜିପି ପ୍ରକାଶ କରିଛନ୍ତି । ଏହାକୁ ଆଧାର କରାଯାଇ ସମସ୍ତ ନିର୍ମାଣ କାର୍ଯ୍ୟ ହେଉଥିବା ସ୍ଥାନ ମାନଙ୍କରେ ରାତିରେ ଯାଜପୁର ପୋଲିସ ପକ୍ଷରୁ ଥାନା ଅଧିକାରୀ ଡିଏସପି ଶ୍ରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହି ଅଭିଯାନ ଆରମ୍ଭ ହୋଇଛି । ସମସ୍ତ ଶ୍ରମିକ ଶ୍ରେଣୀୟ, ଫେରି ବେପାରୀ ଲୋକମାନଙ୍କୁ ଥାନାକୁ ଅଣାଯାଇଛି । ସମସ୍ତଙ୍କ ଆଧାର କାର୍ଡ, ପେନ୍ କାର୍ଡ ଚେକ୍ କରାଯିବ ବୋଲି ଥାନା ଅଧିକାରୀ ଡିଏସପି ଶ୍ରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି । ଆଗକୁ ଏହି ଅଭିଯାନ ଜୋରଦାର କରାଯିବ ।

ଭାରତୀୟ ମଜଦୁର ସଂଘର ମହିଳା ନେତ୍ରୀଙ୍କ ପରଲୋକ

ଦଶପଲ୍ଲା ୧୯/୧୧(ଆ, ପ୍ର)ଭାରତୀୟ ମଜଦୁର ସଂଘର ନୟାଗଡ଼ ଜିଲ୍ଲାର ମହିଳା ନେତ୍ରୀ ତଥା ଅବସର ପ୍ରାପ୍ତ ଅଙ୍ଗନବାଡ଼ି ସୁପର ଭାଇଜର ଦଶପଲ୍ଲା ର ପ୍ରଭାସିନୀ ମିଶ୍ର (୬୨)ଙ୍କର ଗତ ରାତିରେ ହୃଦ୍ ଘାତରେ ପରଲୋକ ଘଟିଛି, ଦଶପଲ୍ଲା ସ୍ଥିତ ଲୁଣିବଗିଚା ବାସଭବନରେ ତାଙ୍କର ପରଲୋକ ଘଟିଥିଲା । ସେ ଜଣେ ଅଙ୍ଗନବାଡି କର୍ମୀଙ୍କ ଆଗ ଧାଡିରେ ନେତ୍ରୀ ଥିବା ସହିତ ଜନ ପ୍ରିୟ, ପରୋପକାର ମହିଳା ଥିଲେ । ତାଙ୍କ ମୃତ୍ୟୁରେ ଉକ୍ତ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା, ୩ଟି ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ

ଜଗତସିଂହପୁର, ୧୯/୧୧ (ଆ.ପ୍ର) : ସୋମବାର ଦିନ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଗନେଇଥିବା ଜୁନିଅର ଏବଂ ସିନିୟର ବିଭାଗରୁ ସମୁଦାୟ ୩୮ ଟି ପ୍ରକଳ୍ପ ମଧ୍ୟରୁ ୩ଟି ପ୍ରକଳ୍ପ ବ୍ଲକ୍ ସ୍ତରକୁ ମନୋନୀତ ହୋଇଥିଲା । ଏହି ମେଳାରେ ଡଃ ଜ୍ୟୋତିର୍ମୟୀ ମହାନ୍ତି ବିଚାରକ ଥିବାବେଳେ ଅପରାହ୍ନରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଡିଡି ବ୍ଲକର ଶରଂ ଶ୍ରୀଯୁକ୍ତ ମିହିର କୁମାର ପାଲ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରିୟା ପ୍ରିୟଦର୍ଶିନୀ ଅତିଥି ପରିଚୟ ଏବଂ ଶୁଭଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବିଜ୍ଞାନ ମେଳାର ସମସ୍ତ କାର୍ଯ୍ୟରେ ସସ୍ମିତା ଶତପଥୀ, ମିଲିବାଳା ଦାସ, ସମୀର ରଞ୍ଜନ ମହାପାତ୍ର, ସିପ୍ରା ଦାଶ, ବିଜୟଲକ୍ଷ୍ମୀ ଦାସ, ,ସୁଶ୍ରୀ ସଙ୍ଗୀତା ମହାପାତ୍ର, ବବିତା ପରିଡା, ଆଶାଲତା ଦାଶ, ରଶ୍ମିତା ଦାସ, କୃଷ୍ଣ ପ୍ରିୟା ବେହେରା, ଅନିତା ଆଚାର୍ଯ୍ୟ, କନକ ମଞ୍ଜରୀ ଲେଙ୍କା, ସୁଜିତ ସାହୁ, ପ୍ରମୋଦା ହରିଚନ୍ଦନ, ସ୍ୱାୟତିକା ସ୍ୱାଇଁ, ବାବା ଆଶ୍ରିତ ସାମନ୍ତରାୟ, ଚମ୍ପା ଦେବୀ ଆଦି ସହଯୋଗ କରିଥିଲେ । ଶେଷରେ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

ନୂଆପଡାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବିତରଣ ସମାରୋହ

ନୂଆପଡା, ୧୯/୧୧ (ଆ.ପ୍ର) : ନୂଆପଡା ରେ ଆଜି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବିତରଣ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ଡି ପି ଆର୍ ସି , ସିଳଦା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ନୂଆପଡା ବିଧାୟକ ଜୟ ଡାକ୍ଟର ଭାଇ ଢୋଲକିଆ ଯୋଗଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ, ନୂଆପଡା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଲ୍ କର୍ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଆବାହକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ଅତିଥି ମାନଙ୍କୁ ସ୍ୱାଗତ କରି ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଷାନ ସମ୍ମାନ ନିଧି ଯୋଜନାର ୨୧ ତମ କିସ୍ତି କୋଇମ୍ବାଟୁରରୁ ପ୍ରଦାନ କରିଥିବାର କାର୍ଯ୍ୟକ୍ରମ ଆଭାସି ମାଧ୍ୟମରେ ଏଠାରେ ପ୍ରଦର୍ଶିତ ହୋଇଥିଲା । ଦେଶର ୯ କୋଟି ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୮ ହଜାର କୋଟି ଟଙ୍କା ଆଜି ଦିଆଗଲା । ସେହିପରି ରାଜ୍ୟ କୃଷି ଭବନରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏଥିରେ ଯୋଡ଼ି ହୋଇଥିଲେ । ରାଜ୍ୟର ୩୪ ଲକ୍ଷ ରୁ ଅଧିକ ଚାଷୀ ଆଜି ୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ପାଇବେ । ନୂଆପଡା ଜିଲ୍ଲାର ୮୪,୧୫୪ ଜଣ ଚାଷୀ ମଧ୍ୟ ଏହି ଯୋଜନାରେ ଉପକୃତ ହେବେ । ସୂଚନାଯୋଗ୍ୟ ଯେପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ହେଉଛି ଏକ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଯୋଜନା ଯାହା ୨୪.୦୨.୨୦୧୯ ରେ ଆରମ୍ଭ ହୋଇଥିଲା । ଏହାର ଉଦ୍ଦେଶ୍ୟ ହେଲା ଚାଷୀ ପରିବାରର ଆୟ ବୃଦ୍ଧି କରିବା । ଚାଷୀମାନଙ୍କୁ ଉପଯୁକ୍ତ ଫସଲ ସ୍ୱାସ୍ଥ୍ୟ ଏବଂ ଉପଯୁକ୍ତ ଅମଳ ସୁନିଶ୍ଚିତ କରିବା ପାଇଁ ସମ୍ବଳ ସଂଗ୍ରହ କରିବାକୁ ସଶକ୍ତ କରିବା । ଖର୍ଚ୍ଚ ପୂରଣ ପାଇଁ ଚାଷୀମାନଙ୍କୁ ସୁଧଖୋର୍ ମହାଜନଙ୍କ ଶିକାର ହେବାରୁ ରକ୍ଷା କରିବା । ଜମିର ପରିମାଣ ନିର୍ବିଶେଷରେ ସମସ୍ତ ଚାଷୀ ପରିବାର ଏହା ପାଇବେ । ଏକକ କିମ୍ବା ମିଳିତ ଭାବରେ ଚାଷୀ ଜମି ମାଲିକ ହେବା ଆବଶ୍ୟକ । ଆବଶ୍ୟକ ଜମି ବିବରଣୀ ସୂଚନା ଦେଇ ଜଣେ ଚାଷୀ ନିଜ ନାମ ପଞ୍ଜୀକରଣ କରି ପାରିବେ ଝଏହି ଯୋଜନାରେ ମୁଖ୍ୟମନ୍ତ୍ରୀ କିଷାନ ସହାୟତା ପାଉଥିବା ଚାଷୀ ମାନଙ୍କ ସହିତ ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କୁ ୩ଟି କିସ୍ତିରେ ବାର୍ଷିକ ୬୦୦୦ ଟଙ୍କା ମିଳୁଛି । ଯୋଗ୍ୟ ହିତାଧିକାରୀ ଚାଷୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ସିଧା ସଳଖ ଏହି ଟଙ୍କା ଯାଉଛି । ଆଜିର ଏହି ସମାରୋହରେ ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା, ଏ ଡି ଓ ଖଡିଆଳ ସୋମନାଥ ମହାପାତ୍ର,ଏସ ଡି ଭି ଓ, ଡଃ କିଶୋର କୁମାର ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ କୃଷି ବିଭାଗର ସମସ୍ତ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକର ଶତାଧିକ ମହିଳା ଓ ପୁରୁଷ ଚାଷୀ ଏହି ସମାରୋହରେ ସାମିଲ୍ ହୋଇଥିଲେ

ନବରଙ୍ଗପୁର ଜିଲ୍ଲାରେ ପିଏମ କିସାନ ଯୋଜନାରେ କୃଷକ ମାନଙ୍କୁ ୨୧ ତମ ସହାୟତା ପ୍ରଦାନ

ନବରଙ୍ଗପୁର:୧୯/୧୧(ଆ.ପ୍ର):ଦେଶର କୃଷକମାନଙ୍କ କଲ୍ୟାଣ ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ପିଏମ କିସାନ୍' ଯୋଜନା ଅଧୀନରେ ୨୦୨୫-୨୬ ବର୍ଷ ପାଇଁ ୨୧ତମ ସହାୟତା ଅର୍ଥବିତରଣ କାର୍ଯ୍ୟକ୍ରମ ଆଜି ନବରଙ୍ଗପୁର ମିଶନ୍ ଶକ୍ତି ସମ୍ମିଳନୀ କକ୍ଷ ଏବଂ ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ଠାରେ ସଫଳତାର ସହ ଆୟୋଜିତ ହୋଇଥିଲା । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁର କୋଏମ୍ବାଟୁରରୁ ସିଧା ପ୍ରସାରଣ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଜାତୀୟ ଉଦଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝି ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତପନ କୁମାର ଖୁଂଟିଆ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେମାନେ କୃଷକମାନଙ୍କୁ ଶୁଭେଚ୍ଛା ଜଣାଇ, ପିଏମ-କିସାନ୍ ଯୋଜନା କୃଷକମାନଙ୍କ ଆର୍ଥିକ ସଶକ୍ତିକରଣରେ ମହତ୍ୱପୂର୍ଣ୍ଣ ଭୂମିକା ନେଉଥିବା ବୋଲି ଉଲ୍ଲେଖ କରିଥିଲେ । ନବରଙ୍ଗପୁର, ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଂଟି ବ୍ଲକର ସର୍ବମୋଟ ୧୦୦ ଜଣ କୃଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସେଇଭଳି ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ 'ପି ଏମ କିସାନ୍' ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝି ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି କୃଷକ ମାନଙ୍କୁ ଏହି ଅର୍ଥ ସହାୟତା କୃଷିର ଉନ୍ନତିରେ ନିଶ୍ଚୟ ସହାୟକ ହେବ ବୋଲି କହିଥିଲେ । ମାନ୍ୟବର ସାଂସଦଙ୍କ ସମେତ କୁଞ୍ଜ ବିହାରୀ ଦାସ, ଶ୍ରୀମତୀ ବାସନ୍ତୀ ମାଝୀ, ରାମ ନାୟକ ଓ କୃଷି ଅଧିକାରୀ ଉପସ୍ଥିତ ଥିଲେ ।ଜିଲ୍ଲାର ୧୦୪୦୯୩ ଜଣ କୃଷକଙ୍କ ଜମା ଖାତାକୁ ପ୍ରତ୍ୟେକ ୨୦୦୦ ଟଙ୍କା ହିସାବରେ ମୋଟ ୨୦ କୋଟି ୮୧ ଲକ୍ଷ ୮୬ ହଜାର ଟଙ୍କା ଆଜି ଜମା ହୋଇଛି । ଏହି ଅର୍ଥ ସହାୟତା ପାଇବା ଫଳରେ ଜିଲ୍ଲାର କୃଷକମାନେ ନୂତନ ଉତ୍ସାହ, ଆଶା ଓ ଏକ ସୁନ୍ଦର କୃଷି ଭବିଷ୍ୟତ ପାଇଁ ପ୍ରେରଣା ସହିତ ଚାଷକାମରେ ଲାଗିପାରିବେ ବୋଲି ମତବ୍ୟକ୍ତ ହୋଇଛି । ମିଶନ ଶକ୍ତି ସମ୍ମିଳନୀ ଗୃହ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଡିଆଇପିଆର୍ ଓ ମନୋଜ ବେହେରା, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ବେହେରା, ସମସ୍ତ ବ୍ଲକ୍ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

CAD 2342

OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK

E-mail: eelidbdk@gmail.com

E-Procurement Notice

Bid Identification No. E-04/2025-26 (3373)/OLIC (BDK)/ Dt. 03.11.2025

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having **EXPERIENCE** in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

1.	Number of Projects	65 Nos. L.I. Ps (BKVY) for the year 2025-26
2.	Estimated Cost	Rs. 23.69 Lakh to Rs. 24.15 Lakh
3.	Cost of Tender Paper	Rs. 7080/- (including GST @ 18%) as mentioned against each L.I Project through online mode as mentioned in DTCN
4.	Date and Time of Publication	Dt. 21.11.2025 from 11.00 AM
5.	Date & Time of Closing with Seeking Clarification	Dt. 29.11.2025 up to 5.00 PM
6.	Date & Time of Opening of Bid	Dt. 01.12.2025 at 11.00 AM
7.	The bidders have to participate in online bidding only as per Codal provision.	

Further details can be seen from the website www.tendersorissa.gov.in.
Addendum/corrigendum/cancellation of tender if any can be seen in the said website.

Sd/-
Executive Engineer

ଶକ୍ତିକରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତିପାଇଁ ଇ-ନିଲାମ ନୋଟିସ୍

ଦକ୍ଷିଣ ପୂର୍ବ ରେଳବାଇର ନିମ୍ନଲିଖିତ ସେକ୍ସନର ସମାପ୍ତ ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି ଯେ ୨୫୦୦୦ ଭୋଲ୍ଟ, ୫୦Hz., ac ଓଭରହେଡ୍ ଟ୍ରାକ୍ସନ୍ ତାରଗୁଡ଼ିକୁ ସେକ୍ସନ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ତାରିଖରେ କିମ୍ବା ତା'ପରେ ଶକ୍ତିଶାଳୀ କରାଯିବ । ସେହି ତାରିଖରୁ ଏବଂ ସେହି ସମୟରେ ଓଭରହେଡ୍ ଟ୍ରାକ୍ସନ୍ ଲାଇନକୁ ସର୍ବଦା ଲାଇଭ୍ ଭାବରେ ବିବେଚନା କରାଯିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ଲାଇନ ପାଖରେ ପହଂଚିବେ ନାହିଁ କିମ୍ବା କାମ କରିବେ ନାହିଁ । **କ୍ର ନଂ-୧. ସେକ୍ସନ:** ବାଙ୍କେଶ୍ୱରରୁ ସୋରୋ ପର୍ଯ୍ୟନ୍ତ ନୂତନ ନିର୍ମିତ ତୃତୀୟ ଲାଇନ । **କିମି/ଚେନେଜ ଠାରୁ:** କିମି ୨୨୯/୧୯A (Ch: ୨୨୯/୪୦୬.୫୦). **ପର୍ଯ୍ୟନ୍ତ:** କିମି ୨୬୩/୨୧ଇ (Ch: ୨୬୩/୫୬୫.୫୦). **ଶକ୍ତିକରଣ ତାରିଖ:** ୩୧.୧୨.୨୦୨୫ । **କ୍ରମ ସଂଖ୍ୟା-୨ । ବିଭାଗ:** ନବନିର୍ମିତ ଖଡାପାଡ଼ା/SSP । **କିଲୋମିଟର/ଚେନେଜ୍- ଠାରୁ:** KM ୨୪୬/୨୬ (Ch: ୨୪୬/୬୨୮.୫୦) । ପର୍ଯ୍ୟନ୍ତ: KM ୨୪୬/୨୮ (Ch: ୨୪୬/୬୮୭.୦୦) । **ଶକ୍ତିକରଣ ତାରିଖ:** ୩୦.୧୧.୨୦୨୫ । **କ୍ରମ ସଂଖ୍ୟା-୩** । ବିଭାଗ: ଫିଡର ଲାଇନ । **କିମି/ଚେନେଜ୍ ଠାରୁ:** KM ୨୪୬/୨୬ (Ch: ୨୪୬/୬୨୮.୫୦) । କୁ: KM ୨୪୭/୩୨ (Ch:୨୪୭/୮୭୪.୫୦) ।ଶକ୍ତି କରଣ ତାରିଖ: ୩୦.୧୧.୨୦୨୫ ।

AC୨୫kV ଟ୍ରାକ୍ସନର ପରିଚୟ
'ରାସ୍ତା ବ୍ୟବହାରକାରୀଙ୍କ ପାଇଁ ସତର୍କତା'

ଜନସାଧାରଣଙ୍କ ସୂଚନା ପାଇଁ ସୂଚିତ କରାଯାଉଛି ଯେ ଦକ୍ଷିଣ ପୂର୍ବ ରାଇଲ୍ୱେର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଙ୍କେଶ୍ୱରରୁ ସୋରୋ ସେକ୍ସନ ପର୍ଯ୍ୟନ୍ତ ନବନିର୍ମିତ ତୃତୀୟ ଲାଇନରେ ୨୫KV AC ବୈଦ୍ୟୁତିକ ଟ୍ରାକ୍ସନ ପ୍ରଚଳନ ସମ୍ପର୍କରେ, ସମସ୍ତ ଲେଭଲ କ୍ରସିଂରେ **ଉଚ୍ଚତା ଗେଜ ସ୍ଥାପନ** କରାଯାଇଛି ଯାହା ରାସ୍ତା ସ୍ତରଠାରୁ **ସ୍ପଷ୍ଟ ସର୍ବାଧିକ ଉଚ୍ଚତା ୪.୬୮** ମିଟର ଉଚ୍ଚତା ସହିତ ଅତ୍ୟଧିକ ଉଚ୍ଚତାର ଭାରକୁ ସଂସ୍ପର୍ଶରେ ଆସିବାରୁ କିମ୍ବା ଲାଇଭ୍ ଟ୍ରାକ୍ସନ ତାର (**କଂଟ୍ରାକ୍ଟ ୱାୟାର**) **ସହିତ ବିପଦପୂର୍ଣ୍ଣ ନିକଟତାରୁ ରକ୍ଷା କରିବା ପାଇଁ, ଯାହା ଲେଭଲ କ୍ରସିଂରେ ରେଳ** ସ୍ତରଠାରୁ ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ । ଜନସାଧାରଣଙ୍କୁ ଏଠାରେ ସୂଚିତ କରାଯାଉଛି ଯେ ଯାନବାହାନ ଲୋଡ୍ କରିବା ପାଇଁ ଉପରେ ନିର୍ଦ୍ଦିଷ୍ଟ ଉଚ୍ଚତା ପାଳନ କରନ୍ତୁ ଏବଂ ଦେଖନ୍ତୁ ଯେ ରାସ୍ତା ଯାନରେ ବହନ କରାଯାଉଥିବା ଭାର କୌଣସି ପରିସ୍ଥିତିରେ ଉଚ୍ଚତା ମାପକକୁ ଉଲ୍ଲଂଘନ କରୁନାହିଁ । ଅତ୍ୟଧିକ ଉଚ୍ଚତାର ଭାରର ବିପଦଗୁଡ଼ିକ ନିମ୍ନଲିଖିତ:- (୧) ଉଚ୍ଚତା ମାପକ ପ୍ରତି ବିପଦ ଏବଂ ଫଳସ୍ୱରୂପ ରାସ୍ତା ଏବଂ ରେଳ ଲାଇନରେ ବାଧା ସୃଷ୍ଟି । (୨) ସମ୍ପାଦିତ ସାମଗ୍ରୀ କିମ୍ବା ଉପକରଣ କିମ୍ବା ଯାନ ପ୍ରତି ବିପଦ । (୩) କଣ୍ଡକ୍ଟର ସହିତ ସମ୍ପର୍କ କିମ୍ବା ବିପଦପୂର୍ଣ୍ଣ ନିକଟତା ଯୋଗୁଁ ଅଗ୍ନିକାଣ୍ଡର ବିପଦ ଏବଂ ଜୀବନ ପ୍ରତି ବିପଦ ।

(PR-850) ଡିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (କଂ),ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହସି ହସି ସେବା କରୁ

ବଣାଇଁ ଉପଖଣ୍ଡର ବରିଷ୍ଠ ସାମ୍ବାଦିକଙ୍କ ପିତୃ ବିୟୋଗ

ବଣାଇଁ,୧୯/୧୧(ଆ.ପ୍ର): ବଣାଇ ଉପଖଣ୍ଡ ଲହୁଣୀପଡ଼ା ବ୍ଲକରେ କାର୍ଯ୍ୟରତ 'ସମାଜ' ଖବରକାଗଜର ସାମ୍ବାଦିକ କୁମାର ଗୌତମ ବାରିକଙ୍କ ପିତା ଯୋଗେଶ୍ୱର ବାରିକ (ବୟସ ୧୦୦) ଗତ କାଲି ରାତିରେ ପରଲୋକିତ ହୋଇଥିବା ଖବର ପ୍ରାପ୍ତି ହୋଇଛି । ସେ ବଣାଇ ଅଂଚଳର ଜଣେ ବରିଷ୍ଠ ପାଲା ଓ ଦାସକାଠିଆ କଳାକାର ଭାବେ ଜଣାଶୁଣା ଥିଲେ ଏବଂ କଳାଜଗତରେ ସୁନାମ ଅର୍ଜନ କରିଥିଲେ । ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ବ୍ୟକ୍ତିତ୍ୱ ଥିବାରୁ ସେ ଅଂଚଳରେ ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ । ବୟସାଧିକତା ଜନିତ ଅସୁସ୍ଥତାରେ ଗତ କିଛି ଦିନ ଧରି ସେ ଘରେ ଚିକିତ୍ସାଧୀନ ଥିଲେ । ଗତ କାଲି ଅର୍କେଇକଳା ସ୍ଥିତ ନିଜ ବାସଭବନରେ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ । ପରଲୋକ ସମୟରେ ତାଙ୍କ ୩ ପୁଅ, ବୋହୂ, ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ଯୋଗେଶ୍ୱର ବାରିକଙ୍କ ପରଲୋକରେ ସମଗ୍ର ବଣାଇ ଅଂଚଳରେ ଶୋକଛାୟା ଖେଳିଥିଲା । ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରକୁ ପହଂଚି ଶେଷ ଦର୍ଶନ କରିଥିଲେ ଏବଂ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଗତକାଲି ପୂର୍ବାହ୍ନ ୧୦ଟା ସମୟରେ ନିଜ ଗ୍ରାମ ସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ପୁତ୍ର ଗୋକୁଳାନନ୍ଦ ବାରିକ ମୁଖାଗ୍ନି ଦେଇଥିଲେ ।

ନିଆରା ଢଙ୍ଗରେ ସାଂସଦଙ୍କ ଜନ୍ମଦିନ ପାଳନ କଲା ସୁଜିତ କୁମାର ଫ୍ୟାନ କ୍ଲବ

ଭବାନୀପାଟଣା, ୧୯/୧୧ (ଅ.ପ୍ର) : ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ଆଜି ଜନ୍ମଦିନ ଥିବାବେଳେ ଏହାକୁ ନିଆରା ଢଙ୍ଗରେ ପାଳନ କରିଛି ସୁଜିତ କୁମାର ଫ୍ୟାନ କ୍ଲବ । କିଛିଦିନ ହେଲା କଳାହାଣ୍ଡି ଜିଲ୍ଲାରେ ପ୍ରବଳ ଶୀତ ଲହରି ଅନୁଭୂତ ହେଉଥିବାବେଳେ ଏହି ସମୟରେ ପାହାଡିଆ ତଥା ଗ୍ରାମାଂଚଳରେ ଗରିବ, ଅସହାୟ, ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ଅସୁସ୍ଥ ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୁଜିତ କୁମାର ଫ୍ୟାନ କ୍ଲବର ସଦସ୍ୟମାନେ ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଂଚାୟତର ଦୁର୍ଗମ ନକଟି ବିଜେପୁର ଗାଁକୁ ଯିବା ସହିତ ସେଠାକାର ଅସହାୟ ବୃଦ୍ଧବୃଦ୍ଧା, ଗର୍ଭବତୀ, ପ୍ରସୂତି ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପ୍ରବଳ ଶୀତ ବାଉରୁ ରକ୍ଷା କରିବାକୁ କମ୍ବଳ ବଂଟନ କରିଛନ୍ତି । ଫ୍ୟାନ କ୍ଲବର ପ୍ରମୁଖ କର୍ମକର୍ତା ଚିନ୍ମୟ ମିଶ୍ର, ମିତ୍ରଜିତ ସିଂହ, ମନୋଜ ନାଏକ, ସୁଶୀଲ ସାହୁ, ନରେଶ ସୁନାନୀଙ୍କ ସହିତ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ ଓ ଭଟାଙ୍ଗପଦର ସମିତିସଦସ୍ୟ ରୂପେନ୍ଦ୍ର ଛତ୍ରିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପ୍ରାୟ ଦଶ କିମି ଦୁର୍ଗମ ପାହାଡ଼ିଆ ରାସ୍ତା ଅତିକ୍ରମ କରି ସେମାନେ ନକଟି ବିଜେପୁର ଗାଁରେ ଥିବା ୧୭ଗୋଟି ପରିବାରର ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ସେମାନେ କମ୍ବଳ ବଂଟନ କରିଥିଲେ । ସାଂସଦଙ୍କ ଜନ୍ମଦିନରେ ତାଙ୍କ ଫ୍ୟାନ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ନିଆଯାଇଥିବା ଏହି ନିଆରା ପଦକ୍ଷେପକୁ ବିଭିନ୍ନ ମହଲରେ ବେଶ ପ୍ରଶଂସା କରାଯାଉଛି ।

ସେଥୋ
ଆରମ୍ଭ
SEITHO ARAMBHA

ସିପିଆଇର ଶତବାର୍ଷିକୀ ପାଳନ ପାଇଁ ଅଭ୍ୟର୍ଥନା କମିଟି ଗଠିତ

ବାଲେଶ୍ୱର, ୧୯/୧୧ (ଆ.ପ୍ର) : ପଦ୍ମଆପଦାସ୍ଥିତ ଭଠାଜନସେବକ କର୍ମଚାରୀ ଭବନରେ ବରିଷ୍ଠ ଆଇନଜୀବୀ ତଥା କମ୍ୟୁନିଷ୍ଟ ନେତା ଶମ୍ଭୁନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର କମ୍ୟୁନିଷ୍ଟ ପାର୍ଟି ତଥା ଶୁଭେଚ୍ଛୁମାନଙ୍କର ବୈଠକ ଅନୁଷ୍ଠିତ ହୋଇ ସିପିଆଇର ଶତବାର୍ଷିକ ପାଳନ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହୋଇଛି । ସ୍ୱାଧୀନତା ସଂଗ୍ରାମର ଅଗ୍ନିଗର୍ଭମଧ୍ୟରୁ ୧୯୨୫ ମସିହା ଡିସେମ୍ବର ୨୬ରେ ଜନ୍ମଲାଭ କରିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଚଳିତବର୍ଷ ସମଗ୍ର ଭାରତବର୍ଷରେ ଶତବାର୍ଷିକ ପାଳିତ ହେଉଅଛି । ସେହି ପରିପ୍ରେକ୍ଷୀରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲା ମିଳିତ ଭାବେ ଆସନ୍ତା ଡିସେମ୍ବର ୧୮ ତାରିଖରେ ବାଲେଶ୍ୱର ସହରର ଗାନ୍ଧୀସ୍ମୃତି ଭବନରେ ଶତବାର୍ଷିକୀ ପାଳିତ ହେବ । ଉକ୍ତଦିନ ବାଲେଶ୍ୱର ରେଳଷ୍ଟେସନରୁ ସହସ୍ରାଧିକ କର୍ମୀମାନଙ୍କର ଶୋଭାଯାତ୍ରା ବାହାରି ଗାନ୍ଧୀସ୍ମୃତି ଭବନରେ ପହଞ୍ଚିବା ପରେ ସମାରୋହ ଅନୁଷ୍ଠିତ ହେବ । ପରାଧୀନ ଭାରତବର୍ଷରେ କମ୍ୟୁନିଷ୍ଟମାନଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଓ ଅବଦାନ ସଂପର୍କରେ ଏକ ସ୍ମରଣିକା ପ୍ରକାଶ କରାଯିବ । ସ୍ୱାଧୀନତା ପରେ ସଂସଦ, ବିଧାନସଭା ଏବଂ ରାଜରାସ୍ତାରେ ଖଟିଖିଆ, ଚାଷୀ, ଛାତ୍ର, ଯୁବକ, ଆଦିବାସୀ, ଦଳିତ ଓ ମହିଳାମାନଙ୍କ ସ୍ୱାର୍ଥ ସୁରକ୍ଷା ନିମିତ୍ତ କମ୍ୟୁନିଷ୍ଟ ପାର୍ଟି ଅହରହ ସଂଗ୍ରାମ ଜାରି ରଖିଛି । ସମ୍ପ୍ରତି ଦେଶରେ ସାମ୍ପ୍ରଦାୟିକ ଓ ଫାସୀବାଦୀ ଶକ୍ତି ଭାରତୀୟ ନଷ୍ଟ କରିବା, ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକୁ କବ୍ଜା କରି ଗଣତନ୍ତ୍ରକୁ ଫାର୍ସରେ ପରିଣତ କରିବା ଉଦ୍ୟମକୁ ପ୍ରତିହତ କରିବାକୁ କମ୍ୟୁନିଷ୍ଟମାନେ ଲଗାତର ସଂଗ୍ରାମ ଚଳାଇ ଆସିଛନ୍ତି । ନବ୍ୟଉଦାରବାଦ ଅର୍ଥନୀତି ଦ୍ୱାରା ମୁଷ୍ଟିମେୟ କର୍ପୋରେଟମାନଙ୍କ ପାଦତଳେ ଏବର ସରକାରମାନେ ଦେଶର ଖଣି, ପାଣି, ଜମି, ଜଙ୍ଗଲ, ସମୁଦ୍ର ସମର୍ପଣ କରିଅଛନ୍ତି । ଶତବାର୍ଷିକୀ ପାଳନ ଅବସରରେ ଦେଶର ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସମାନତା ପାଇଁ ଲଢ଼ାଇ କରିଥିବା ନେତୃତ୍ୱଙ୍କୁ ମନେପକାଇ ଦେଶର ସ୍ୱାର୍ଥପାଇଁ ଆଗାମୀ ଦିନରେ ଶ୍ରେଣୀ ସଂଗ୍ରାମକୁ ବଳଶାଳୀ କରିବାକୁ ହେବ ବୋଲି ରାଜ୍ୟ ପରିଷଦର ସହସଂପାଦକ ଜୟନ୍ତ ଦାସ ଓ ବାଲେଶ୍ୱର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ ବକ୍ତବ୍ୟ ରଖିଥିଲେ । ସମାରୋହର ସଫଳତା ପାଇଁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଶମ୍ଭୁନାଥ ମହାନ୍ତି, କାର୍ଯ୍ୟକାରୀ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପଣ୍ଡା, କରୁଣାକର ପରିଡ଼ା ଓ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସାଧାରଣ ସଂପାଦକ ଭାଗବତ ପ୍ରତିହାରୀ, ଉପ-ସାଧାରଣ ସଂପାଦକ ଜଗବନ୍ଧୁ ମିଶ୍ର ଓ ଗୌରାଙ୍ଗ ପାଣିଗ୍ରାହୀ, ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଓ ବନ୍ଦନା ବିଶ୍ୱାସ ଏବଂ ଶ୍ୟାମସୁନ୍ଦର ଜେନାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯିବା ସହ ତିନୋଟି ଜିଲ୍ଲାରୁ ୧୦ଜଣଙ୍କୁ ସଂପାଦକଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ପୃଷ୍ଠପୋଷକ ସଦସ୍ୟ ଭାବେ ବହୁ ବୁଦ୍ଧିଜୀବୀ ଓ କେତେକ ଗଣସଂଗଠନର ମୁଖ୍ୟମାନଙ୍କୁ ମନୋନୀତ କରାଯାଇଛି । ଶତବାର୍ଷିକୀ ସମାରୋହର ସଫଳତା ପାଇଁ ତିନୋଟି ଜିଲ୍ଲାରୁ ପାର୍ଟିର ସାଥୀ, ସମର୍ଥକ ଓ ଶୁଭେଚ୍ଛୁମାନେ ସେମାନଙ୍କର ପ୍ରସ୍ତାବ ରଖିଥିଲେ । ଭଦ୍ରକ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ମୟୂରଭଞ୍ଜ ଜିଲ୍ଲା ସଂପାଦକ ଜଗବନ୍ଧୁ ମିଶ୍ରଙ୍କ ସମେତ ନିରଞ୍ଜନ ବାରିକ, କୈଳାସ ଚନ୍ଦ୍ର ପଣ୍ଡା, ମାୟାଧର ନାୟକ, ଜୟନ୍ତ ମହାନ୍ତି, ଆଇନଜୀବୀ ମନୋଜ ନାୟକ ଓ ଶାନ୍ତନୁ ଦାସ, ଅଧ୍ୟାପକ ପ୍ରଭାତ ମିଶ୍ର, କୃଷକନେତା ଅରୁଣ ଜେନା, ସମାଜସେବୀ ସୁଦର୍ଶନ ଜେନା, ନାରାୟଣ ତ୍ରିପାଠୀ, ପରମେଶ୍ୱର ମହାନ୍ତ, ଦେବାଶିଷ ସିଂ, କାହ୍ନୁ ବେହେରା, ପୁରୁଷୋତ୍ତମ ସେଠୀ, ଛାତ୍ରନେତା ମନୋରଞ୍ଜନ ରାଉତ, ରମେଶ ଚନ୍ଦ୍ର ଜେନା, ସୁରେନ୍ଦ୍ର ନାଥ ପଣ୍ଡା, ବଳରାମ ମୁର୍ମୁ, ଗୌରହରି ମିଶ୍ର, ହୃଷିକେଶ ସାହୁ, ଦିଲ୍ଲୀପ ନାୟକ, ବିଜୟ ସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସୁଚିନ୍ତିତ ମତାମତ ଓ ବିଭିନ୍ନ ପରାମର୍ଶ ଦେଇଥିଲେ । ପରିଶେଷରେ ବର୍ଷୀୟାନ୍ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶ୍ୟାମସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶରତ ଦଳେଇ ଓ ଯତୀନ୍ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

୮୭ ଲିଟର ମଦ ସହିତ ୪ ଗିରଫ

ଭୋଗରାଇ, ୧୯/୧୧ (ଆ.ପ୍ର) : ଦିନକୁ ଦିନ ଭୋଗରାଇରେ ମଦ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି । ଏନେଇ ବାଲେଶ୍ୱର ଜିଲ୍ଲା ଭୋଗରାଇ ଅବକାରୀ ଥାନା ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୮୭ ଲିଟର ଦେଶୀ ମହୁଲି ଚୋରା ମଦ ସହିତ ୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି । ଭୋଗରାଇ ବ୍ଲକ ଅନ୍ତର୍ଗତ ଜୟରାମପୁର ଗ୍ରାମର ଦୀପକ ସାମଲ ପାଖରୁ ୨୨ ଲିଟର, ଲକ୍ଷ୍ମୀପାଟଣା ଗ୍ରାମର ମନୋଜ ମିର୍ଦ୍ଧା ପାଖରୁ ୨୩ ଲିଟର, ସରସ୍ୱତୀପୁର ଗ୍ରାମର ଲକ୍ଷ୍ମୀ ମାଝୀ ପାଖରୁ ୨୨ ଲିଟର ଓ ସରସ୍ୱତୀପୁର ଗ୍ରାମର ଗୀତାଞ୍ଜଳି ମାଝୀ ପାଖରୁ ୨୦ ଲିଟର ମଦ ଜବତ କରିଛି ଭୋଗରାଇ ଅବକାରୀ ବିଭାଗ । ଏନେଇ ଅବକାରୀ ଥାନା କେସ ନଂ ୧୪୭/୨୫-୨୬, ୧୪୮/ ୨୫-୨୬, ୧୪୪/୨୫-୨୬, ୧୪୯/୨୫-୨୬ ଓ ୧୫୦/ ୨୫-୨୬ ରେ ମାମଲା ରୁଜୁ ହୋଇଛି । ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ ।

୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

ବ୍ରହ୍ମପୁର, ୧୯/୧୧ (ଆ.ପ୍ର) :ସ୍ଥାନୀୟ ଟାଉନ ହଲ ଠାରେ ମହାସମାରୋହରେ ପାଳନ ହୋଇଯାଇଅଛି । ଅଦ୍ୟ ସମାରୋହରେ ଶ୍ରୀଯୁକ୍ତ ଅଗସ୍ତି ବେହେରା, ବିଧାୟକ, ଛେଣ୍ଡିପଦା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଶ୍ରୀଯୁକ୍ତ ବେହେରା ସମବାୟ ର ଉନ୍ନତି କରଣ କ୍ଷେତ୍ରରେ ସରକାର ବିଭିନ୍ନ ନୂତନ ପଦକ୍ଷେପ ଗୁଡ଼ିକ ନେଇଥିବା ସହିତ କିଭଳି ସମବାୟ ମାଧ୍ୟମରେ ଚାଷୀମାନଙ୍କ ର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ତାହା ଆଲୋକପାତ କରିଥିଲେ । ଏହା ସହିତ ସେ ପ୍ରତି ଗ୍ରାମ ପଂଚାୟତରେ କିଭଳି ଗୋଟିଏ ଲେଖା ପ୍ରାଥମିକ କୃଷି ସମବାୟ ସମିତି ଗଠନ କରାଯିବ ସେ ଦିଗରେ ସରକାର ପଦକ୍ଷେପ ନେଇଥିବା ସଭାରେ ଉଲ୍ଲେଖ କରିଥିଲେ ।ଏହା ସହିତ ମୁଖ୍ୟ ବକ୍ତା ଭାବେ ପ୍ରଫେସର ଶାନ୍ତନୁ ସର ପୂର୍ବତନ ଅଧ୍ୟକ୍ଷ ଅନୁଗୁଳ ମହାବିଦ୍ୟାଳୟ ଯୋଗଦେଇ ଗୁଜୁରାଟ ମଡେଲରେ ସମବାୟ ସମିତି ଗଠନ ଦିଗରେ କାର୍ଯ୍ୟ କରିବା ନିମନ୍ତେ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିଲେ । ସେ ଅମୁଲର କିଭଳି ବ୍ୟବସାୟିକ ଅଭିବୃଦ୍ଧି ଘଟି ବିଶ୍ୱରେ ଏକ ନଂ ଭାବେ ଉଭା ହୋଇପାରିଛି ତାହା ବୈଠକରେ ତାଙ୍କ ଅଭିଭାଷଣରେ ଜଣାଇଥିଲେ । ସେହିପରି ସମ୍ମାନନୀୟ ବକ୍ତା ଭାବରେ ଶ୍ରୀଯୁକ୍ତ ଧରଣୀଧର ନାଥ, ପୂର୍ବତନ ବରିଷ୍ଠ ପ୍ରଶାସକ, ସମବାୟ ଆନ୍ଦୋଳନର ଆରମ୍ଭ ଏବଂ ଆଜିର ଦିନରେ ଏହା କିଭଳି ସଶକ୍ତ ହୋଇ ପାରିଛି ତାଙ୍କ ଅଭିଭାଷଣରେ ଜଣାଇଥିଲେ । ତତ୍ ସହିତ ଉଦୟନାଥ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ, ଅନୁଗୁଳ ସମବାୟ ସମିତି ମାଧ୍ୟମରେ କିଭଳି ବିଭିନ୍ନ ପ୍ରକାର ସେବା ଗୁଡ଼ିକ ଏକକ କେନ୍ଦ୍ରରେ ଉପଲବ୍ଧ ହେଉଅଛି ତାଙ୍କ ଅଭିଭାଷଣରେ ରଖିଥିଲେ । ଏତଦ୍‌ଭିନ୍ନ ସେ ପ୍ରତେକ ସମବାୟ ସମିତି ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏକଏକର ଜମି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ସେଇଭଳି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ସୁଦିପ ଗଡ଼ନାୟକ ଏବଂ ଅନୁଗୁଳ ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ ବୈଠକରେ ଉପସ୍ଥିତ ସମବାୟ ସମିତି ସହିତ ଜଡ଼ିତ ଥିବା କାର୍ଯ୍ୟକର୍ତ୍ତା ତଥା ସମବାୟ ବିତ୍ ମାନଙ୍କୁ ପ୍ରାଥମିକ ସ୍ତରରେ ସମବାୟ ଅନୁଷ୍ଠାନ ଗୁଡ଼ିକର ଉତରୋତର ଉନ୍ନତି ହୋଇପାରିବ ତାହା ଉପରେ ବକ୍ତବ୍ୟ ରଖିଥିଲେ ।

ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଂଟରର ପ୍ରତିଷ୍ଠା ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ୩୦ ୟୁନିଟ ରକ୍ତ ସଂଗୃହୀତ

ଭୋଗରାଇ, ୧୯/୧୧ (ଆ.ପ୍ର) : ସାରା ରାଜ୍ୟରେ ରକ୍ତ ଅଭାବରୁ ଶହଶହ ଲୋକଙ୍କ ମୃତ୍ୟୁ ଘଟୁଛି । ତେଣୁ ରକ୍ତର ଅଭାବକୁ ଦୂର କରିବାର ସହାଭାଗିତାକୁ ଅନୁଭବ କରି ଏବଂ ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଂଟରର ପ୍ରତିଷ୍ଠା ଦିବସ ଉପଲକ୍ଷେ ଭୋଗରାଇ ବ୍ଲକର ଅଗ୍ରଣୀ ଅନୁଷ୍ଠାନ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଂଟର ତରଫରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଅଛି । ଏହି ଶିବିରରେ ବିଭିନ୍ନ ଅଂଚଳର ଜନସାଧାରଣ, ଅଖଣ୍ଡ ଭାରତ ହିନ୍ଦୁ ମହାସଭା ଓ ଭୋଗରାଇ ବିକାଶ ପରିଷଦର ସଦସ୍ୟ ମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଉକ୍ତ ଶିବିରରୁ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଂଟରର ମୁଖ୍ୟ ଅର୍ଚ୍ଚନା ଚାନ୍ଦଙ୍କ ନେତୃତ୍ୱରେ ଉକ୍ତ ଶିବିର ଆୟୋଜନ ହୋଇଥିଲା । ବିଦ୍ୟୁତ ବିଭାଗ ଅବସରପ୍ରାପ୍ତ କନିଷ୍ଠ ଯନ୍ତ୍ରୀ କାର୍ତ୍ତିକ ଚନ୍ଦ୍ର ଚାନ୍ଦ ଶିବିରକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା, ବିଶିଷ୍ଟ ଅତିଥି ଡା. ଶକ୍ତିଧର ପରିଡ଼ା, ସମ୍ମାନିତ ଅତିଥି ଡା. ସପନ ନାୟକ, ଡା. ଚିନ୍ମୟ ପରିଡ଼ା, ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ରାଜ୍ୟ ସଭାପତି କୌଶିକ ଚାନ୍ଦ, ସମାଜସେବୀ ସୁବୋଧ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ରକ୍ତ ଭଣ୍ଡାର ଟେକନିସିଆନ ମାନେ ରକ୍ତ ସଂଗ୍ରହ କରିଥିଲେ । ଶିବିରରୁ ମୋଟ ୩୦ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଂଟରର ମ୍ୟାନେଜର ପ୍ରିୟବ୍ରତ ପ୍ରଧାନ, କମଳାକାନ୍ତ ଜେନା, ସାଇସ୍ମୃତି ପାଳ, ଦିନେଶ ରଣା, ସୁନନ୍ଦନ ଦାସ, ଶରତ ଦାସ, ସୁଶାନ୍ତ ବାରିକ, ବିଜୟ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଂଟରର ଏଭଳି ପ୍ରୟାସକୁ ସର୍ବସାଧାରଣରେ ଉଚ୍ଚ ପ୍ରଶଂସା କରାଯାଉଛି ।

ସାତ ଦିନର ଶିଶୁକୁ ସାପ କାମୁଡ଼ିଲା, ମୃତ୍ୟୁ ମୁଖରୁ ବଂଚାଇଲେ ଡାକ୍ତର ଅରୁଣ

ବାଲେଶ୍ୱର, ୧୯/୧୧ (ଆ.ପ୍ର) : ମାତ୍ର ସାତ ଦିନର ଝିଅକୁ ମୃତ୍ୟୁ ମୁଖରୁ ବଂଚାଇ ଏକ ନୂଆ ଜୀବନ ଦେଇଛନ୍ତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜନୈକ ଡାକ୍ତର । ଏକ ବିଷାକ୍ତ ସାପ ସାତ ଦିନର ଝିଅକୁ କାମୁଡ଼ିବା ପରେ ମୃତ୍ୟୁ ସହ ଲଢେଇ କରୁଥିବା ଶିଶୁକନ୍ୟାକୁ ଧରି ସିଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଂଚିଥିଲେ ବାପା ମାଆ । ସେମାନଙ୍କ ଆକୁଳ ନିବେଦନ ଆଗରେ ଏପରି ଏକ ବିରଳ ଘଟଣାରୁ କୁନି ଝିଅକୁ ବଂଚାଇ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି । ସମସ୍ତଙ୍କ ମୁହଁରେ ଏବେ ଡାକ୍ତରଙ୍କ ପ୍ରଶଂସା । ଏକ ବିଷାକ୍ତ ସାପ କାମୁଡ଼ିଥିବା ମାତ୍ର ସାତ ଦିନର ଶିଶୁକୁ ବଂଚାଇ ଥିବାରୁ ଆଜି ଡାକ୍ତର ଅରୁଣ ଗିରିଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପୁରସ୍କୃତ ମଧ୍ୟ କରିଛନ୍ତି । ଏହା ବାଲେଶ୍ୱର ଜିଲ୍ଲା ଡିଏଚ୍‌ଏଚ୍ ଡାକ୍ତରଙ୍କ ମହାନ ତଥା ବିରଳ ସଫଳତା ବୋଲି ଚାରିଆଡେ ଚର୍ଚ୍ଚା ଚାଲିଛି । ଏହି ଘଟଣା ଅତ୍ୟନ୍ତ ବିରଳ । ଏହି ଘଟଣା ଓଡ଼ିଶାରେ ପ୍ରଥମ ଏବଂ ଭାରତରେ ଦ୍ୱିତୀୟ ବୋଲି କୁହାଯାଉଛି । ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ବଳବୁନ୍ଧି ଗ୍ରାମର ବବିତା ଦାସ । ଗତ ଅଗଷ୍ଟ ମାସ ୫ ତାରିଖର ଘଟଣା । ରାତି ପ୍ରାୟ ୭.୩୦ ଘଟିକା ସମୟରେ ବବିତା ଦାସଙ୍କ ସାତ ଦିନର ଝିଅର ମୁଣ୍ଡରେ ସାପ କାମୁଡିଥିଲି । ଯାହାକୁ ବବିତା ଦେଖି ପାରିଥିଲେ । ପରିବାର ଲୋକ ଶିଶୁକୁ ରାତି ୯.୩୦ ମିନିଟ୍ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏସ୍‌ଏନ୍‌ସିୟୁ (ସ୍ପେଶାଲ ନ୍ୟୁ ବର୍ଣ୍ଣ କେୟାର ୟୁନିଟ୍)କୁ ନେଇ ଆସିଥିଲେ । ସେତେବେଳେକୁ ଶିଶୁର ଅବସ୍ଥା ବହୁତ ଜଟିଳ ଥିଲା । ପାଟିରୁ ଫେଣ ବାହାରୁ ଥିବା ବେଳେ ବିଷର ପ୍ରଭାବରେ ଦେହ ନୀଳ ପଡ଼ି ଯାଇଥିଲା । ସେଦିନ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି ଡ୍ୟୁଟିରେ ଥିଲେ । ଡାକ୍ତର ଶିଶୁକୁ ଦେଖିବା ବେଳେ ତାହାର ଅବସ୍ଥା ଜଟିଳ ଥିଲା । ହେଲେ ଡାକ୍ତର ଅରୁଣ ଚିକିତ୍ସା କରି ଶିଶୁର ଜୀବନ ବଂଚାଇବାର ପ୍ରୟାସ କରି ସଫଳ ହୋଇଥିଲେ । ଡାକ୍ତର ଅରୁଣଙ୍କ କହିବା ଅନୁସାରେ, 'ମୋର ୩୦/୩୫ ବର୍ଷ ଚାକିରି କ୍ୟାରିୟର୍ ଭିତରେ ଏତେ ଛୋଟ ପିଲାକୁ ସାପ କାମୁଡିବା ଘଟଣା ମୁଁ କେବେ ଦେଖିନି କି ଚିକିତ୍ସା ବି କରିନି । କିନ୍ତୁ ମୁଁ ଜାଣିଥିଲି ଯେ ସାପ କାମୁଡ଼ିଲା ବଡ ଲୋକଙ୍କୁ ଯେଉଁ ଇଞ୍ଜେକସନ ଏଏସଭି ଦିଆଯାଏ ତାହାକୁ ଏକାଥରେ ୧୦ ଟା ଦେବା ଆରମ୍ଭ କରିଥିଲି ଶିଶୁର ବାପାଙ୍କ ଅନୁମତିରେ । ଯେହେତୁ ପିଲାର ଅବସ୍ଥା ଜଟିଳ ଥିଲା । ସେଥିପାଇଁ କିଛି ଘଟିପାରେ । କିନ୍ତୁ ଏଏସଭି ଦେଲେ ହୁଏତ ପିଲା ବଂଚି ଯାଇପାରେ । ପିଲାର ବାପା ରାଜି ହେବା ପରେ ମୁଁ ଚିକିତ୍ସା ଆରମ୍ଭ କରିଲି । ଇଞ୍ଜେକସନ ଦେବାର ଘଂଟାଏ ପରେ ପିଲା କାନ୍ଦିବା ଆରମ୍ଭ କଲା । ପାଟିର ଫେଣ କମିବା ସହ ଦେହର ନେଳି ବି କମିଗଲା । ପ୍ରାୟ ଦୁଇ ଘଂଟା ପରେ ପିଲା ଖାଇବା ପାଇଁ କାନ୍ଦିଲା । ଆମେ ପିଲାକୁ ତା ମାଆକୁ ଦେଇଦେଲୁ । ସେ କ୍ଷୀର ପିଇଲା । ଏତେ ଛୋଟ ପିଲାକୁ ବିଷାକ୍ତ ସାପ କାମୁଡିବା ଏକ ବିରଳ ଘଟଣା । ଏପରି ଜଟିଳ ଘଟଣାକୁ ଚିକିତ୍ସା କରିଥିବାରୁ ଏବେ ନ୍ୟୁ ବର୍ଣ୍ଣ ୱିକ୍‌ରେ ମୋତେ ସ୍ୱାସ୍ଥ୍ୟ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି ।'

ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳିତ

ନୀଳଗିରି, ୧୯/୧୧ (ଆ.ପ୍ର) : ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଜାତୀୟ ସଂହତି ଦିବସ ଓ ସର୍ବ ଧର୍ମ ପ୍ରାର୍ଥନା ସଭା ନୀଳଗିରି କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସଭାପତି ଯଶୋଦା ନନ୍ଦନ ସିଂହଙ୍କ ଆବାହକତ୍ୱରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ନଗର ସଭାପତି ଉପେନ୍ଦ୍ର ବେହେରାଙ୍କ ସଭାପତିତ୍ୱ ରେ ଉକ୍ତ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇ ଥିଲା । ପ୍ରାରମ୍ଭ ରେ ବୟୋଜ୍ୟେଷ୍ଠ କଂଗ୍ରେସ ନେତା ଭରତ ଚନ୍ଦ୍ର ସାହୁ ପତାକା ଉତୋଳନ କରିଥିଲେ । ଏହି ସଭାରେ ମହିଳା କଂଗ୍ରେସର ବରିଷ୍ଠ ନେତ୍ରୀ ବାସନ୍ତୀ ସିଂ,ପୂର୍ବତନ ସରପଂଚ ପିତାମ୍ବର ସିଂ, ପୂର୍ଣ୍ଣ ଚନ୍ଦ୍ର ସିଂ, ବିଜୟ ଦନକ, ମଧୁସୂଦନ ପାତ୍ର, ସୁରେନ୍ଦ୍ର ଦାସ, ଅଶ୍ୱିନୀ ପାତ୍ର, ପ୍ରୀତି ଶଙ୍କର ମହାପାତ୍ର, ଲିପୁନ ମହାପାତ୍ର, କଂଗ୍ରେସ ମିଡିଆ ସଂଯୋଜକ ପ୍ରଫୁଲ୍ଲ ମହାନ୍ତି, ସୁଧା ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଇନ୍ଦିରା ଗାନ୍ଧୀଙ୍କ ଦେଶ ପାଇଁ କରିଥିବା ତ୍ୟାଗ ଓ ବଳିଦାନ ବିଷୟରେ ଆଲୋଚନା କରିଥିଲେ । ଶେଷରେ ବରିଷ୍ଠ କଂଗ୍ରେସ ନେତା ମଧୁସୂଦନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଆର୍ଯ୍ୟ ସ୍ମିତା ପ୍ରଥମ

ବାଲିଆପାଳ, ୧୯/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମାଳତୀ ମଞ୍ଜରୀ ବିହାର ଶିଶୁ ମନ୍ଦିରର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଆର୍ଯ୍ୟସ୍ମିତା ଜେନା ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳାରେ ଉପଶିଶୁ ବିଭାଗରେ ସଜୀବ ଓ ନିର୍ଜୀବ ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆର୍ଯ୍ୟସ୍ମିତା ସୂର୍ଯ୍ୟାପୁର ଗ୍ରାମର ବାପା କରୁଣା କର ଜେନା ଓ ସୁଜତା ଜେନାଙ୍କ ଝିଅ । ଏହି ସଫଳତା ପରେ ସୋମବାର ଶିଶୁ ମନ୍ଦିର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ଆର୍ଯ୍ୟସ୍ମିତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧନା ଉତ୍ସବ ରେ ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା, ପୁଲିନ କୁମାର ନନ୍ଦି,ସଞ୍ଜୁବାଳା ମହାନ୍ତି, ରଶ୍ମିତା ରାଉତ ଏବଂ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।

ଏଏନଆରଏଫ-ପିଏଆଇଆର ପ୍ରକଳ୍ପର ପ୍ରଥମ ମିଳିତ ସଭାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣ

ନୀଳଗିରି, ୧୯/୧୧ (ଆ.ପ୍ର) : ଅନୁସନ୍ଧାନ ଓ ପ୍ରଯୁକ୍ତି ବିଭାଗ (ଡିଏସଟି), ଭାରତ ସରକାର ଅଧୀନ ରାଷ୍ଟ୍ରୀୟ ଗବେଷଣା ଫାଉଣ୍ଡେସନ (ଏଏନଆରଏଫ) ଦ୍ୱାରା ଅର୍ଥାନୁଦାନ ପ୍ରାପ୍ତ ପ୍ରତିଷ୍ଠିତ ପିଏଆଇଆର (Promoting Academic and Industrial Research) ପ୍ରକଳ୍ପର ପ୍ରଥମ ମିଳିତ ସଭାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଛି । ପ୍ରକଳ୍ପର ହବ୍ ଅନୁଷ୍ଠାନ – ଜାତୀୟ ପ୍ରଯୁକ୍ତି ମହାବିଦ୍ୟାଳୟ (ଏନଆଇଟି), ରାଉରକେଲା ଠାରେ ଏହି ସଭାଟି ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପ୍ରକଳ୍ପ ସହ ସଂଯୁକ୍ତ ଛଅଟି ସ୍ପୋକ ଅନୁଷ୍ଠାନର ପ୍ରତିନିଧି କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର ପକ୍ଷରୁ ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଭାସୀ ମାଧ୍ୟମରେ ସଭାରେ ଯୋଗଦେଇଥିଲେ ଓ ପ୍ରଫେସର ପଙ୍କଜ କୁମାର ପାଉଡ଼ି, ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ଓ ପ୍ରଫେସର ନିହାର ରଞ୍ଜନ ରାଉତ ପ୍ରତ୍ୟକ୍ଷ ଭାବେ ସଭାରେ ଉପସ୍ଥିତ ହୋଇ ଚର୍ଚ୍ଚା, ପରାମର୍ଶ ଓ ନୀତିଗତ ପରିକଳ୍ପନାରେ ସକ୍ରିୟ ଭାବେ ଅଂଶ ନେଇଥିଲେ । "ସୁସ୍ଥାୟୀ ଉନ୍ନୟନ ନିମିତ୍ତ କୃଷି, ସ୍ୱାସ୍ଥ୍ୟ, ଊର୍ଜା ଓ ପରିବେଶ ପାଇଁ ପ୍ରଯୁକ୍ତି ମହାସଂଘ" ଶୀର୍ଷକ ନେଇ ଏହି ପ୍ରକଳ୍ପ - ସ୍ଥାୟୀ କୃଷି, ସ୍ୱାସ୍ଥ୍ୟ, ଊର୍ଜା ଓ ପରିବେଶ ସୁସ୍ଥତାର ଅନୁଶାସନୀୟ ଗବେଷଣା, ପ୍ରଯୁକ୍ତି ନବୀକରଣ ଓ ସ୍ଥାୟୀ ଉନ୍ନୟନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି । ଅନୁଷ୍ଠିତ ପ୍ରଥମ ସଭାଟି ଏହି ପ୍ରକଳ୍ପର କାର୍ଯ୍ୟନିର୍ବାହନ, କାର୍ଯ୍ୟ ଯୋଜନା ପ୍ରସ୍ତୁତି, ନୀତି ଦିଗନିର୍ଦ୍ଦେଶ ନିଷ୍କତି ଓ ସାମୂହିକ ସହଯୋଗର ବିବରଣୀ ନିର୍ମାଣ ଇତ୍ୟାଦି ପାଇଁ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଥିଲା । ବୈଠକରେ ଉପସ୍ଥିତ ପ୍ରକଳ୍ପ କାର୍ଯ୍ୟାନ୍ୱୟ ସମିତିର ସଦସ୍ୟମାନେ ନିମ୍ନଲିଖିତ ଦିଗରେ କୌଶଳଗୁଡିକ ପରିଚର୍ଚ୍ଚା କରିଥିଲେ, ହବ୍–ସ୍ପୋକ ସଂସ୍ଥାଗୁଡ଼ିକ ମଧ୍ୟରେ ଗବେଷଣା ସମନ୍ୱୟକରଣକୁ ସୁଦୃଢ଼ କରିବା, ସମୁଦାୟମୁଖୀ ପରିଣାମ ଉତ୍ପାଦନକୁ ଉତ୍ସାହିତ କରିବା ଓ ଏଏନଆରଏଫ-ପିଏଆଇର ପ୍ରୟାସର ଦୀର୍ଘମିଆଦିକ ଉନ୍ନତି ପାଇଁ ମାନକ ଓ ନିଷ୍କତି ମାପଦଣ୍ଡ ସ୍ଥାପନ କରିବା । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରକଳ୍ପଟି ବିଶ୍ୱବିଦ୍ୟାଳୟର ଗବେଷଣା ପରିବେଶକୁ ଆହୁରି ସମୃଦ୍ଧ ଓ ସୁଦୃଢ଼ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ସେ ଶିକ୍ଷକମାନେ ଓ ଗବେଷକ ଛାତ୍ରଛାତ୍ରୀମାନଙ୍କୁ ନୂତନ, ସୃଜନଶୀଳ ଓ ପ୍ରଭାବଶାଳୀ ଦିଗକୁ ଗ୍ରହଣ କରିବାକୁ ପ୍ରୋତ୍ସାହନ କରିଛନ୍ତି ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ

ନୀଳଗିରି,୧୯/୧୧ (ଆ.ପ୍ର) : ଔପଦା ବ୍ଲକ ଈଶ୍ୱରପୁର ପଂଚାୟତ ଅଧୀନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେ ଶିଶୁ ଦିବସ ପାଳନ ଏବଂ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ସମ୍ପାଦକ ଅଶ୍ୱିନୀ କୁମାର ମଡଗଜଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶିଶୁ ଦିବସ ତଥା ବିଜ୍ଞାନ ମେଳା ସଭାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ ଅବସରରେ ଶିଶୁ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କୀୟ ଆଲୋଚନା ହୋଇଥିଲା । ଏହା ପରେ ବିଦ୍ୟାଳୟରେ ବିଜ୍ଞାନ ମେଳାକୁ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅନୁଜିଜ୍ଞା ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହିତ ଆଧୁନିକ ଯୁଗ ରେ ବିଜ୍ଞାନର ଆବଶ୍ୟକତା ବିଷୟରେ ଉପସ୍ଥିତ ପିଲା ମାନଙ୍କୁ ଉଦବୋଧନ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନଧର ପରିଡା, ଟ୍ରଷ୍ଟି ଜୟନ୍ତ କୁମାର ଦିବେଦୀ, ରବୀନ୍ଦ୍ର କୁମାର ପଣ୍ଡା, ରାମଚନ୍ଦ୍ର ମହାରୁଦ୍ର ମଂଚାସିନ ରହି ପିଲା ମାନଙ୍କୁ ଉଦବୋଧନ ଦେଇଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଜ୍ୟୋତି ରଞ୍ଜନ ବେହେରା ଏବଂ ସମସ୍ତ ଅପା ଭାଇ ଙ୍କ ସହଯୋଗ ରେ ନର୍ସରୀ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ଅନୁଷ୍ଠିତ ବିଜ୍ଞାନ ମେଳା ରେ ସର୍ବ ମୋଟ ୩୫ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।ଶେଷ ରେ ଉପାଧ୍ୟକ୍ଷା ସାଗରୀକା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଦୁଇ ବଖରା ଗୁହାଳ ଘର ପୋଡ଼ି

ସିମୁଳିଆ, ୧୯/୧୧ (ଆ.ପ୍ର) : ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଗୁହାଳ ଘର ପୋଡି । ମିଳିଥିବା ଖବର ଅନୁଯାୟୀ ସିମୁଳିଆ ବ୍ଲକ କ୍ଷୀରକୋଣା ପଂଚାୟତର ମଝିଖଣ୍ଡି ଗ୍ରାମରେ ଆଜି ଭୋର ସମୟରେ ସୁରେଶ ନାୟକ ଏବଂ ଉପେନ୍ଦ୍ର ନାୟକଙ୍କର ଦୁଇ ବଖରା ଗୁହାଳ ଘର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ପରିବାର ଲୋକେ ଶୋଇଥିବା ସମୟରେ ଘର ନିଆଁ ଲାଗିଥିବାର ଗ୍ରାମର ଜଣେ ବୃଦ୍ଧ ଦେଖି ଚିତ୍କାର କରି ଡାକ ଛାଡିଥିଲେ । ପରିବାର ଲୋକେ ଜୀବନ ବିକଳରେ ଘରୁ ବାହାରକୁ ଚାଲି ଆସିଥିଲେ । ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରାଯାଇଥିଲା । ଗୁହାଳ ଘର ନିଆଁ ଲାଗି ତିନୋଟି ଗୋରୁ ପୋଡି ଯାଇଥିବା ଜଣାଯାଇଛି । ପଶୁ ଡାକ୍ତର ପକ୍ଷରୁ ଗୁରୁଙ୍କ ଚିକିତ୍ସା କରାଯାଇଛି । ଖବର ପାଇ କ୍ଷୀରକୋଣା ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିବା ସହିତ ପରିବାରକୁ ପଲଥିନ ଦେଇଥିବା ଜଣାଯାଇଛି । ଅଗ୍ନିକାଣ୍ଡ କାରଣ ଅସ୍ପଷ୍ଟ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପୁନରୁଦ୍ଧାର ଜରୁରୀ

ଭାରତୀୟଙ୍କ ଲୋକ କଳା, ପରମ୍ପରା ଓ ସଂସ୍କୃତି ଆମ ଜାତିର ମୂଲ୍ୟବୋଧକୁ ଗୌରବାନ୍ୱିତ କରିବା ଦିଗରେ ବିଶେଷ ସହାୟକ ହୋଇଥାଏ । ଆମ ଦେଶର ଲୋକ କଳା ମଧ୍ୟରେ ଘୋଡାନାଚ, କେଳା କେଳୁଣୀ ନାଚ, ବାଉଁଶ ରାଣୀ ଖେଳ, ଦାସ କାଠିଆ, ପାଲା, ଝଞ୍ଜଣୀ ଭଜନ, ସଂକୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଆମ ଐତିହ୍ୟ ଓ ସଂସ୍କୃତିର ଅଳଙ୍କାର ସଦୃଶ । ଏବେ ଏସବୁ ଲୋକ କଳା ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ହେବାକୁ ବସିଲାଣି । ଏହାର ପ୍ରମୁଖ କାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏହି ଲୋକ କଳାର ପ୍ରଚାର ଓ ପ୍ରସାର ଦିଗରେ ଆନ୍ତରିକତା ମନୋଭାବର ଅଭାବ ପରିଲକ୍ଷିତ ହେଉଛି । ଫଳରେ ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ମହାନତାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଥିବା ଲୋକ କଳା ଏବେ ଅବକ୍ଷୟର ଦ୍ୱାରଦେଶରେ ଦଣ୍ଡାୟମାନ ହେବା ଭଳି ପରିସ୍ଥିତି ଦେଇ ଗତି କରୁଛି । ଏହି ପ୍ରାଚୀନ ଲୋକ କଳା ଭାରତୀୟ ମହାନ ସଂସ୍କୃତି ଓ ପରମ୍ପରା ଦ୍ୱାରା ଭାରତ ବର୍ଷର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଜାଗ୍ରତ କରିବା ଦିଗରେ ବିଶେଷ ସହାୟକ ଦାୟିତ୍ୱ ନିର୍ବାହ କରିବା ଏକ ମାଇଲ ଖୁଣ୍ଟ ସଦୃଶ ବୋଲି ପ୍ରତୀୟମାନ ହୁଏ । ଭାରତୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ପୁରାତନ ଭଳିକ ତଥା ଅଧୁନା ଓଡିଶା ପ୍ରଦେଶର ପୁରପଲ୍ଲୀରେ ଉତ୍ପାଦିତ ଶସ୍ୟକୁ ସୁଗୃହରେ ଥିବା ଢିଙ୍କିରେ କୁଟି ସେଥିରୁ ଚାଉଳ ସଂଗ୍ରହ କରି ଦୈନନ୍ଦିନ ଖାଦ୍ୟ ଭାବେ ଜୀବନ ଅତିବାହିତ କରୁଥିଲେ । ମାତ୍ର ବୈଜ୍ଞାନିକ ଯୁଗର ଚାକଚକ୍ୟ ଜ୍ଞାନ କୌଶଳ ଯୋଗୁଁ ପ୍ରାଚୀନ ପରମ୍ପରାର ଏକ ପ୍ରାଚୀନ ଆୟୁଧ ଢିଙ୍କି ପରମ୍ପରା ବିଲୁପ୍ତ ହୋଇଗଲାଣି । ସେହିପରି ପ୍ରାଚୀନ କାଳରୁ ଓଡ଼ିଶା ତଥା ଭାରତର ବିଭିନ୍ନ ଗ୍ରାମାଂଚଳରେ ଯନ୍ତ ସହାୟତାରେ କୃଷି କ୍ଷେତକୁ ନଦୀ ଓ ପୁଷ୍କରିଣୀରୁ ପାଣି ମଡାଇ ଚାଷୀ ମାନେ ନିଜ ନିଜର ଜମିକୁ ଶସ୍ୟ ଶ୍ୟାମଳା କରି ଉତ୍ପାଦିତ ଖାଦ୍ୟ ଶସ୍ୟକୁ ପ୍ରାଚୀନ ଯୁଗରୁ ଭୋକିଲା ପେଟକୁ ଖାଦ୍ୟ ଯୋଗାଣ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ତାହା ମଧ୍ୟ ସାମ୍ପ୍ରତିକ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରଭାବରେ ବିଲୁପ୍ତ ହୋଇଗଲାଣି । ସେହିପରି ସେଣା ଓ ଶୋଳୁଅର ପ୍ରାଚୀନ ପରମ୍ପରା ଓ ସ୍ମୃତି ଧ୍ୱଂସାଭିମୁଖୀ । ଭାରତୀୟ ସଂସ୍କୃତି, ଐତିହ୍ୟ, ଆଧ୍ୟାତ୍ମିକ ଚିନ୍ତା ଚେତନାର ମହାନ ପରମ୍ପରା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ପାଳନ କରିବା ପାଇଁ ଆମ ବଂଶଜ ମାନଙ୍କର କୁଣ୍ଠାବୋଧ ଜଣ ପାଇଁ ତାହା ସାମ୍ପ୍ରତିକ ବିଧି ବ୍ୟବସ୍ଥା ମଧ୍ୟରେ ଜଳ ଜଳ ହୋଇ ଦୃଶ୍ୟମାନ ହେଉଛି । ନିଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲି ଆମର ବଂଶଜ ମାନେ ପାଶ୍ଚାତ୍ୟ ସଭ୍ୟତାର ମାୟାରେ ବାୟା ହୋଇ ଆମ ଦେଶ ଭାରତ ବର୍ଷ ଓ ଓଡିଶା ପ୍ରଦେଶର ପ୍ରଧାନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା କେତେଦୂର ଯୁକ୍ତି ଯୁକ୍ତ ତାହା ଆମ ଭାରତୀୟ ସଂସ୍କୃତିର ବାଟବଣା ବଂଶଜ ମାନଙ୍କୁ ପ୍ରଶ୍ନ କରାଯାଇପାରେ । ବିଶ୍ୱରେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାରତୀୟ ସଂସ୍କୃତିକୁ ଗୌରବାନ୍ୱିତ କରି ଆମ ବଂଶଜ ମାନଙ୍କ ମନରେ ବୁଢିଆଣୀ ପରି ବସା ବାନ୍ଧି ଥିବା ପାଶ୍ଚାତ୍ୟ ସଭ୍ୟତାର ଛାପକୁ ବିଲୁପ୍ତ କରି ଧର୍ମ ଓ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ଦିଗରେ ଯତ୍ନବାନ ହେବାକୁ ପ୍ରୟାସ କରିବା ଜରୁରୀ ହୋଇପଡ଼ିଛି । ଭାରତୀୟ ସଂସ୍କୃତିର ମହାନ ପର୍ବ, ଲୋକ କଳା, ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବା ପାଇଁ କଳା, ସଂସ୍କୃତି ଓ ପରମ୍ପରାର ରାଜ୍ୟ ଓଡ଼ିଶା ତଥା ଭାରତ ବର୍ଷର ଭବିଷ୍ୟତ ପଢି ମାନେ ଏବେ ଠାରୁ ସଜାଗ ନ ହେଲେ ସର୍ବ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଜନମାନସର ଚିତ୍ରପଟରେ ଅଦୃଶ୍ୟ ହୋଇଯିବ ଏଥିରେ ଦ୍ୱିମତ ନାହିଁ । ଭାରତୀୟ ପ୍ରାଚୀନ ଲୋକନୃତ୍ୟ, ଲୋକ କଳା, ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଯତ୍ନବାନ ହୋଇ ଏହାର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

ସୁଖ ଆଉ ସନ୍ତୋଷ କାହାକୁ କହିବା ?

।। ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।

ସଂସାରର ଜଞ୍ଜାଳରେ ମଣିଷଟି ଯେତେବେଳେ ଦୁଃଖକୁ ସାମ୍ନା କରେ ସଂସାରର ଜଞ୍ଜାଳରେ ଶରୀର ଯେତେବେଳେ ଅବଶ ହୋଇପଡ଼େ ଓ ମନରେ ପ୍ରବଳ ଉଦବେଗ ସୃଷ୍ଟି ହୁଏ ସେତେବେଳେ ନିଜ ଇଷ୍ଟ ବା ଠାକୁରଙ୍କ ସମ୍ମୁଖରେ ଛିଡ଼ା ହୋଇ ତାଙ୍କର ପାଦତଳେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଦିଏ । ଏହା ଫଳରେ ତା ମନରେ ବିଶ୍ୱାସ ସୃଷ୍ଟି ହୁଏ ଏବଂ ନିଜକୁ ନିଜ କର୍ମକ୍ଷେତ୍ରରେ ପୁନର୍ବାର ବ୍ୟସ୍ତ କରିରଖିବାର ଶକ୍ତି ପାଇଥାଏ । ଏ ସଂସାର ହେଉଛି କ୍ଷଣସ୍ଥାୟୀ । ମାୟାର କବଳରେ ପଡ଼ି ଜୀବାତ୍ମା ନିଜର ଅସଲ ଲକ୍ଷ୍ୟକୁ ଭୁଲି ଯାଉଛି । ଅହଂ ଭାବରୁ ମୁକ୍ତ ଥିବା ସମୟରେ ଆମେ ଠାକୁରଙ୍କୁ ଧ୍ୟାନ କରିଥାଉ କିନ୍ତୁ ଅହଂକାର ଜାତ ହେବାମାତ୍ରେ ଆମେ ନିଜକୁ କର୍ତ୍ତା ଭାବି ଠାକୁରଙ୍କ ସ୍ଥିତିକୁ ଅବଜ୍ଞା କରିଥାଉ ।

ଜୀବନର ସୁଖଦୁଃଖ କର୍ମମୟ ଚେତନାକୁ ଭାବନା କଲାବେଳକୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି - 'ବିପଦ ପ୍ରଭୁଙ୍କ କଷଟି ପାଶାଣ, ପରଖନ୍ତି ତହିଁ ନର ହୃଦ ଟାଣ । ବିଦ୍ବୁଦ ହେଲେ ହେଁ ବିପଦ ଅନଳେ, ଭସ୍ମ ନୋହିଁ ଯେହ୍ନେ ବାଉ ଦାଉ ଜଳେ ।' ଏହି ଆଲୋଚନା କଲାବେଳକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥିତ 'ଆଧ୍ୟାତ୍ମିକ ପ୍ରସଙ୍ଗ' ଯାହାର ସଂକଳନ କରିଛନ୍ତି ପୂଜ୍ୟପାଦ ବିଦ୍ୟୁତରଞ୍ଜନ ଚକ୍ରବର୍ତ୍ତୀ ମହୋଦୟ । ସୁଖ ଆଉ ସନ୍ତୋଷ କାହାକୁ କହିବା ? ସୁଖ ଏବଂ ସନ୍ତୋଷ ସମ୍ବନ୍ଧରେ କଥା ଉଠିଲା । ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ମାର୍ଗଦର୍ଶନରେ କହିଲେ - 'ସୁଖ ଗୋଟିଏ ଜିନିଷ, ସନ୍ତୋଷ ଆଉ ଏକ ଜିନିଷ । ସୁଖ ନରହିଲେ ମଧ୍ୟ ମଣିଷର ସନ୍ତୋଷ ରହିପାରେ । ଆଉ ସନ୍ତୋଷ ଥିଲେ ସୁଖ ନରହିଲେ ବି ଖାପ ଖାଇଯାଏ ।' ଜଣେ ପ୍ରଶ୍ନ କଲେ- ଏହା କିପରି ? ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ - ଧର, ଏକ ଜଣ ମହତ ମଣିଷ । ସେ ହୁଏତ ତ୍ୟାଗ ଓ ଦୁଃଖର ଜୀବନକୁ (ବରଣ) କରି ନେଇଛି । ତଥାକଥିତ ସୁଖ, ସ୍ୱାଚ୍ଛନ୍ଦ୍ୟ ଯାହାକୁ କୁହାଯାଏ, ସେ ସବୁ ତାଙ୍କର ହୁଏତ ନାହିଁ, କିନ୍ତୁ ଅନ୍ତର ଭିତରେ ଅଛି ସନ୍ତୋଷ । ଏହି ସନ୍ତୋଷ ଯଦି ଥାଏ, ତାହାହେଲେ ତଥା କଥିତ ସୁଖ ନଥିଲେ ମଧ୍ୟ ତାହାର କୌଣସି ଦୁଃଖ ରହେ ନାହିଁ । ପୁଣି ତାହାର ସ୍ତ୍ରୀ, ପୁତ୍ର ଯେଉଁମାନେ, ସେମାନେ ଯଦି ତାଙ୍କୁ ସତ୍ୟକାର ଭଲପାଆନ୍ତି, ତେବେ ସେ ଯେତେ ହିଁ (କଷ୍ଟ) କରୁନା କାହିଁକି, ଭିତରେ-ଭିତରେ (ସନ୍ତୁଷ୍ଟ) ଥାଏ । ଶ୍ରଦ୍ଧା ଓ ପ୍ରୀତିର ଲକ୍ଷଣ ହେଲା ପ୍ରିୟଙ୍କ ପାଇଁ ହସମୁଖରେ ଦୁଃଖ କଷ୍ଟକୁ ସହିନେଇ ପାରିବା ।

ଯେତେବେଳେ କହିଲା ଆତ୍ମପ୍ରସାଦ ନାହିଁ, ସେତେବେଳେ ବୁଝିନେବ (ସ୍ନେହ) ବା (ପ୍ରୀତି) ସେଠାରେ ନାହିଁ । କାହାରି ଉପରେ ପ୍ରୀତି ରହିଲେ, ତାହାପାଇଁ ଯେତେ କଷ୍ଟ ହିଁ ହେଉନା କାହିଁକି, ସେହି କଷ୍ଟକୁ ସେ କଷ୍ଟ ବୋଲି ମନେ କରେ ନାହିଁ । ତାହା ସମ୍ବନ୍ଧରେ କୌଣସି ଅନୁଯୋଗ ରଖେ ନାହିଁ । ବରଂ ସେ ଭାବିବସେ ମୁଁ ତାଙ୍କୁ ସୁଖୀ କରିପାରିଲି ନାହିଁ । ତାହାର ତ କିଛି ପାଇବାର ଧନ୍ଦାନାହିଁ- କେବଳ ଦେବାର ଧନ୍ଦା । କିପରି କରି ପ୍ରିୟଙ୍କୁ ସୁଖୀ କରାଇବ ସେହି ତାଳରେ ସେ ଥାଏ । ତେଣୁ ପ୍ରିୟଙ୍କ ପାଇଁ ଯେତେ ହିଁ କରୁ, ଭାବେ, ମୁଁ କିଛି କରି ପାରିଲି ନାହିଁ ତାଙ୍କ ପାଇଁ ବରଂ ଏଥିପାଇଁ ଅପରାଧୀ ମନେ କରେ ନିଜକୁ । ପ୍ରିୟଙ୍କ ସମ୍ବନ୍ଧରେ ଯାହାର ଥାଏ ପୂର୍ଣ୍ଣ ପରିତୃପ୍ତି ଓ ଶ୍ରଦ୍ଧାବୋଧ, ତାହାର ସମ୍ବନ୍ଧରେ ଆଉ କୌଣସି ପ୍ରଶ୍ନ ନଥାଏ । ସୀତା, ଦମୟନ୍ତୀ, ଚିନ୍ତା ଏମାନେ ଥିଲେ ଏହି ଧରଣର । ହାତ ଦୁଇଟିକୁ ହଲାଇ ହଲାଇ, ବେକଟିକୁ ବଙ୍କାଇ ମୋହନ ଭଙ୍ଗୀରେ କହି ଉଠିଲେ - ଶନା, ଯେତେ ଯାହା କୁହନା କାହିଁକି, ଭଲ ପାଇବା ଭଳି ସୁନ୍ଦର ମାଲ କିଛି ବି ନାହିଁ, ଯେ ଭଲ ପାଇ ପାରେ ସେ ହିଁ ରାଜା । ହୃଦୟରେ ତାହାର କେତେ ବଳ । ପ୍ରାଣରେ ତାହାର କେତେ ଯେ ସୁଖ ! ଜୀବନରେ କର୍ମମୟ ମୁହୂର୍ତ୍ତକୁ ଆଗେଇ ନେବା ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ କୃପା ଓ ନିଜ ସମର୍ପଣ ଚେତନାକୁ ଆମେ ମାନେ ଇଷ୍ଟଙ୍କ ପାଖରେ ସମର୍ପଣ ପୂର୍ବକ ସଦଗୁରୁଙ୍କ ସାନ୍ନିଧ ଲାଭ ଦ୍ୱାରା ହିଁ ଜୀବନମୁକ୍ତି ପାଇଁ ଆହୁରି ଅଗ୍ରସର ହେବା ଉଚିତ । ଏହି ଜୀବନ ଚେତନାର ଶିକ୍ଷା ଜଣଙ୍କୁ ଈଶ୍ୱରଙ୍କୁ ପାଇବା ପାଇଁ ସତରାସ୍ତା ଦେଖାଏ ଏବଂ ଏହି କର୍ମମୟ ଜୀବନର ଅଗ୍ରସର ପଥେ ଅନେକ ଆହ୍ୱାନ ଆମେମାନେ ମଧ୍ୟ ସାମ୍ନା କରିଥାଉ । ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମରଣୀୟ ବାଣୀଟି ଏଠାରେ ଉଲ୍ଲେଖ କରୁଛି - 'ମୁକୁଟମଣ୍ଡିତ ରାଜଶିର, ନୁହଇ ଶାନ୍ତି ଆସ୍ପଦ, ଆଶଙ୍କା ଭୟ ବିପଦ, ନିରନ୍ତର ରାଜ ମନ କରଇ ଅସ୍ଥିର, ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର । ଏ ସଂସାରେ ନାହିଁ ସୁଖ ଶାନ୍ତି, ଅହଂକାର ଦ୍ୱେଷରୋଷ, ଲୋଭ,ମୋହ, ଅସନ୍ତୋଷ । ଦୁଷ୍ଟ ରିପୁ ଦଳ ଘୋର ଅନର୍ଥ ଘଟାନ୍ତି, ପାପାର ଭୀଷଣାବର୍ତ୍ତେ ନରେ ନିକ୍ଷେପନ୍ତି ।'

ସହ-ପ୍ରତିରକ୍ଷିକ, ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ଦୂରଭାଷ :୯୪୩୭୦୫୧୯୫୭

ବସୁଧୈବ କୁଟୁମ୍ବକମ୍...

।। ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ ।।

ପରିବାର, ମନୁଷ୍ୟର ଦେହ, ଗୃହ ଓ କୁଟୁମ୍ବରେ ଆସକ୍ତି ଚିନ୍ତନକୁ ନେଇ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି - 'ଦେହ କଳତ୍ର ସୁତ ଘର, ପଶୁ ଇତ୍ୟାଦି ବନ୍ଧୁ ମୋର । ମନକୁ ଏଣେ ଦୃଢ଼ କରେ, ସୁଖ ମଣଇ ଦୁଃଖ ଘୋରେ । ମଣଇ କୃତାର୍ଥ ହୋଇଲି, ଅନେକ ସୁଖ ମୁଁ ପାଇଲି । ମୋ ତୁଲ୍ୟ ନାହିଁ ଭାଗ୍ୟବନ୍ତ, କେ ଅଛି ମୋ ସମ ମହତ । ତହିଁରେ ଯେତେ ଦୁଃଖ ହୁଏ, ନ ବୁଝେ ପଡ଼ି ମାୟାମୋହେ ।' ଉଦାର ଚିତ୍ତ ବ୍ୟକ୍ତି ନିମିତ୍ତ ଏ ସମ୍ପୂର୍ଣ୍ଣ ପୃଥିବୀ ଗୋଟିଏ କୁଟୁମ୍ବ ସଦୃଶ । ଉଦାର ବ୍ୟକ୍ତି ମୋର, ତୋର ବୋଲି କହି ନଥାନ୍ତି । ତାଙ୍କର ଜୀବନ ପର ସେବାରେ ନିୟୋଜିତ ରହେ । ଯେପରି ବୃକ୍ଷରେ ଫଳ ଆସିଲେ ନଇଁ ପଡ଼େ ତାହା ଅନ୍ୟର ସ୍ୱାର୍ଥରେ ଲାଗିଥାଏ, ଉଦାରବ୍ୟକ୍ତି କେବଳ ଅନ୍ୟର କଲ୍ୟାଣ ନିମିତ୍ତ ଚେଷ୍ଟାକରନ୍ତି । ସାଧୁ ମହାମାନବ ଏବଂ ସଜ୍ଜନ ଗଣ ବୃକ୍ଷ ସଦୃଶ । ବୃକ୍ଷ ନିଜେ ବହୁ କଷ୍ଟ ସ୍ୱୀକାରକରି ଫଳ ଧରେ ସେହି ଫଳକୁ ନିଜେ ଖାଏନା, ଅନ୍ୟକୁ ଦିଏ । ସେମିତି ଉଦାର ବ୍ୟକ୍ତିମାନେ ନିଜେ କଷ୍ଟ ସହି ଅନ୍ୟର ଉପକାର କରିଥାନ୍ତି । ଯେପରି ଫଳିଥିବା ବୃକ୍ଷକୁ ପଥର ଫିଙ୍ଗିଲେ ସେ ପଥର ମାଡ ସହି ମଧ୍ୟ ଫଳଦାନ କରିଥାଏ, ହିଂସାର ଉତ୍ତର ହିଂସା ନୁହେଁ କ୍ଷମା । ପରାର୍ଥେ ପ୍ରାଜ୍ଞ ପ୍ରାଣ ଉତ୍ସୃଜେତ୍ । କ୍ଷମା ହେଉଛି ମହତ୍ ଲୋକର ଲକ୍ଷଣ । କ୍ଷମା ଅର୍ଥ ଦୁର୍ବଳତା ବା ଭୀରୁତା ନୁହେଁ, କ୍ଷମାର ଅର୍ଥ ଉଦାରତା ଏବଂ ସହିଷ୍ଣୁତା । ଉଦାର ମନୁଷ୍ୟ ନିମିତ୍ତ ଧନ, ବୀର ପୁରୁଷଙ୍କ ନିମିତ୍ତ ମୃତ୍ୟୁ, ବିରକ୍ତଙ୍କ ନିମିତ୍ତ ସ୍ତ୍ରୀ ଓ ନିଷ୍ପୃହଙ୍କ ନିମିତ୍ତ ସଂସାର ତୃଣ ସମାନ ବୋଧ ହୁଏ । ଅର୍ଥାତ୍ ଅତି ତୁଚ୍ଛ ଅଟେ । ଉଦାର ବ୍ୟକ୍ତି ପରର ନିନ୍ଦାକୁ ମୂକ, ପରଦୋଷ ଦେଖିବାରେ ଅନ୍ଧ, ଚୁଗୁଲି କରିବାରେ ବଧିର ଭଳି ହୋଇଥାଆନ୍ତି । ପରନିନ୍ଦା କରିବା ଅର୍ଥ ପରର ଦୋଷକୁ କୁଢ଼ାଇ ଆଣି ନିଜେ କଳଙ୍କିତ ହେବା । ଚନ୍ଦନ ବୃକ୍ଷକୁ କୁରାଢ଼ିରେ କାଟିଲେ ଯେପିର କାଟିବା ଯନ୍ତ୍ରକୁ ସେ ବାସ ବିତରଣ କରେ ବରଂ ବାରଣ କରେ ନାହିଁ ଯେ ମୋତେ କାଟିଛି ଯାକୁ ବାସ୍ନା ଦେବି ନାହିଁ, ସେହିପରି ଉଦାର ବ୍ୟକ୍ତିର ଅହିତ କରୁଥିବା ଲୋକକୁ କ୍ଷମାପ୍ରଦାନ କରନ୍ତି ଏବଂ ଭଲ ପାଇଥାଆନ୍ତି । ଯେପରି ଦାନବୀର କର୍ଣ୍ଣ ଜାଣିଥିଲେ କୁଣ୍ଡଳଟି ଚାଲିଗଲେ ମୃତ୍ୟୁ ସୁନିଶ୍ଚିତ ତଥାପି ନିଜର କୁଣ୍ଡଳକୁ, ଦାନ କରିଛନ୍ତି । ସେହିପରି ଶିବିରାଜା ଗୋଟିଏ ପକ୍ଷୀକୁ ବଂଚାଇବାକୁ ଯାଇ ନିଜର ମାଂସକୁ ମଧ୍ୟ ପ୍ରଦାନ କରିଥିଲେ । ଦେବତାମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ ଦଧିଚୀ ଋଷି ନିଜର ଶରୀରକୁ ତିଳ ତିଳ କରି କ୍ଷୟ କରିଥିଲେ ଏବଂ ନିଜର ଅସ୍ଥିକୁ ସମଗ୍ର ଜଗତ ପାଇଁ ଦାନ କରିଥିଲେ । ଯେଉଁ ଅସ୍ଥିରୁ ଜୀମୂତ ବାହନ ଇନ୍ଦ୍ରଙ୍କ ବଜ୍ର ନିର୍ମିତ ହୋଇଥିଲା । ସାରା ସଂସାରରେ ମହାତ୍ମାଙ୍କ ନିକଟରେ କିଛି ଅଦେୟ ନଥାଏ । ବିଶ୍ୱାସ ପରି ଆଉ ସିଦ୍ଧି ନାହିଁ ଓ ଜ୍ଞାନ ପରି ଆଉ ଦୃଷ୍ଟି ନାହିଁ ।

ଲୋଭୀ ଲୋକ ଧନଲୋଭରେ ପଡ଼ି ସମସ୍ତ ଧନ ସମ୍ପତ୍ତିକୁ ମାଟିରେ ପୋତି ଦେଇଥାଏ । ସେହି ଧନ ତା ନିଜ କାର୍ଯ୍ୟରେ ଲାଗେ ନାହିଁ କିମ୍ବା ଅନ୍ୟର ଉପକାରରେ ମଧ୍ୟ ଲାଗେନାହିଁ । କିନ୍ତୁ ଯିଏ ଦାତା, ଜୀବନରେ ଅନ୍ୟର ଉପକାର କରି ନିଃସ୍ୱ ହୋଇଯାଇଥାଏ । ତଥାପି ତା'ର ମନ ଅତି ଆନନ୍ଦିତ । କାରଣ ତାର ଧନ ଅନ୍ୟର ଉପକାରରେ ଲାଗିଲା । ସେ ଭାବେ ଦାତା ଏକ ରାମ ଓର ଭିକାରୀ ସାରେ ଦୁନିଆଁ । ସବକୋ ଦେତା ହୈ ଏକହି ଦାତା । ତେଣୁ ସେ ତା'ର ଧନକୁ ଦାନକରି ଆନନ୍ଦ ପାଇଥାଏ । ଆଜି ମନୁଷ୍ୟ ମଧ୍ୟରେ ସ୍ୱାର୍ଥପର ଶୈତାନ୍ ବସିଥିବାରୁ ସେ ହିଂସା, ଈର୍ଷା ଏବଂ ଅନ୍ୟର କ୍ଷତିକରିବାକୁ ପଶ୍ଚାତ୍‌ପଦ ହେଉନାହିଁ । ତା'ର ଯେତିକି ଆବଶ୍ୟକ ତା'ଠାରୁ ବହୁଗୁଣ ଅଧିକ ସମ୍ପତ୍ତି ଠୁଳ କରୁଛି । ପାପ ଅର୍ଜିତ ସେହି ସମ୍ପତ୍ତିକୁ ସୁରକ୍ଷା କରିବାକୁ ଯାଇ ସରକାର ହାତରେ ଧରାପଡୁଛି । କେତେ ନିନ୍ଦା, କେତେ କଳଙ୍କର ଟୀକା ତାକୁ ବହନ କରିବାକୁ ପଡୁଛି । ମଣିଷ ଭାବେ ସମ୍ପତ୍ତି ନେଇ ସେ ସୁଖୀ ହେବ କିନ୍ତୁ ଯେଉଁ ସମ୍ପତ୍ତିକୁ ସେ ସୁଖର କାରଣ ଭାବେ ତାହା ଦିନେ ଦୁଃଖର କାରଣ ହୋଇ ଠିଆହୁଏ । ସମ୍ପତ୍ତିକୁ ଠୁଳକରିଥିବା ମଣିଷଟି ନା ଶାନ୍ତିରେ ଶୋଇପାରେ ନା ଶାନ୍ତିରେ ଭୋଜନ କରିପାରେ । ମନଟି ତାର ସର୍ବଦା ଥାଏ ସମ୍ପତ୍ତି ପାଖରେ । ଯେତେବେଳେ ମନ ଈଶ୍ୱର ବା ସତ୍ ଚିନ୍ତନରୁ ଓହରିଯାଇ ବିଷୟରେ ଲାଗିଯାଏ ସେତେବେଳେ ଯାବତୀୟ ଅଶାନ୍ତି ଆସିଥାଏ । ମଣିଷର ଲୋଭ ପ୍ରବୃତ୍ତି ହିଁ ତା'ଅଶାନ୍ତିର ମୂଳକାରଣ ହୋଇଥାଏ । ଗୋଟାଏ ବଖରା ଘରକୁ ମଣିଷର ଆୟୁଷ ନାହିଁ ତଥାପି ସେ ଅନେକ ଘରତୋଳୁଛି । ସେତିକିରେ ଶାନ୍ତି ନରହି ଅଶାନ୍ତ ହୋଇ ଉଠୁଛି ଆହୁରି କିଛି ଜମି, ଜାଗା କିଣିବା ପାଇଁ । ବାସ୍ତବରେ ମଣିଷ ଭିତରେ ଉଦାର ପଣିଆଟିକକ ଲୋପ ପାଇଗଲେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ । ଜୀବନରେ ଯେତିକି ଆବଶ୍ୟକ ସେତିକିକୁ ନେଇ ଚଳିପାରିଲେ ଶାନ୍ତି ମିଳିବ । ଆମେ ଭାବନ୍ତି ବହୁ ସମ୍ପତ୍ତି ହେଲେ ଉପଭୋଗ କରିବାର ସୁବିଧା ମିଳିଯିବ । ଏହା କିନ୍ତୁ ପରମେଶ୍ୱର ସହନ୍ତିନାହିଁ । ଯେଉଁଲୋକ ଯେତିକି ସମ୍ପତ୍ତି ଠୁଳକରେ ସେ ସେତିକି ଦୁଃଖୀ ହୋଇଥାଏ । ଯେ ଯେତିକି ସ୍ୱାର୍ଥପର ହୋଇଥାଏ ସେ ସେତିକି ଯନ୍ତ୍ରଣା ଜର୍ଜରିତ ହୋଇଥାଏ । ସଂସାରରେ କାହାର ଦୁଃଖର କାରଣ ନହେଲେ କେହି ତୁମ ଦୁଃଖର କାରଣ ହେବନାହିଁ । ସେଥିପାଇଁ ଜିସସ୍ କହିଥିଲେ ସ୍ୱାର୍ଥପର ଶୈତାନକୁ ତଡ଼, ପ୍ରେମମୟ ଭଗବାନଙ୍କୁ ହୃଦୟରେ ବସାଇବା ଉଚିତ । ସେହିପରି ଗୌରାଙ୍ଗ ଦେବ ନିଜେ ମାଡ଼ ଖାଇ ମଧ୍ୟ ଜଗାଇମାଧାଇଙ୍କୁ ପ୍ରେମମୟ ପ୍ରଭୁଙ୍କ ଦର୍ଶନ କରି ନିଜ ଜୀବନକୁ ପରାର୍ଥେ ଉତ୍ସର୍ଗୀକୃତ କରି ସମଗ୍ର ବସୁଧା ବାସୀଙ୍କୁ ନିଜର କୁଟୁମ୍ବ ବୋଲି ଭାବିଥାଆନ୍ତି ।

ପ୍ଲଟ ନଂ : ୧୦୮୨/ଡ଼ି,
ସେକ୍ଟର-୬, ସିଡ଼ିଏ, କଟକ,
ଦୂରଭାଷ;୯୮୬୧୩୫୫୬୨୮

ଜୀବନ କୁମ୍ଭର ମୋକ୍ଷ

।। ନାରାୟଣ ଚନ୍ଦ୍ର ବିଶ୍ୱାଳ ।।

ରାଉରକେଲାରେ ମୋ ବଡ଼ପୁଅ ସପରିବାର ରହନ୍ତି । ଏଇ ଦୁଇ ଦିନ ତଳେ ତା'ପାଖରେ ରହୁଥିବା ସମୟରେ ପାଖରେ ଥିବା ଏକ ସେଲୁନକୁ ଯାଇଥିଲି । ସେଲୁନର ତୃଟି କାରିଗରଟି ଏକ ଚିନ୍ତିତ ଓ ପରାମର୍ଶ ଅପେକ୍ଷାରେ ମୋତେ ପଚାରିଲା ତାଙ୍କ ସହଧର୍ମିଣୀ ପ୍ରୟାଗରାଜର କୁମ୍ଭମେଳାରେ ବୁଡ଼ ପକାଇବା ପାଇଁ ଇଚ୍ଛୁକ କିନ୍ତୁ ପାଖରେ ଏକ ଦେଢ଼ ବର୍ଷର କୋଳଛୁଆ । ମୁଁ ତାଙ୍କ ଠାରୁ ସବୁକଥା ଶୁଣି ସହାସ୍ୟ ବଦନରେ ପ୍ରସ୍ତାବ ଦେଲି ତୁମ ଘର ପାଖରେ ଶଙ୍ଖ ଓ କୋଏଲ ନଦୀର ମିଶ୍ରଣ ସ୍ଥଳ ଯାହାକି ପାନପୋଷରେ ଅବସ୍ଥିତ ତୁମେ ସେହି ସଙ୍ଗମ ସ୍ଥଳରେ ମଧ୍ୟ ବୁଡ଼ ଦେଇପାରିବ । ତୁମ ପରିସ୍ଥିତି, ଆଉ ତୁମ ନିତିଦିନିଆ ଜୀବନର ଆର୍ଥିକ ଓ ସମୟଗତ ଦିଗକୁ ଦେଖି । ତେବେ କୌଣସି ନଦୀର ସଙ୍ଗମ ସ୍ଥଳରେ ବୁଡ଼ ଦେବା ହିଁ ବିଶ୍ୱାସର କୁମ୍ଭ କହିଲେ ଅତ୍ୟୁକ୍ତି ହେବନାହିଁ । ମୁଁ କଟକ ଫେରି ଆସି ପହଂଚିବାବେଳକୁ ବିଶ୍ୱାସର, ଆସ୍ଥାର ଦିବ୍ୟ ଓ ଭବ୍ୟ ମହାକୁମ୍ଭ ମେଳାରେ ହୃଦୟ ବିଦାରକ ଅଘଟଣ ଘଟି ତିରିଶ ଜଣ ଶ୍ରଦ୍ଧାଳୁଙ୍କ ପରଲୋକ ପ୍ରାପ୍ତି ଖବରଟି କଷ୍ଟକର ଥିଲା । ମୌନୀ ଅମାବାସ୍ୟାରେ ଅମୃତ ସ୍ନାନ ନିମନ୍ତେ କୁମ୍ଭମେଳାର ବୁଡ଼ ବିଶ୍ୱାସୀ ଶ୍ରଦ୍ଧାଳୁମାନେ ବ୍ରାହ୍ମ ମୁହୂର୍ତ୍ତକୁ ଅପେକ୍ଷା କରିଥିବା ସମୟରେ ହିଁ ଏତେ ବଡ଼ ଅଘଟଣଟି ଘଟିଗଲା । ଆଜିର ବିଜ୍ଞାନ, ପ୍ରଯୁକ୍ତିଗତ ଅତ୍ୟାଧୁନିକ ଓ ସମସ୍ତ ସୂକ୍ଷ୍ମାତିସୂକ୍ଷ୍ମ ସୁରକ୍ଷାଗତ ସଂଯୋଗ ଓ ଅଭୂତପୂର୍ବ ପ୍ରଶାସନିକ ବ୍ୟବସ୍ଥା ଥିବା ସତ୍ତ୍ୱେ ଅଘଟଣଟି ଟାଳି ହୋଇପାରିଲା ନାହିଁ । ଦଳାଚକଟାରେ ପ୍ରାଣହାନୀ ଓ ଅନେକ ଶ୍ରଦ୍ଧାଳୁ ଗୁରୁତର ହେବା ଖବରଟି ସମଗ୍ର ଦେଶବାସୀଙ୍କୁ ଗଭୀର ଭାବେ ବ୍ୟଥିତ କରିଛି । ବିଶ୍ୱର ସବୁଠାରୁ ବଡ଼ ଆଧ୍ୟାତ୍ମିକ ମେଳାରେ ଏଭଳି ଅଘଟଣଟି ଘଟିବା ପଛରେ ଅନେକ କାରଣ ଉଠିବା ମଧ୍ୟ ସ୍ୱାଭାବିକ ।

ଆମେ ଏହି ଲେଖା ଦ୍ୱାରା କୁମ୍ଭରେ ବୁଡ଼ ଦେବା କିମ୍ବା କୌଣସି ଧର୍ମକୁ ଅବିଶ୍ୱାସ ବା ଡରଳିବାର ଅଭିପ୍ରାୟ ରଖୁନାହୁଁ । ମଣିଷର ବିଶ୍ୱାସ ହିଁ ଧର୍ମ, କର୍ମମୟ ଜୀବନ ପାଇଁ ଧର୍ମ ଏକ ଆଶା ବାଡ଼ି ପରି ପ୍ରେରଣା ଯୋଗାଇଥାଏ । ତେବେ କେବଳ କୁମ୍ଭ ମେଳାରେ ନୁହେଁ ଅନେକ ସମୟରେ ଆମେ ପ୍ରବଳ ଜନସମାଗମ ସ୍ଥାନରେ ଠେଲାପେଲା, ଧଁାଧଉଡ଼ ଓ ଦଳା ଚକଟା ହୋଇଥାଏ । କିଛି ଦିନ ତଳେ ଏକ ରେଳବାଇର ପ୍ଲାଟଫର୍ମ କାରର କର୍ମଚାରୀ ଜଣଙ୍କର ଭୁଲ ସୂଚନାର ଗୁଜବଟି ଏହି ଗୋଟିଏ ସପ୍ତାହ ତଳେ ଚଉଦ ଜଣ ଲୋକଙ୍କର ଅକାଳ ଜୀବନ ନେଇଯାଇଥିଲା । ତଥାକଥିତ ଗୁଜବ ଏହି ଅଘଟଣ ଘଟାଇବା ପାଇଁ ଯଥେଷ୍ଟ ହୋଇଥାଏ । ଧର୍ମ, ଆସ୍ଥା, ବିଶ୍ୱାସ ମଣିଷକୁ ଜୀବନ ଶୃଙ୍ଖଳାର ରାସ୍ତା ଦେଖାଇବା ସହ ସତମାର୍ଗରେ ଯିବା ପାଇଁ ପ୍ରେରଣା ଦେଇଥାଏ କିନ୍ତୁ ମୂଳକଥାଟି ହେଉଛି ଆମ ଆସ୍ଥା ଓ ବିଶ୍ୱାସ ଯେପରି ଅନ୍ଧ ନ ହୁଏ ଏବଂ ଏହା ଯେପରି ଭୁଲ ରାସ୍ତାକୁ ପରିଚାଳିତ ନକରେ ସେ ଦିଗଟିକୁ ଦେଖିବା କଥା । କୁମ୍ଭମେଳାର ଏହି ଅଘଟଣ ଘଟିବା ପୂର୍ବରୁ କିଛି ଦିନ ତଳେ ଗ୍ୟାସ ସିଲିଣ୍ଡର ଜନିତ ଛୋଟିଆ ବିସ୍ଫୋରଣ ଜନିତ ଅଗ୍ନିକାଣ୍ଡ ମଧ୍ୟ ଘଟିଥିଲା । ପ୍ରବଳ ଜନସମାଗମ ସ୍ଥଳୀରେ ଶ୍ରଦ୍ଧାଳୁଙ୍କ ଆଗମନର ସଂଖ୍ୟାକୁ ସମ୍ଭାବ୍ୟ ଭାବେ ବିଚାରକରି ପରିଚାଳକମାନେ ଏହାର ପ୍ରଶାସନିକ ଦାୟିତ୍ୱ ଓ କାର୍ଯ୍ୟ କରିଥାନ୍ତି । ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜରେ ଦଶକୋଟି ଶ୍ରଦ୍ଧାଳୁ ବୁଡ଼ ପାଇଁ ଏକାଠି ହୋଇଥିଲେ ଅର୍ଥାତ୍ ଆମ ଓଡ଼ିଶା ଜନସଂଖ୍ୟାର ପାଖାପାଖି ଅଢ଼େଇ ଗୁଣ । ତେବେ ଏ କ୍ଷେତ୍ରରେ ଅନେକ ବିଡ଼ମ୍ବନା ଭିତରୁ ଗୋଟିଏ ବଡ଼ ବିଡ଼ମ୍ବନା ହେଉଛି ଏଥିରେ ତଥାକଥିତ ଭିଭିଆଇପି ଓ ସେଲିବ୍ରେଟିଙ୍କ ଯୋଗଦାନ । ଯାହାଦ୍ୱାରା ସେମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ନାକେଦମ ହୋଇଯାଉଛି । ସେହିପରି ନାଗା ସାଧୁ ଓ ଅନ୍ୟାନ୍ୟ ସାଧୁ, ସନ୍ଥ ତଥା ଧର୍ମ ସମ୍ପ୍ରଦାୟର କିଛି ଶ୍ରଦ୍ଧାଳୁ ପ୍ରଶାସନର ନିୟମ କାନୁନକୁ ମାନୁନଥିବାର ଖବର ମଧ୍ୟ ପ୍ରକାଶ ପାଇଛି । ଏହାମଧ୍ୟ ଏକ ବିପଜ୍ଜନକ ଦିଗ । ଗୁଜବ ଯେଉଁପରି ଏକ ବିପଦଜ୍ଜନକ ଦିଗ ସେହିପରି ଅନ୍ୟାନ୍ୟ କାରଣ ମଧ୍ୟ ସବୁ ରହିଛି ।

ପ୍ରୟାଗରାଜ ମହାକୁମ୍ଭ କେବଳ ଧର୍ମ ଓ ଆସ୍ଥାର ବିଶ୍ୱାସ ନୁହେଁ, ଏଥିରେ ବିଶ୍ୱର ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମଧ୍ୟ ଯୋଗ ଦେଉଛନ୍ତି । ତେବେ ପ୍ରଶାସନ ଯେଉଁପରି ସତର୍କତା ଓ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଗ୍ରହଣ କରୁଛନ୍ତି ଏହାକୁ ଶ୍ରଦ୍ଧାଳୁମାନେ ଗ୍ରହଣ ନକରିବା ଏକ ବଡ଼ କାରଣ । ଯେଉଁଠାରେ ଏପରି ପ୍ରବଳ ଜନସମାଗମ ହୁଏ ଏପରିକି ବଡ଼ ଭିଡ଼ ହୁଏ ସେଠାରେ ପ୍ରଶାସନକୁ ସଚେତନଧର୍ମୀ ଦାୟିତ୍ୱ ମଧ୍ୟ ଆମ ମାନଙ୍କର ରହିଛି । ମୁଁ ନିତିଦିନିଆ ସମୟ କାଟୁଥିବା ଅନେକ ଲୋକମାନଙ୍କ ଭିତରେ କୁମ୍ଭ ମେଳାକୁ ଯିବା ସମ୍ପର୍କରେ ସେମାନଙ୍କର ଆଗ୍ରହ ଶୁଣିବାକୁ ପାଉଛି । କହିବାକୁଗଲେ ସମଗ୍ର ଭାରତ ବର୍ଷ ଏକ ପ୍ରକାର ପ୍ରୟାଗରାଜ କୁମ୍ଭ ମନସ୍କ କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତର ପ୍ରଧାନମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ଛାମୁଆ ନେତା, ସିନେ ଷ୍ଟାର, ସେଲିବ୍ରେଟି ଓ ଦେଶବିଦେଶର କୂଟନୀତିଜ୍ଞମାନେ ଯୋଗ ଦେବା ସହ ଲୋକମାନଙ୍କୁ ପ୍ରଦର୍ଶିତ କରି ଭିଡ଼ ଟାଣୁଥିବା କିଛି ସାଧୁସନ୍ଥ ମାନଙ୍କର ଆଗମନ ହେଉଥିବାରୁ ଅନେକ ଶ୍ରଦ୍ଧାଳୁମାନେ କୁମ୍ଭମେଳା କ'ଣ ଟିକିଏ ଦେଖିବା ପାଇଁ ମଧ୍ୟ ଆଗଭର ହୋଇପଡୁଛନ୍ତି । ଏହି କୁମ୍ଭମେଳାଟି ୧୪୪ ବର୍ଷରେ ଥରେ ପଡୁଥିବାରୁ ଲୋକମାନଙ୍କ ଭିତରେ ଅନେକ ଅହେତୁକ ଉତ୍ସାହ ଓ ଆଗ୍ରହ ସୃଷ୍ଟି ହେଉଛି । ଉତ୍ତରପ୍ରଦେଶ ଭାରତର ଏକ ବଡ଼ ରାଜ୍ୟ ଏବଂ ଏ କୁମ୍ଭମେଳା ସ୍ଥାନୀୟ ଯୋଗୀ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ଏବଂ ପରବର୍ତ୍ତୀ ସମୟରେ ଏହାକୁ ନିର୍ବାଚନୀ ସଫଳତାରେ ମଧ୍ୟ ଲଗାଇ ପାରନ୍ତି । ତେବେ ବଡ଼କଥା ହେଉଛି ଆଉ ମାନଙ୍କର ମାନସିକତା । ମୁଁ କିଛି ଦିନ ତଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଯିବା ଓ ଦର୍ଶନର ଯଥାର୍ଥ ଅଭିପ୍ରାୟକୁ ନେଇ ଏକ ବ୍ୟକ୍ତିନିଷ୍ଠ ଭାବନାକୁ ନେଇ 'ଚାଲନ୍ତୁ ଜୀବନ୍ତ ଈଶ୍ୱର ଛୁଇଁବା' ଶୀର୍ଷକ ଲେଖାଟି ଲେଖିଥିଲି । ଅନେକ ପାଠକ ମୋତେ ସାଧୁବାଦ ଜଣାଇଥିଲେ, ପରାମର୍ଶ ମଧ୍ୟ ନେଇଥିଲେ । ଆମ ପାଖରେ ଜୀବନ୍ତ ଈଶ୍ୱର ଥିବା ଆମ ବାପ-ମାଆଙ୍କ ସେବା ଓ ଦାୟିତ୍ୱକୁ ପଛକରି କେଉଁ ଈଶ୍ୱରଙ୍କୁ ଆମେ ଖୋଜିବାକୁ ଯାଉଛେ ? ତାଙ୍କ କୃପା ଓ ତାଙ୍କ ଆଶୀର୍ବାଦ ଆଣିବାକୁ ଯାଉଛେ ? ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଯିବାବେଳେ ଜଣଙ୍କର ଆଖି ସାମ୍ନାରେ ରାସ୍ତାକଡ଼ରେ ପଡ଼ିଥିବା ଅନେକ ଅସହାୟଙ୍କୁ ଆମେ ସେମାନଙ୍କ କାତରଭରା ସାହାଯ୍ୟ ମାଗୁଣୀକୁ ଏଡ଼ାଇ ଶ୍ରୀମନ୍ଦିରର ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇଥାଉ । ଏହି ଭାବନାକୁ ନେଇ ମୋ ଆଲେଖ୍ୟଟି ପ୍ରସ୍ତୁତ କରିଥିଲି । ଧର୍ମ ବିଶ୍ୱାସ ଏପରି ଏକ ଭାବାବେଗ ଯାହା ମଣିଷକୁ ଉତ୍ତମ ରାସ୍ତା ଦେଖାଇଥାଏ ଜୀବନକୁ ବୁଝିବା ପାଇଁ ।

ବ ୍ୟ । ସ କ ବି ଫକୀରମୋହନ ସେନାପତିଙ୍କ କାଳଜୟୀ ଧାଡ଼ିଟି ଏଠାରେ ଉଲ୍ଲେଖ କରୁଛି - 'ବର୍ତ୍ତମାନ କର୍ମ ଫଳ ଲାଭ ଭବିଷ୍ୟତେ, ଏହି କଥା କର ଯେବେ ହୃଦୟେ ପରତେ । ପବିତ୍ର ମନରେ କାର୍ଯ୍ୟ କର ସେହିପରି, ଆତ୍ମକୃତ କର୍ମଫଳ ଯାଚିଦେବେ ହରି । ଜୀବନର ସୁଖଦୁଃଖ ଦାତା କର୍ମଫଳ, ବିନାଶକ, ରକ୍ଷାକାରୀ ସହାୟ ସମ୍ବଳ । କର୍ମଫଳ ପ୍ରଭାବରେ ଜୀବନର ଗତି, ବିଧି ଦ୍ୱାରା ନଷ୍ଟ ହୁଏନାହିଁ ତାର ଶକ୍ତି ।' ସତ୍ ଓ କର୍ମପୂର୍ଣ୍ଣ ଜୀବନ ଭିତରେ ଜୀବନ ଚେତନା ହେଉଛି ଅନ୍ୟ ମାନଙ୍କ ସହ ସୁଖଦୁଃଖ ବାଣ୍ଟିବା । ସେମାନଙ୍କୁ ଯଥା ସମ୍ଭବ ସାହାଯ୍ୟଟି କରିବା । ସେମାନଙ୍କ କଷ୍ଟ ସମୟରେ ଆହା ପଦେ କହିବା । କେଉଁଠି ଋଣକରି, ଧାରମାଗି, ବାପା-ମାଆଙ୍କ ଠାରୁ ଏକ ପ୍ରକାର ଟଙ୍କା ଝଡ଼ାଇ ଧର୍ମ ଦର୍ଶନ ବା ଈଶ୍ୱର ପ୍ରାପ୍ତି ପାଇଁ ତୀର୍ଥ ଯାତ୍ରାର କି ମୂଲ୍ୟ ବା ରହିଥାଏ ? ଘର ପରିବାରର ଦାୟିତ୍ୱକୁ ପଛେଇ ଧର୍ମାବଲମ୍ବୀ ହୋଇ ଜଣେ କୌଣସି କୁମ୍ଭମେଳାରେ ବୁଡ଼ ଦେଲେ ବା କୌଣସି ସାଧୁ ସନ୍ଥଙ୍କ ଶରଣାପନ୍ନ ହେଲେ ସତରେ କ'ଣ ତାଙ୍କ ଜୀବନମୁକ୍ତି ହୋଇପାରିବ ? ସେ ଦିନ ରାଉରକେଲାର ସେ ସେଲୁନ କାରିଗରର କଥାଟି ମୋ ଭିତରେ ଏକ ଭାବାନ୍ତର ସୃଷ୍ଟି କରିଥିଲା । ଟଣାଟଣି ଅଭାବୀ ସଂସାର ଭିତରେ ପୁଣି କୋଳଛୁଆ ଏ ସବୁ ସତ୍ତ୍ୱେ ଜଣେ ମହିଳା କୁମ୍ଭମେଳାରେ ବୁଡ଼ ପକାଇବା ପାଇଁ ଇଚ୍ଛା କରିବା ମୋ ଭିତରେ ଜୀବନଧର୍ମ ପାଇଁ ଏକ ବଡ଼ ଆହ୍ୱାନ ବି ସୃଷ୍ଟି କରିଥିଲା । ଆଜିର ସମୟକୁ ଟିକିଏ ଦେଖନ୍ତୁ । ବିଜ୍ଞାନ ଓ ପ୍ରଯୁକ୍ତିର ଅତ୍ୟାଧୁନିକ ଯୁଗରେ ଲୋକମାନଙ୍କର ହାତରେ ଦାମୀ ଫୋନ । ଅଥଚ ଆମେ ବୁଦ୍ଧି, ଜ୍ଞାନ ଓ ଉତ୍ତମ ଜୀବନରେ ଜଣେ ଦାମୀ ହୋଇପାରୁନାହୁଁ । କୁମ୍ଭମେଳାର ଧର୍ମୀୟ ଚେତନା ସହ କୋଟି କୋଟି ଲୋକଙ୍କ ଆସ୍ଥାର ଏକ ସୂକ୍ଷ୍ମ ସଂଯୋଗ ରହିଛି । ତେବେ ଏସବୁ ଭିତରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳାବୋଧର ଓ ସହଯୋଗର ମଧ୍ୟ ବଡ଼ ଭୂମିକା ରହିଛି । ଜୀବନକୁ କର୍ମମୟ କରି ସତ ରାସ୍ତାରେ ଆଗେଇ ଚାଲିଲେ ଭଗବାନଙ୍କ କୃପା ଆପଣଙ୍କ ପାଖରେ ନିଶ୍ଚିତ ପହଂଚ । ମୋର ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଜଣେ କାଳଜୟୀ କବିଙ୍କ ସ୍ମରଣୀୟ ଲେଖାର ଧାଡ଼ିଟି ମନେପଡୁଛି - 'ମୁଁ ଯାଇ ନାହିଁ ପୁରୀ, ମୁଁ ଜାଣେ ନାହିଁ ହରି, ମୋ ଏ ଜନ୍ମର ତୀର୍ଥକ୍ଷେତ୍ର ଏହି ବିଲବାଡ଼ି' । ଜୀବନରେ ମଠ, ମନ୍ଦିର, ଦେବାଳୟ, ସାଧୁସନ୍ଥଙ୍କ ଆଶୀର୍ବାଦ, କୁମ୍ଭମେଳାରେ ବୁଡ, ଏସବୁର ଯେ ପ୍ରୟୋଜନ ନାହିଁ ତାହା ମୁଁ କହୁନି କିନ୍ତୁ ଜୀବନଟି କର୍ମପୂର୍ଣ୍ଣ, ଅର୍ଥପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ହେବା ହିଁ ଜୀବନ କୁମ୍ଭର ମୋକ୍ଷ କହିଲେ ଅତ୍ୟୁକ୍ତି ହେବନାହିଁ ।

ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ',
ମେଟ୍ରୋପ୍ଲାଜା, କାଠଗୋଲା
ରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ :
୯୪୩୮୨୭୬୭୬୦

ସେଇଠୁ ଆରମ୍ଭ
SEITHO ARAMBHA

ଗୁରୁବାର, ୨୦ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୫

ଡଃ ସୁନାକର ଉପଭୋକ୍ତା କଲ୍ୟାଣ ପରିଷଦ ସମିତିର ରାଷ୍ଟ୍ରୀୟ ସମ୍ପାଦକ

ଜଗତସିଂହପୁର, ୧୯/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରାହାମାର ଜଣାଶୁଣା ସମାଜସେବୀ ଆଡଭୋକେଟ୍ ଡକ୍ଟର ସୁନାକର ବେହେରା ଭାରତ ସରକାରଙ୍କ ନୀତିଆୟୋଗ ଦ୍ୱାରା ପରିଚାଳିତ ଉପଭୋକ୍ତା କଲ୍ୟାଣ ପରିଷଦ ସମିତିର ରାଷ୍ଟ୍ରୀୟ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି ବୋଲି ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭୁପ୍ ସିଂ ପାଲ୍ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ଛାତ୍ର ଜୀବନରୁ ଏପର୍ଯ୍ୟନ୍ତ ନିରବିଚ୍ଛିନ୍ନ ଭାବେ ଦୀର୍ଘ ତିରିଶ ବର୍ଷ ଧରି ସମଗ୍ର ଜିଲ୍ଲାରେ ଆଡଭୋକେଟ୍ ଡଃ ବେହେରା ବିଭିନ୍ନ ପ୍ରକାରର ଜନକଲ୍ୟାଣ ତଥା ସମାଜସେବା, ଭାଷା,ସଂସ୍କୃତି ଓ ଶ୍ରୀଜଗନ୍ନାଥ ମହିମାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଜଣେ ଆଗଧାଡ଼ିର ନିଷ୍ଠାପର କର୍ମୀ ଏବଂ ରାଷ୍ଟ୍ରୀୟ ସ୍ତରରେ ବହୁବାର ବିଭିନ୍ନ ଅନୁଷ୍ଠାନ ମାନଙ୍କ ତରଫରୁ ମଧ୍ୟ ସମ୍ମାନିତ ହୋଇଛନ୍ତି । ସଂପ୍ରତି ବିଶ୍ୱ ହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ କଟକ ବିଭାଗ, ଓଡିଶାର ଧର୍ମାଚାର୍ଯ୍ୟ ସମ୍ପର୍କ ଭାବେ କାର୍ଯ୍ୟରତ । ତାଙ୍କର ଏହି ନୂତନ ନିଯୁକ୍ତିରେ ରାଜ୍ୟର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ମାନ୍ୟବର କୃଷ୍ଣଚନ୍ଦ୍ର ପାତ୍ର, ଶିକ୍ଷମନ୍ତ୍ରୀ ତଥା ମାନ୍ୟବର ବିଧାୟକ ପାରାଦ୍ୱୀପ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ରାଜ୍ୟ ଖାଉଟି ସୁରକ୍ଷା ଅଦାଲତର ମୁଖ୍ୟ ବିଚାରପତି ଦିଲ୍ଲୀପ କୁମାର ମହାପାତ୍ର,ମାନ୍ୟବର ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭ୍ରଷ୍ଟାଚାର ବିରୋଧୀ ସଂଗଠନ ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ, ରାଜ୍ୟ ସରକାରଙ୍କ ବୈଧ ମାପ ବିଜ୍ଞାନ ନିୟନ୍ତ୍ରକ ଓ ଖାଦ୍ୟ ଯୋଗାଣ ବିଭାଗର ସ୍ୱତନ୍ତ୍ର ସଚିବ ବିସିକେଶନ ବେହୁରୀ, ଅତିରିକ୍ତ ସଚିବ ତ୍ରିଲୋଚନ ଦାଶ, ରାହାମା ଇଂଟେଲେକ୍ଚୁଆଲ ଫୋରମ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ଏମଏସଏମଇ ପ୍ରମୋସନ କାଉନ୍ସିଲ ଅଫ ଇଣ୍ଡିଆର ଉପାଧ୍ୟକ୍ଷ ପ୍ରସନ୍ନ ପରିଡା, ବ୍ରହ୍ମ ଜଗନ୍ନାଥ ମିଶନ ଅଧ୍ୟକ୍ଷ କ୍ୟାପଟେନ ଡ଼ଃ ସଞ୍ଜିବ୍ କୁମାର ମୁହୁଲି, ଖାଉଟି କଲ୍ୟାଣ ପରିଷଦ ସମିତିର ରାଷ୍ଟ୍ରୀୟ ସଚିବ କୈଳାସ କୁମାୱାତ, ଖାଉଟି ସଂଗଠକ ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ବିଶ୍ୱାଳ, ମୁଖ୍ୟ ସଂଯୋଜକ ବିବେକାନନ୍ଦ ହୋତା, ଉପ ସଭାପତି ଶରତ କୁମାର ଦାଶ, ଜିଲ୍ଲା ଓକିଲ ସଂଘ, ଓଡିଶା ସାମ୍ବାଦିକ ସଂଘ ଓ ରାଜ୍ୟର ବହୁ ସ୍ୱେଚ୍ଛାସେବୀ ସଂଘ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

ଯୌତୁକ ନିରୋଧ ଆଇନ କର୍ମଶାଳା ଅନୁଷ୍ଠିତ

ପୁରୀ, ୧୯/୧୧ (ଆ.ପ୍ର) : ଯୌତୁକ ଏକ ସାମାଜିକ ବ୍ୟାଧି । ଏହା ସମାଜ ପାଇଁ ଏକ କଳଙ୍କ ସଦୃଶ୍ୟ ।ବ୍ୟାପକ ସଚେତନତା ଦ୍ୱାରା ହିଁ ଏହାର ନିରାକରଣ ସମ୍ଭବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି । ବୁଧବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଯୌତୁକ ନିରୋଧ ଆଇନ ୧୯୬୧ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ଏହି ସାମାଜିକ କଳଙ୍କକୁ ସମାଜରୁ ଦୂରେଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୌତୁକ ର ସଂଜ୍ଞା ବର୍ତ୍ତମାନ ବଦଳିବାରେ ଲାଗିଛି ବୋଲି କହିଥିଲେ । ଝିଅକୁ ଉପହାର ଦିଆଯାଉଛି ବୋଲି ସଫେଇ ଦିଆଯାଇ ଏହା ଯୌତୁକ ପର୍ଯ୍ୟାୟ ଭୁକ୍ତ ନୁହେଁ ବୋଲି ଦର୍ଶାଯାଉଛି । ଆଇନତଃ ଯୌତୁକ ଦେବା ଓ ନେବା ଉଭୟ ବେଆଇନ । ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ସହ ଯୌତୁକକୁ ହଟାଯାଇ ଏକ ଯୌତୁକ ବିହୀନ ସୁନ୍ଦର ସମାଜ ଗଠନରେ ସମସ୍ତେ ସହାୟକ ହେବାକୁ ସେ ଅନୁରୋଧ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିଏସପି ସସ୍ମିତା ବେହେରା, ବିଷୟ ବିଶାରଦ ତଥା ଅଧିବକ୍ତା ମୋହନ ସୁନ୍ଦର ଜେନା, ଶୁଭ୍ରାଂଶୁ କୁମାର ମିଶ୍ର, ତପନ କୁମାର ପ୍ରମୁଖ ଯୋଗ ଦେଇ ଯୌତୁକର ସଂଜ୍ଞା, କାରଣ, ନିରାକରଣ, ଅଭିଯୋଗ ପ୍ରକ୍ରିୟା, ସମାଧାନ ବ୍ୟବସ୍ଥା, ଆଇନର ବ୍ୟବସ୍ଥା, କ୍ଷତିଗ୍ରସ୍ତଙ୍କୁ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ତେବେ ପାରସ୍ପରିକ ସମନ୍ୱୟ, ସହଯୋଗ, ସୁସ୍ଥ ସହାବସ୍ଥାନ ଓ ବୁଝାମଣା ଦ୍ୱାରା ଦାମ୍ପତ୍ୟ ଜୀବନ ଓ ଉଭୟ ପରିବାର ଖୁସିରେ ରହିପାରିବେ ବୋଲି ସମସ୍ତେ ମତ ଦେଇଥିଲେ । ଲୋପିତା ମିଶ୍ର, ମୈତ୍ରୀ ସ୍ୱାଇଁ ପଞ୍ଜିକରଣରେ ସହଯୋଗ କରିଥିବା ବେଳେ ସୁରକ୍ଷା ଅଧିକାରୀ ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ସିଡିପିଓ, ସୁପରଭାଇଜର, ୱାନ ଷ୍ଟପ ସେଂଟରର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

ହବାକ୍ ଛାତ୍ରଙ୍କ ଆନ୍ତର୍ଜାତୀୟ ଭାରଉତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା

ଜି.ଉଦୟଗିରି, ୧୯/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟର ଛାତ୍ର ମାର୍କ ନାୟକ, ପିତା ସନ୍ଦୀପ ନାୟକ, ଗ୍ରାମ ବୁଲୁପ୍ରଗା ଅରୁଣାଚଳ ପ୍ରଦେଶ ସ୍ଥିତ ଇଟାନଗର ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ଭାରତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଜି ଯାତ୍ରା କରିଥିବା ଦେଖିବାକୁ ମିଳିଛି । କନ୍ଧମାଳ ଜିଲ୍ଲାରୁ ମାର୍କ ନାୟକ ଏକମାତ୍ର ପ୍ରତିଯୋଗୀ ଭାବେ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ସୂଚନା ମିଳିଛି । ପୂର୍ବରୁ ବ୍ରହ୍ମପୁର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଭାରତୋଳନ ପ୍ରତିଯୋଗିତାର ୯୮ କେ.ଜି. ବର୍ଗରେ ଗୋଲ୍ଡ ମେଡାଲ୍ ଜିତି କନ୍ଧମାଳ ଜିଲ୍ଲାକୁ ଗର୍ବିତ କରିଥିବା ବେଳେ ଏହି ପ୍ରତିଭାବାନ ଛାତ୍ର ଏବେ ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ । ଏହି ଭାରତୋଳନ ପ୍ରତିଯୋଗିତା ନିମନ୍ତେ କୋଚ କାମଦେବ ନାୟକଙ୍କ ନିର୍ଦ୍ଦେଶନାରେ ମାର୍କ ଗତ କିଛି ମାସ ଧରି ପ୍ରଶିକ୍ଷଣ ନେଇ ଆସୁଥିଲେ । ଓଡ଼ିଶାରୁ ମୋଟ ୨୦ ଜଣ ପ୍ରତିଯୋଗୀ ଜାତୀୟ ସ୍ତର ପାଇଁ ଚୟନ ହୋଇଛନ୍ତି । ଏହି ଆନ୍ତର୍ଜାତିକ ପ୍ରତିଯୋଗିତା ନଭେମ୍ବର ୨୬ ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବୁଧବାର ଉକ୍ତ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିଥିବା ବେଳେ ହବାକ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ତରଫରୁ ତାଙ୍କୁ ପୁଷ୍ପମାଳ୍ୟ ଓ ଉପହାର ଦେଇ ବିଶେଷ ଆଶୀର୍ବାଦ ସହ ବିଦାୟ ଦିଆଯାଇଥିଲା । ହବାକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ ପାଟମାଝି, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର,ଏବିଇଓ ମିହିର କାନ୍ତ ପ୍ରଧାନ, ଶିକ୍ଷକ ବିଜୟ କୁମାର ମିଶ୍ର,ଖେଳ ପ୍ରଶିକ୍ଷକ ସତ୍ୟବ୍ରତ କର୍ଣ୍ଣ,ସଞ୍ଜୟ ସାହୁ, ଶିକ୍ଷକ ଶାନ୍ତନୁ ପ୍ରଧାନ ଏବଂ ସ୍କୁଲ୍ ଛାତ୍ରଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ଉତ୍ସାହିତ କରିବା ସହିତ ଶୁଭେଚ୍ଛା ପ୍ରଦାନ କରିଥିଲେ । ଏହି କ୍ରମରେ ବିଦ୍ୟାଳୟ ଠାରୁ ବାଦ୍ୟଯନ୍ତ୍ର ସହ ଗାନ୍ଧୀ ଛକ ପର୍ଯ୍ୟନ୍ତ ମାର୍କଙ୍କୁ ବିଦାୟ ଦେବା ପାଇଁ ଆସିଥିଲେ ସେଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେବା ପରେ ଏକ ସ୍ୱତନ୍ତ୍ର କାର ଯୋଗେ ଭୁବନେଶ୍ୱର ଯାଇ ଫ୍ଲାଇଟ୍ ଯୋଗେ ଇଟାନଗର ଯିବେ ବୋଲି ସୂଚନାମିଳିଛି । ତାଙ୍କର ଏଭଳି ପ୍ରଚେଷ୍ଟା ପାଇଁ ସ୍ଥାନୀୟ ଅଂଚଳବାସି ବିଦ୍ୟାଳୟ ଓ ପରିବାର ତରଫରୁ ପ୍ରସଂଶା ର ସୁଅ ଛୁଟିଛି ।

ସାଂସଦ କା ଖେଲ-୨୦୨୫ରେ ଯୋଗ ଦେଲେ ସାଂସଦ

ଦଶପଲ୍ଲା/ ନୂଆଗାଁ, ୧୯/୧୧ (ଆ.ପ୍ର) : ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ନୂଆଗାଁ ବ୍ଲକ ଅନ୍ତର୍ଗତ ମହୀପୁରଠାରେ ' ସାଂସଦ କା ଖେଲ-୨୦୨୫'ରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାଂସଦଙ୍କର ଯୋଗଦାନ ସହିତ, ଏହି ସମ୍ମିଳନୀ ଏକ ସଂସ୍କୃତିକ ଏବଂ ଶାରୀରିକ ସକ୍ରିୟତାର ସୂତ୍ର ହେବାରେ ସାହାଯ୍ୟ କରିଛି । ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଖେଳକୁ ପ୍ରୋତ୍ସାହିତ କରି, ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଥିଲେ, 'ଖେଳ କେବଳ ଶାରୀରିକ ଶକ୍ତି ନୁହେଁ, ବରଂ ଏହା ଆପଣଙ୍କର ସାମାଜିକ ଦାୟିତ୍ୱ, ଶିଷ୍ଟାଚାର ଓ ସଂସ୍କୃତିକ ମୂଲ୍ୟଗୁଡିକୁ ପ୍ରବଳ କରେ ।' ଏହାସହିତ ଆୟୋଜିତ କବାଡ଼ି ଖେଳରେ ସାମିଲ ହେବା ସହିତ ଛାତ୍ରଛାତ୍ରୀ ମାନଙ୍କ ଆତ୍ମ-ଉନ୍ନତି ଓ ସମ୍ପ୍ରତିବଦ୍ଧତା ପ୍ରତି ସଚେତନତା ବଢ଼ାଇଥିଲେ । ଏହି କ୍ରିୟାକଳାପରେ ଅଂଚଳର ନିର୍ବାଚିତ ପ୍ରତିନିଧି, ସ୍କୁଲ ଅଧିକାରୀ, ଓ ସାମୁଦାୟିକ ସଦସ୍ୟଙ୍କ ସହିତ ସାଧାରଣ ଲୋକମାନେ ସମିଲ ହୋଇଥିଲେ ।

ସାପ କାମୁଡ଼ାରେ ୱାର୍ଡ଼ ମେମ୍ବର ମୃତ

ଟାଙ୍ଗୀ ଚୌଦ୍ୱାର, ୧୯/୧୧ (ଆ.ପ୍ର) : ଟାଙ୍ଗୀ- ଚୌଦ୍ୱାର ବ୍ଲକ ଅଧିନ ମହିଷାଳଣ୍ଡା ଗ୍ରାମରେ ଜଣେ ବୃଦ୍ଧଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଥିବା ଜଣାପଡିଛି । ବୃଦ୍ଧ ଜଣଙ୍କ ହେଲେ ମହିଷାଳଣ୍ଡା ଗ୍ରାମ ପଂଚାୟତ ୭ନମ୍ବର ୱାର୍ଡ଼ ମେମ୍ବର ପିତାମ୍ବର ବେହୁରୀ(୭୫) । ଏ ନେଇ ଚୌଦ୍ୱାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସୂଚନା ମୁତାବକ, ପିତାମ୍ବର ସୋମବାର ଅପରାହ୍ନରେ ବିଲକୁ ଧାନ କାଟିବାକୁ ଯାଇଥିଲେ । ସେଇ ସମୟ ଏକ ଡମ୍ବ ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା । ସେ ଚିତ୍କାର କରିବାରୁ ବିଲରେ ଥିବା ଅନ୍ୟ ଚାଷୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ମେଡିକାଲ ନେଇଯାଇଥିଲେ । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପିତାମ୍ବରଙ୍କ ମଙ୍ଗଳବାର ମୃତ୍ୟୁ ହୋଇଯାଇଥିଲା । ପିତାମ୍ବରଙ୍କ ଶବବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା ପରେ ସ୍ଥାନୀୟ ମଶାଣୀରେ ଶେଷକୃତ ସମ୍ପନ୍ନ କରାଯାଇଛି । ତାଙ୍କର ମୃତ୍ୟୁ ଖବର ଜଣା ପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

ବରୁଆଁ -ବାଲିଚନ୍ଦ୍ରପୁର ରାସ୍ତା ପାଲଟିଛି ମରଣଜନ୍ତା

ଯାଜପୁର, ୧୯/୧୧ (ଆ.ପ୍ର) : ପୂର୍ତ୍ତ ବିଭାଗ ଅଧିନରେ ଥିବା ବରୁଆଁ ବାଲିଚନ୍ଦ୍ର ପୁର ୨୨ କିଲୋମିଟର ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ମରଣଜନ୍ତା ପାଲଟିଛି । ଫଳରେ ଦିନକୁ ଦିନ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଥିବା ଜଣାପଡିଛି । ଏହି ରାସ୍ତା ଉପରେ ୪ ଗୋଟି ନିର୍ବାଚନ ମଣ୍ଡଳୀ ଯଥା ଯାଜପୁର, ବରି, ଧର୍ମଶାଳା ଓ ବଡଚଣା ର ପ୍ରାୟ ୨୦ ଗୋଟି ପଂଚାୟତର ଲକ୍ଷାଧିକ ଲୋକ ନିର୍ଭରଶୀଳ । କିନ୍ତୁ ବଡ ଦୁଃଖ ଓ ପରିତାପର ବିଷୟ ସତେ ଯେମିତି ଏହି ରାସ୍ତା ପ୍ରତି କାହାର ନଜର ନାହିଁ । ୨୦ ନମ୍ବର ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତା ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ଭାବେ ସ୍ଥାନ ପାଇଥିବା ରତ୍ନଗିରି, ଉଦୟଗିରି, ଲଳିତ ଗିରି ଓ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ସ୍ଥଳ ଓଳାଶୁଣି ଗୁମ୍ଫା ଅବସ୍ଥିତ । ଆଗକୁ ଆସୁଛି ନୂଆବର୍ଷ ଏଥିପାଇଁ ପର୍ଯ୍ୟଟନ ସ୍ଥଳୀକୁ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଗାଡ଼ି ମଟର ଯୋଗେ ଏହି ରାସ୍ତା ଦେଇ ଯାତାୟତ କରିବେ । ଏହି ରାସ୍ତାର ପିଚୁ ଉଠି ଯିବାଯୋଗୁ ସମ୍ପୂର୍ଣ୍ଣ ରାସ୍ତାରେ ଖାଲ ଖମା ଓ ଏକାଧିକ ସ୍ଥାନରେ ୩ ଫୁଟରୁ ୫ ଫୁଟ ଯାଏ ବଡ଼ ବଡ଼ ଗର୍ତ୍ତ ମାନ ସୃଷ୍ଟି ହୋଇଛି ଯାହାକି କିଛି ଦୂରରୁ ଏହି ଗର୍ତ୍ତ ଜଣାପଡୁନାହିଁ । ଏଣୁ ପୂର୍ତ୍ତବିଭାଗର ଅଧିକାରୀ ତୁରନ୍ତ ଏହି ରାସ୍ତାର ଅବସ୍ଥା ନିରୀକ୍ଷଣ କରି ସ୍ଥାୟୀ ଭାବେ ମରାମତି କରି ଦୁର୍ଘଟଣା ଏଡାଇବାକୁ ସାଧାରଣରେ ଦାବି ହେଉଛି ।

ଦିଲ୍ଲୀ ବୋମା ବିସ୍ଫୋରଣ ପରେ ସବୁଠି ହାଇଆଲ୍ଲଟ

ତିର୍ତ୍ତୋଲ, ୧୯/୧୧ (ଆ.ପ୍ର) : ଦିଲ୍ଲୀ ବୋମା ବିସ୍ଫୋରଣ ପରେ ଏବେ ସବୁଠି ହାଇ ଆଲର୍ଟ ଜାରି କରାଯାଇଛି । ବିଭିନ୍ନ ସନ୍ଦେହ ଜଣକ ସ୍ଥାନ ତଥା ଜନଗହଳି ବସତି ସ୍ଥାନରେ ହାଇ ଆଲର୍ଟ ଜାରି କରାଯିବା ସହିତ ବିଭିନ୍ନ ସ୍ଥାନକୁ ତନ ତନ କରି ଯାଂଚ ମଧ୍ୟ କରାଯାଉଛି । ସେହିପରି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ପକ୍ଷରୁ ବିଭିନ୍ନ ସ୍ଥାନ ରେ ଯାଂଚ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଯାଂଚ ପ୍ରକ୍ରିୟାରେ ତିର୍ତ୍ତୋଲ ପୋଲିସ, ସ୍ଥାନୀୟ ପ୍ରଶାସନ, ସନ୍ଧାନୀ କୁକୁର ସହିତ ବମ ନିଷ୍କ୍ରିୟ ଦଳ ସାମିଲ ହୋଇଛନ୍ତି । ପ୍ରଥମେ ତିର୍ତ୍ତୋଲ ବଜାର ଓ ସାପ୍ତାହିକ ହାଟରେ ଯାଂଚ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବେଳେ କଟକ ପାରାଦ୍ୱୀପ ମୁଖ୍ୟ ରାସ୍ତାରେ ଯାତାୟତ କରୁଥିବା ସମସ୍ତ ଯାନ ବାହାନକୁ ତନ ତନ କରି ଯାଂଚ କରାଯାଇଥିଲା । ପରେ ରାହାମା ବଜାରରେ ଥିବା ବଡ ବଡ଼ ସପିଙ୍ଗ ମଲ ଏବଂ ରାହାମା ରେଳ ଷ୍ଟେସନରେ ମଧ୍ୟ ଯାଂଚ କରିଥିଲେ । ତେବେ କୌଣସି ସମୟରେ ସନ୍ଦିଗ୍ଧ ବ୍ୟକ୍ତି ସମ୍ପର୍କରେ କିଛି ବି ସୁରାଗ ପାଇବେ ତୁରନ୍ତ ସ୍ଥାନୀୟ ପୋଲିସ ଥାନାରେ ସୂଚନା ଦେବା ପାଇଁ ଜନସାଧାରଣ ମାନଙ୍କୁ ତିର୍ତ୍ତୋଲ ଥାନା ପକ୍ଷରୁ ସଚେତନ କରାଯାଇଛି ।

ଚିପ୍ସ ପ୍ୟାକେଟ୍‌ରୁ ପ୍ଲାଷ୍ଟିକ ଖେଳନା ଗିଳି ୪ ବର୍ଷ ଶିଶୁର ମୃତ୍ୟୁ

ବାଲିଗୁଡା, ୧୯/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଡାକୁଙ୍ଗିଆ ପଂଚାୟତ ଶିକରମାହା ଗ୍ରାମ ନିକଟ ମୁସୁମାହା ପଡାର ୪ ବର୍ଷ ର ଶିଶୁ ଏକ ମସଲା ଜାତୀୟ ଚିପ୍ସ ପ୍ୟାକେଟ ଭିତରେ ଥିବା ପ୍ଲାଷ୍ଟିକ ଖେଳନା ଗିଳି ଅକାଳରେ ଜୀବନ ହାରିଯାଇଛି । ମୃତ ଶିଶୁ ହେଲେ ରଞ୍ଜିତ ପ୍ରଧାନଙ୍କ ୪ ବର୍ଷର ଶିଶୁ ବିଶିଲ ପ୍ରଧାନ । ସବୁଦିନ ଭଳିସେ ମଙ୍ଗଳବାର ମଧ ଅଙ୍ଗନାୱାଡି ପାଠ ପଢିବାକୁ ଗଲେ ପାଠପଢା ସାରି ମଧ୍ୟାହ୍ନ ଭୋଜନ ଖାଇ ବାପାଙ୍କ ସହ ମକା ବାଡ଼କୁ ଗଲେ । ସେଠାରେ ବାପା ମା'ଙ୍କ ସହ କିଛି ସମୟ ବିତାଇ ଖେଳୁଥିଲେ । ପୂର୍ବରୁ ବିଶିଲଙ୍କ ବାପା ଏକ ମସଲା ଜାତୀୟ ଚିପ୍ସ ପ୍ୟାକେଟ ପୁଅ ପାଇଁ ନେଇ ରଖିଥିଲେ । ବିଶିଲ ଉକ୍ତ ଚିପ୍ସ ପ୍ୟାକେଟରେ ଥିବା ଏକ ବନ୍ଧୁକ ଖେଳନାକୁ ଖେଳୁଥିବାବେଳେ ଅସାବଧାନତା ରେ ଗିଳିଦେଇଥିଲେ ଓ ତାହା ତାଙ୍କ ତଂଟିରେ ଅଟକିଯାଇଥିଲା ଏବଂ ସେ ନିଶ୍ୱାସ ପ୍ରଶ୍ୱାସ ନେବା ମୁସ୍କିଲ ହୋଇଥିଲା ତାଙ୍କ ବାପା ଓ ମା' ଅଟକିଯାଇଥିବା ଖେଳନାକୁ ବାହାର କରିବାକୁ ଉଦ୍ୟମ କରି ଶେଷରେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାଟି ଅପରାହ୍ନ ସମୟରେ ଘଟିଥିବା ବେଳେ ପ୍ରାୟ ୩୦ କିମି ଦୂର ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି । ସେ କହିଛନ୍ତି ମୃତ ଶିଶୁଙ୍କ ବାପା କହିବା ଅନୁସାରେ, ସେ ମସଲା ଜାତୀୟ ଚିପ୍ସ ପ୍ୟାକେଟରେ ଥିବା ଖେଳନାକୁ ଗିଳିଥିଲେ, ଯାହାକି ତାଙ୍କ ଅଧିକା ରକ୍ତସ୍ରାବ ହୋଇଥିଲା ଡାକ୍ତର କହିବା ପ୍ରକାରେ ଶ୍ୱାସ ନଳୀ ଓ ଖାଦ୍ୟ ନଳୀ ରହିଛି । ତେଣୁ ଏହା ଶ୍ୱାସନଳୀରେ ଯାଇଥାଇପାରେ । ଯଦି ଖାଦ୍ୟ ନଳୀରେ ଯାଇଥାନ୍ତା ତେବେ ପେଟ ଭିତରକୁ ଯାଇକି ବି ବିପଦ ସୃଷ୍ଟି କରିଥାନ୍ତା ବୋଲି ସେ କହିଛନ୍ତି । ଡାକ୍ତର ଆହୁରି କହିଛନ୍ତି ଯେ, ପିଲାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଶସ୍ତା ଓ ନିମ୍ନମାନର ମସଲା ଜାତୀୟ ଚିପ୍ସ ପ୍ୟାକେଟ ଭିତରେ ବିଭିନ୍ନ ପ୍ଲାଷ୍ଟିକ ଖେଳନା ତଥା ପ୍ଲାଷ୍ଟିକ ବନ୍ଧୁକ, ମୁଦି, ବଳ ଭଳି ଲୋଭନୀୟ ସାମଗ୍ରୀ ରହିଛି । ଏହା ଶିଶୁ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ଓ ଏଥିରୁ ପିଲାଙ୍କୁ ନିବୃତ ରଖିବାକୁ ପରାମର୍ଶ ଦେଇଛନ୍ତି । ବିଶିଲଙ୍କ ଚିପ୍ସ ପ୍ୟାକେଟରୁ ଏକ ପ୍ଲାଷ୍ଟିକ ବନ୍ଧୁକ ରହିଥିଲା । ତାକୁ ସେ ଖାଇଥିବାରୁ ତାଙ୍କର ମୃତ୍ୟୁହେଲା ମୋ ଦ୍ୱାରା ଯେଉଁ ଭୁଲ ହୋଇଛି । ଅନ୍ୟମାନଙ୍କର ସେହି ଭୁଲ ନ ହେଉ ବୋଲି ମୃତ ଶିଶୁଙ୍କ ବାପା ରଞ୍ଜିତ କହିଛନ୍ତି । ସେପଟେ ବିଶିଲଙ୍କ ମୃତ୍ୟୁକୁ ନେଇ ଉକ୍ତ ଅଂଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ବିଶିଲ ଜଣେ ଭଲ ଛାତ୍ର ଓ ନିୟମିତ ବିଦ୍ୟାଳୟ ଆସନ୍ତି ଭଲ ପାଠ ପଢ଼ନ୍ତି ବୋଲି ଅଙ୍ଗନବାଡି କର୍ମୀ ପ୍ରମିତି ପ୍ରଧାନ କହିଛନ୍ତି ।

ଲଘୁ ଖଣିଜ ଚୋରା ଚାଲାଣରେ ମାତିଛନ୍ତି ମାଫିଆ ନିରବଦ୍ରଷ୍ଟା ସାଜିଛି ଲଘୁ ଖଣିଜ ବିଭାଗୀୟ ଅଧିକାରୀ

ଯାଜପୁର, ୧୯/୧୧ (ଆ.ପ୍ର) : ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ଲଘୁ ଖଣିଜ ବିଭାଗ ଅଧିକାରୀ ବାବୁ ମାନେ । ଯାହା ଫଳରେ ବାଲି ମାଫିଆଙ୍କ ରାଜୁତି ଦିନକୁ ଦିନ ବଢି ଚାଲିଛି । ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଅର୍ଥ ଆଗରେ ଅଧିକାରୀ ବାବୁ ମାନେ ବିଗହରା ହୋଇଯାଉଛନ୍ତି । କାହାକୁ ଦେଖିବେ, ଏପଟେ କାହା କଥା ଶୁଣିବେ । ମଝିରେ ରହିଛି ଅର୍ଥ ଭଣ୍ଡାର । ଏପରି ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି ଯାଜପୁର ଡିଡିଏମ୍ ଅଫିସ । ଗ୍ରାମବାସୀ ମାନେ ବାରମ୍ବାର ଅଭିଯୋଗ କରୁଥିବା ବେଳେ ଅଧିକାରୀ ବାବୁ ଶୁଣିବାକୁ ନାରାଜ । ଯାହା ଫଳରେ ଚୋରା ବାଲି ମାଫିଆଙ୍କ ରାଜୁତି ଦିନକୁ ଦିନ ବଢ଼ିବାରେ ଲାଗିଛି । ଅଭିଯୋଗ ଶୁଣିବା ପରେ ଅଧିକାରୀ ବାବୁ ଜଣଙ୍କ ଚୋରା ବାଲି ମାଫିଆଙ୍କ ଗାଡ଼ିରେ ସେହି ସ୍ଥାନକୁ ଦେଖିବାକୁ ଯାଉଥିବା ଅଭିଯୋଗ ହେଉଛି । ଯାଜପୁର ତହସିଲଦାରଙ୍କୁ ଗ୍ରାମବାସୀ ମାନେ ବାରମ୍ବାର ଅଭିଯୋଗ କରୁଥିବା ବେଳେ, ତହସିଲଦାର ବାବୁଙ୍କୁ ସମୟ ନାହିଁ ବ୍ୟସ୍ତ ଅଛନ୍ତି ବୋଲି କହୁଛନ୍ତି ଶୁଣିବାକୁ ମିଳେ । ତଳସ୍ତର ଅଧିକାରୀ ବାବୁ ଜଣଙ୍କ ଚୋରା ବାଲି ମାଫିଆଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ବାଲି ମାଫିଆଙ୍କ ରାଜୁତି ଦିନକୁ ଦିନ ବଢି ଚାଲୁଥିବା ଅଭିଯୋଗ ହେଉଛି । ଦେଖିବାକୁ ବାକି ରହିଲା କେଉଁଦିନ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାକୁ ଲଘୁ ଖଣିଜ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଛି । ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି ।

ବଣାଇଁରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଆତ୍ମନିର୍ଭର ଭାରତ ଏକତା ପଦଯାତ୍ରା

ବଣାଇଁ, ୧୯/୧୧ (ଆ.ପ୍ର) : ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଆଜି ବଣାଇଁରେ ଏକତା ପଦଯାତ୍ରା ଆୟୋଜନ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ବିଜୁଛକ ଠାରେ ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ମାଲ୍ୟାର୍ପଣ ଓ ଅର୍ଘ୍ୟ ଅର୍ପଣ କରିବା ପରେ ବୃକ୍ଷ ରୋପଣ କରିଥିଲେ । ଆୟୋଜିତ ମଂଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ମୁଖ୍ୟ ଅତିଥି ରାଷ୍ଟ୍ରିୟ ଏକତା ପଦଯାତ୍ରା କୁ ସବୁଜ ସଂକେତ ଦେଇ ଶୁଭାରମ୍ଭ କରିଥିଲେ । ବିଜୁଛକ ଠାରୁ ପଦଯାତ୍ରା ଆରମ୍ଭ ହୋଇ ସ୍ଥାନୀୟ ବାବା ବାଣେଶ୍ୱର ମନ୍ଦିରରେ ପହଂଚି ଥିଲା । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ, ବନ୍ଦେ ମାତରଂ ସ୍ଲୋଗାନର କାଳଜୟୀ କୃତିତ୍ୱ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ୧୫୦ ତମ ପୂର୍ତ୍ତି ମଧ୍ୟ ପାଳନ କରାଯାଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାନିଶୀଙ୍କ ଗାଥାକୁ ସ୍ମରଣ କରି ଏକ ଭାରତ ବିକଶିତ ଭାରତ ନିର୍ମାଣକୁ ସାକାର କରିବା ପାଇଁ ଆମେ ସଂକଳ୍ପ ବଦ୍ଧ ହେବା । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ରାଷ୍ଟ୍ରୀୟ ଏକତା ଓ ସଂହତି ଅଖଣ୍ଡ ଭାରତ ନିର୍ମାଣ ପାଇଁ ଯେଉଁ ତ୍ୟାଗ ଉତ୍ସର୍ଗ କରିଛନ୍ତି ତାହାକୁ ଆମେ ଆପଣେଇ ଆମ ଦେଶ ଏକ ଆତ୍ମ ନିର୍ଭର ଦେଶ ଭାବେ ଗଢିବା ଏହି ପଦଯାତ୍ରାର ଅଭିମୁଖ୍ୟ । ବଲ୍ଲଭ ଭାଇ ପଟେଲଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ କୁ ବଜାୟ ରଖିବାକୁ ଆହ୍ୱାନ ଏହି ପଦଯାତ୍ରାର ସଂକଳ୍ପ । ଏହିଯାତ୍ରାରେ ବଣାଇ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ବଣାଇ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ଡେପୁଟି କଲେକ୍ଟର ସ୍ୱାଗତିକା ବଳପତି, ବଣାଇ ତହସିଲଦାର ସମ୍ପିତ ଦାଶ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ସହକାରୀ ଜିଲ୍ଲାପାଳ କୁକମଣି ଧଳ, ବଣାଇଗଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁଙ୍କ ସମେତ ବିଜେପିର ସକ୍ରିୟ କର୍ମୀ,ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ସାମ୍ବାଦିକ, ଓ ଜନସାଧାରଣ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ରଣା ମଂଚ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ରାଜ୍ୟସ୍ତରୀୟ ସୁରଭି -୨୦୨୫ ପ୍ରତିଯୋଗିତାରେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀ ତୃତୀୟ

ଭୋଗରାଇ, ୧୯/୧୧ (ଆ.ପ୍ର) : ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁରଭି -୨୦୨୫ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ପ୍ରିୟଙ୍କା ପାତ୍ର ଚିତ୍ରାଙ୍କନ ପ୍ରତିଯୋଗିତାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଜଗଦୀଶ ଚନ୍ଦ୍ର ଗିରି, ବରିଷ୍ଠ ଅଧ୍ୟାପକ ଅନୁପ କୁମାର ସାମଲ, ଅଧ୍ୟାପକ ବ୍ରଜବିହାରୀ ପତିଙ୍କ ଅଧ୍ୟକ୍ଷତାରେ ପ୍ରିୟଙ୍କା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବାପା ଧନଞ୍ଜୟ ପାତ୍ର ଓ ଚିତ୍ର ଗୁରୁ ସଞ୍ଜିବ ସାଡଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଭିଜିଲାନ୍ସ ଜାଲରେ କେନ୍ଦୁଝର ଅବକାରୀ ଅଧିକ୍ଷକ ଓ ଚମ୍ପୁଆ ଅବକାରୀ ଥାନା ଅଧିକାରୀ

ଚମ୍ପୁଆ, ୧୯/୧୧ (ଆ.ପ୍ର) : ଜଣେ ଲାଇସେନ୍ସ ପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦୋକାନୀଙ୍କ ଠାରୁ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାଣୀ ପଟ୍ଟାୟତ ଓ ଚମ୍ପୁଆ ଅବକାରୀ ଥାନା ଏଏସଆଇ କମ ଓଆଇସି ବିଜୟ କୁମାର ମହାନ୍ତ । ଘଟଣା ଅନୁସାରେ ଚମ୍ପୁଆ ଅବକାରୀ ଥାନା ଅନ୍ତର୍ଗତ ବି ଜରଙ୍ଗିଆ ଠିପି ବନ୍ଦ ବିଦେଶୀ ମଦ ଦୋକାନ ର ମାଲିକ ବିଧିଭୂଷଣ ପତିଙ୍କୁ ଜିଲ୍ଲା ଅବକାରୀ ଅଧିକ୍ଷକ ସୀତରାଣୀ ପଟ୍ଟାୟତ ବିଭିନ୍ନ ଉପାୟ ରେ ହଇରାଣ କରିବା ସହ ନିୟମିତ ଭାବେ ଲାଂଚ ମାଗୁଥିଲେ । ଅବକାରୀ ଅଧିକ୍ଷକ ମଦ ଦୋକାନ ମାଲିକଙ୍କୁ ମାସକୁ ଦଶ ହଜାର ଟଙ୍କା ଲାଂଚ ହିସାବ ରେ ଚାରି ମାସର ଚାଳିଶ ହଜାର ଟଙ୍କା ଚମ୍ପୁଆ ଅବକାରୀ ଥାନାର ଏଏସଆଇ ଓ ଇନଚାର୍ଜ ଓଆଇସି ବିଜୟ କୁମାର ମହାନ୍ତଙ୍କୁ ଦେବା ପାଇଁ କହିଥିଲେ । ଏହା ପରେ ଦୋକାନ ମାଲିକ ବିଧିଭୂଷଣ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ବିଧିଭୂଷଣ ଅଧିକ୍ଷକଙ୍କ କହିବା ଅନୁସାରେ ଆଜି ଅପରାହ୍ନ ପ୍ରାୟ ଚାରି ଘଟିକା ସମୟରେ ଏକ ଖାମ୍‌ରେ ଚାଳିଶ ହଜାର ଟଙ୍କା ଏଏସଆଇ ବିଜୟ କୁମାର ମହାନ୍ତଙ୍କୁ ଦେବା ପାଇଁ ଚମ୍ପୁଆ ଅବକାରୀ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଅଧିକ୍ଷକ ସୀତାରାଣୀ ଏଏସଆଇ ବିଜୟଙ୍କୁ ଟଙ୍କା ନେବା ପାଇଁ ଫୋନ ରେ ନିର୍ଦ୍ଦେଶ ଦେବା ପରେ ଯୋଜନା ମୁତାବକ ଏହି ସମୟରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀ ମାନେ ଏଏସଆଇ ବିଜୟ ମହାନ୍ତଙ୍କୁ ମାଡି ବସିବା ସହ ତାଙ୍କ ଠାରୁ ଚାଳିଶ ହଜାର ଲାଂଚ ଟଙ୍କା ଜବତ କରିଥିଲେ । ବିଭାଗ ପକ୍ଷରୁ ଏକକାଳୀନ ଅବକାରୀ ଅଧିକ୍ଷକ ସୀତାରାଣୀ ପଟ୍ଟାୟତଙ୍କ ସହ ଜଡିତ ତିନୋଟି ସ୍ଥାନରେ ଓ ଏଏସଆଇ ବିଜୟ ମହାନ୍ତଙ୍କ ସହ ଜଡିତ ଦୁଇଟି ସ୍ଥାନରେ ଚଢାଉ ହୋଇଛି । ବିଭାଗ ଅଭିଯୁକ୍ତ ଦ୍ୱୟ ଶ୍ରୀମତୀ ପଟ୍ଟାୟତ ଓ ଶ୍ରୀ ମହାନ୍ତଙ୍କ ବିରୁଦ୍ଧରେ ବାଲେଶ୍ୱର ଭିଜିଲାନ୍ସ ପିଏସ କେସ ନଂ ୧୭ / ୨୦୨୫, ୟୁ / ଏସ - ୭ ପିସି (ସଂଶୋଧନ) ଆକ୍ଟ ୨୦୧୮ ଅନୁସାରେ ମାମଲା ରୁଜୁ କରାଯାଇଛି । କେନ୍ଦୁଝର ଭିଜିଲାନ୍ସ ଡିଏସପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଏସଆଇ ସୁଶାନ୍ତ ସେଠୀ, କନେଷ୍ଟବଳ ସର୍ବେଶ୍ୱର ସାହୁଙ୍କ ସମେତ କେନ୍ଦୁଝର ଓ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ଭିଜିଲାନ୍ସ ଷ୍ଟାଫ ସାମିଲ ଥିଲେ ।

ଭାରସାମ୍ୟ ହରାଇ ୩୦ ଫୁଟ ତଳକୁ ଖସିପଡ଼ିଲା ଆମ୍ବୁଲାନ୍ସ

ତିର୍ତ୍ତୋଲ, ୧୯/୧୧ (ଆ.ପ୍ର) : ବର୍ତ୍ତମାନର ବଡ଼ଖବର ଯାହା ଆମ ପାଖରେ ଆସି ପହଁଚିଛି, ଭାରସାମ୍ୟ ହରାଇ ଦୁର୍ଘଟଣା ର ଶିକାର ହୋଇଛି ଆମ୍ବୁଲାନ୍ସ । ଏପରି ଘଟଣା ଘଟିଛି କୁଜଙ୍ଗ ଥାନା ଅନ୍ତର୍ଗତ ଖୋସାଳପୁର ଠାରୁ ଗୋବର୍ଦ୍ଧନପୁର ଯାଉଥିବା ମୁଖ୍ୟ ରାସ୍ତାରେ । ସୂଚନା ଅନୁସାରେ ଆଜି ଅପରାହ୍ନ ୩ ଟା ସମୟରେ OR02BR4103 ନମ୍ବର ବିଶିଷ୍ଟ ଆମ୍ବୁଲାନ୍ସ ଟି ଅତି କ୍ଷିପ୍ର ଗତିରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଥିବା ବେଳେ ସ୍ଥାନୀୟ ଅଂଚଳରେ ଘଟଣାକୁ ଦେଖିବାକୁ ପ୍ରବଳ ଗହଳି ଦେଖିବାକୁ ମିଳିଛି । ତେବେ ଦୁର୍ଘଟଣାରେ ଡ୍ରାଇଭର ସୁରକ୍ଷିତ ଥିବା ବେଳେ ଆମ୍ବୁଲାନ୍ସ ରେ ସେ ସମୟରେ କୌଣସି ରୋଗୀ ନ ଥିବା ଜଣାପଡିଛି ।

ଶ୍ରୀମନ୍ଦିରରେ ଦେବ ଦୀପାବଳି ନୀତି

ପୁରୀ, ୧୯/୧୧ (ଆ.ପ୍ର) : ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଦେବ ଦୀପାବଳୀ ନୀତି ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ନିଜର ପିତୃ ପୁରୁଷ ଙ୍କ ଉଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ କରିଛନ୍ତି । ସନାତନ ଧର୍ମରେ ମାନବ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦିଅନ୍ତି । ମହାପ୍ରଭୁ ମଧ୍ୟ ତାଙ୍କ ପିତୃପୁରୀଚ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦିଅନ୍ତି । ଦୀପାବଳୀରେ ପ୍ରତ୍ୟେକ ସନାତନୀ ତାଙ୍କ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରନ୍ତି । ମହାପ୍ରଭୁ ମଧ୍ୟ ତାଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରନ୍ତି । ମହାପ୍ରଭୁ ପାଳନ କରୁଥିବା ଦୀପାବଳୀକୁ "ଦେବ ଦୀପାବଳୀ" କୁହାଯାଏ । ଏହା ୩ଦିନ ଧରି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ମାର୍ଗଶିର ଅମାବାସ୍ୟା ଓ ମାର୍ଗଶିର ଶୁକ୍ଳ ପ୍ରତିପଦା ଏହି ତିନୋଟି ତିଥିରେ ଶ୍ରୀମନ୍ଦିରରେ "ଦେବ ଦୀପାବଳୀ" ପାଳନ ହୁଏ । ୧୮ଦିନ ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ- କଶ୍ୟପ ଓ ଅଦିତିଙ୍କ ଉଦେଶ୍ୟ ରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ଓ ଦୀପଦାନ କରିଛନ୍ତି । ଏହି ଅବସରରେ ଶ୍ରୀମନ୍ଦିରରେ ଓ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ସ୍ୱତନ୍ତ୍ର ପାଳନ ହୋଇଯାଇଛି । ମହାଦୀପ ଜାଳୁଥିବା ଚୂନରା ସେବାୟତ ଶ୍ରୀମନ୍ଦିର ଚୂଡ଼ାରେ ଦୀପମାନ ରଖିଥିଲେ । ଏହି ଅବସରରେ ଶ୍ରୀମନ୍ଦିର ସମ୍ପୂର୍ଣ୍ଣ ଉତ୍ସବ ମୁଖର ହୋଇଥିଲା । ମହାପ୍ରଭୁଙ୍କ ଏହି ଶ୍ରାଦ୍ଧ ଉତ୍ସବରେ ଭକ୍ତମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହରେ ନିଜକୁ ସାମିଲି କରିଛନ୍ତି । ଭକ୍ତମାନଙ୍କୁ ଏହି ଉତ୍ସବରେ ସାମିଲି କରିବା ନିମନ୍ତେ ଶ୍ରୀମନ୍ଦିର ଛତିଶାନିଯୋଗ ନାୟକଙ୍କ ଉଦ୍ୟମରେ ଶ୍ରୀମନ୍ଦିର ଭିତି, ନୀତି ଓ ପରମ୍ପରାର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ କାର୍ଯ୍ୟକରୁଥିବା "ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ଆନୁକୂଲ୍ୟରେ ତିନିଦିନ ବ୍ୟାପୀ "ଦେବ ଦୀପାବଳୀ ମହୋତ୍ସବ" ଆୟୋଜିତ ହୋଇଛି । ମହୋତ୍ସବର ପ୍ରଥମ ଦିବସ ୧୯ ନଭେମ୍ବର ୨୫ ରିଖ ବୁଧବାର ଦିନ ସକାଳ ୧୦ ରୁ ଦିବା ୨ ଘଟିକା - ପ୍ରତିଭା ଚୟନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୭ରୁ ରାତ୍ର ୧୦ ଘଟିକା ମଧ୍ୟରେ ପୁରସ୍କାର ପ୍ରଦାନ ଓ "ଶ୍ରୀଜଗନ୍ନାଥ ସଂସ୍କୃତି" ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସର୍ବ ଶେଷରେ ଭକ୍ତ ମାନଙ୍କୁ ପ୍ରସାଦ ବିତରଣ ହୋଇଥିଲା । ମହୋତ୍ସବରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଜୀ,ନେତକ ଦାସ ମଠ ମହନ୍ତ ଡ ରାମଚରଣ ଦାସ ଜୀ ମହାରାଜ, ମହିପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ ଜୀ ମହାରାଜ, ସୁଆର ମହାସୁଆର ନିଯୋଗ ସମ୍ପାଦକ ଗଣେଶ ମହାସୁଆରଙ୍କ ସମେତ, ସମସ୍ତ ମଠର ମଠା ଧୀଶ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

ଆଶ୍ରମ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ

ଖଣ୍ଡପଡ଼ା, ୧୯/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରର ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟରେ ମହାନ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ଜନନାୟକ ସହିଦ୍ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନବୀନ କୁମାର ଲେଙ୍କା, ମନୋଜ ଦଳେଇ, ମନୋଜ ବେହେରା, ନାରାୟଣ ତ୍ରିପାଠୀ, ଗୀତାଞ୍ଜଳୀ ବିଶ୍ୱାଳ ବିଦ୍ୟାଳୟ ଏସଏମସି ସଭାପତି ସୁଷମା ନାଏକ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସହିଦ୍ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ବୁଝାଇଥିଲେ । ଆଜିର ଶିଶୁ କାଲିର ଭବିଷ୍ୟତ । ବିର୍ସା ମୁଣ୍ଡାଙ୍କ ଭଳି ଦେଶମାତୃକାର ସେବା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଶିତ ହୋଇଥିଲା ।

କୁଖ୍ୟାତ ନିଶା ବେପାରୀ ପ୍ରଶାନ୍ତ ସ୍ୱାଇଁ ଗିରଫ ୧୩୨ ଗ୍ରାମ ହେରୋଇନ ସହ ବାଇକ ଜବତ

ଜଗତସିଂହପୁର, ୧୯/ ୧୧ (ଆ.ପ୍ର) : ଜଗତସିଂହପୁର ଥାନା ଅନ୍ତର୍ଗତ ମଣ୍ଡାସାହି ନିକଟସ୍ଥ ଜାହାନପୁର ଅଂଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା । ଯାଂଚ ପରେ ତାଙ୍କ ପାଖରୁ ୧୩୨ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ ଏବଂ ନିଶା ବେପାରରେ ବ୍ୟବହାର ହେଉଥିବା ରୟାଲ ଏନଫିଲ୍ଡ ମୋଟର ସାଇକେଲ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଜାହାନପୁର ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁ ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା । ସବୁବେଳେ ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ନିରୀକ୍ଷକ ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ପ୍ରଶାନ୍ତ କୁମାର ସ୍ୱାଇଁ । ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧୩,୨୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି । ଏହି ଅଭିଯାନରେ ଅବକାରୀ ଉପନିରିକ୍ଷିକା ଭାଗ୍ୟଲକ୍ଷ୍ମୀ ଦଳାଇ, ସହକାରୀ ଉପନିରିକ୍ଷିକ ସନ୍ତୋଷ ନାୟକ, ପିନାକୀ ରାଉତରାୟ, କନଷ୍ଟେବଳ ସବିତା ନାୟକ, ସୁକାନ୍ତ ମାଝୀ, ମହେନ୍ଦ୍ର ରାଉତ ପ୍ରମୁଖ ସାମିଲ ଥିଲେ । ଜଗତସିଂହପୁର ଅଂଚଳରେ ହେରୋଇନ୍ ବ୍ୟବସାୟକୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟ୍ ସହ ନିଶାବେପାରୀଙ୍କୁ ଜେଲ୍‌ରେ ପୁରାଇବାକୁ ଅଂଟାଭିଡିଛି ଅବକାରୀ ବିଭାଗ ।

ଚାରି ହାର୍ଡକୋର୍ ଲୁଟେରା ଗିରଫ

ଟାଙ୍ଗୀ ଚୌଦ୍ୱାର, ୧୯/୧୧ (ଆ.ପ୍ର) : ଗତ ୨୯ଅକ୍ଟୋବର ଅପରାହ୍ନରେ ଟାଙ୍ଗୀ ଥାନା ଅଧୀନ ନପଙ୍ଗ ପଂଚାୟତ କୋଉକୋଉ ଗ୍ରାମର ରବୀ ନାରାୟଣ ତ୍ରିପାଠୀ ଟାଙ୍ଗୀସ୍ଥିତ ତ୍ରିମ୍ବସ ଛକ ନିକଟ ଏକ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ । ପରେ ସେ ଆସି ଘର ସମ୍ମୁଖରେ ସ୍କୁଟିକୁ ଛିଡା କରିଥିଲେ । ଏହି ସମୟରେ ରବି ନାରାୟଣଙ୍କ ମୋବାଇଲକୁ ଏକ ଫୋନ କଲ ଆସିଥିଲା । ସେ ମୋବାଇଲରେ କଥାହୋଇ ଅନ୍ୟ ମନସ୍କରେ ଡିକିରୁ ଟଙ୍କା ବାହାର ନ କରି ଘର ଭିତରକୁ ଚାଲି ଯାଇଥିଲେ । ହଠାତ୍ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ସେଠାରେ ପହଁଚିଥିଲେ । ପରେ ସ୍କୁଟି ଡିକି ଭାଙ୍ଗି ୧୦ଲକ୍ଷଟଙ୍କା ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ । ରବୀନ୍ଦ୍ର ଏ ସମ୍ପର୍କରେ ଟାଙ୍ଗୀ ଥାନାକୁ ଖବର ଦେବା ପରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ସେଠୀ ଅଂଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ୍ ଆଧାରରେ ଯାଜପୁର ଜିଲ୍ଲା ମୁଣ୍ଡମାଳ ପାତ୍ର ସାହିର ରାକେଶ୍ ଦାସ (୨୩) ନାମକ ଯୁବକଙ୍କ ସମ୍ପୃକ୍ତି ଥିବା ନେଇ ଜାଣିବାକୁ ପାଇଥିଲା । ପରେ ଉକ୍ତ ବ୍ୟକ୍ତିକୁ ଗିରଫ୍ କରି ପଚରାଉଚୁରା କରିବା ପରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଭଦ୍ରକ ଓ ବାରିପଦାରୁ ଗିରଫ କରିଥିଲା । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନାମରେ ଭଦ୍ରକ, କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜରେ ବହୁ ଅପରାଧିକ ମାମଲା ଥିବା ନେଇ ଟାଙ୍ଗୀ ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ବ୍ଲକସ୍ତରୀୟ ମତ୍ସ୍ୟ ପ୍ରାଣୀସମ୍ପଦ ମେଳା

ଟିକିଟି, ୧୯/୧୧ (ଆ.ପ୍ର) : ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସୌଜନ୍ୟରେ ଟିକିଟି ବ୍ଲକ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ରାଜା ଗୌର ଚନ୍ଦ୍ର ଦେଓ ଖେଳ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଟିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ପ୍ରାଣୀସମ୍ପଦ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. କୈଳାସ ଚନ୍ଦ୍ର ସାମନ୍ତରା, ଟିକିଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିବେକାନନ୍ଦ ମିଶ୍ର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଅରବିନ୍ଦ ବେହେରା, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦେବିଦତ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. କୁଳଦୀପ ପ୍ରାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ଷ୍ଟଲ ଖୋଲାଯାଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବ୍ୟାପକ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ବିଧାୟକ ଓ ଅତିଥି ମାନେ ଗୋପୂଜନ କାର୍ଯ୍ୟ କରି ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ । ପାତ୍ରପୁର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସସ୍ମିତା ପଣ୍ଡା ମଂଚ ପରିଚାଳନା କରିଥିବା ବେଳେ ରାଜଲକ୍ଷ୍ମୀ ବାଳିକା ବିଦ୍ୟାପୀଠର ଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଭାରପ୍ରାପ୍ତ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶ୍ୱେତା ବେହେରା କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ । ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଚାଷୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତାକୁ ଏଲଇଡି ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଅତିଥି ଓ ବିଭାଗୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ଉପରେ ଆଲୋକପାତ କରିଥିଲେ । ପାରମ୍ପରିକ ଚାଷ ବଦଳରେ ସମନ୍ୱିତ ଚାଷ, ଉନ୍ନତ ଜ୍ଞାନ କୌଶଳ ଉପଯୋଗ କରି ଅଧିକା ଉତ୍ପାଦନ, ମତ୍ସ୍ୟ ଚାଷ, ଗୋପାଳନ, ଉଦ୍ୟାନ କୃଷିକୁ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ଏହିଅବସରରେ କୃଷି, ପଶୁପାଳନ, କୁକୁଡ଼ା, ଛେଳି, ମତ୍ସ୍ୟ, ଯାଅଁଳ ଚାଷ, ଉଦ୍ୟାନ, କୃଷି ଆଦି କ୍ଷେତ୍ରରେ ଆତ୍ମନିର୍ଭର ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ଼. କାମେଶ୍ୱର ରେଡ୍ଡୀ, ପ୍ରାଣୀ ଚିକିତ୍ସକ ଡ଼. ଲିପସା ମହାପାତ୍ର ଓ ନୂଆପଡା ପ୍ରାଣୀ ଚିକିତ୍ସକ ସୌମିକ ସ୍ୱାଇଁ ପ୍ରମୁଖଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ ।

ନବରଙ୍ଗପୁର ଜିଲ୍ଲାରେ ପିଏମ କିସାନ ଯୋଜନାରେ କୃଷକମାନଙ୍କୁ ୨୧ ତମ ସହାୟତା ପ୍ରଦାନ

ନବରଙ୍ଗପୁର, ୧୯/୧୧ (ଆ.ପ୍ର) : ଦେଶର କୃଷକମାନଙ୍କ କଲ୍ୟାଣ ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ପିଏମ କିସାନ୍' ଯୋଜନା ଅଧୀନରେ ୨୦୨୫-୨୬ ବର୍ଷ ପାଇଁ ୨୧ତମ ସହାୟତା ଅର୍ଥବିତରଣ କାର୍ଯ୍ୟକ୍ରମ ଆଜି ନବରଙ୍ଗପୁର ମିଶନ୍ ଶକ୍ତି ସମ୍ମିଳନୀ କକ୍ଷ ଏବଂ ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ଠାରେ ସଫଳତାର ସହ ଆୟୋଜିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁର କୋଏମ୍ବାଟୁରରୁ ସିଧା ପ୍ରସାରଣ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଜାତୀୟ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝି ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତପନ କୁମାର ଖୁଂଟିଆ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେମାନେ କୃଷକମାନଙ୍କୁ ଶୁଭେଚ୍ଛା ଜଣାଇ, ପିଏମ-କିସାନ୍ ଯୋଜନା କୃଷକମାନଙ୍କ ଆର୍ଥିକ ସଶକ୍ତିକରଣରେ ମହତ୍ୱପୂର୍ଣ୍ଣ ଭୂମିକା ନେଉଥିବା ବୋଲି ଉଲ୍ଲେଖ କରିଥିଲେ । ନବରଙ୍ଗପୁର, ନନ୍ଦାହାଣ୍ଡି ଓ ତେନ୍ତୁଳୀଖୁଂଟି ବ୍ଲକର ସର୍ବମୋଟ ୧୦୦ ଜଣ କୃଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସେହିଭଳି ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ 'ପି ଏମ କିସାନ୍' ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ସାଂସଦ ଲୋକସଭା ବଳଭଦ୍ର ମାଝି ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି କୃଷକ ମାନଙ୍କୁ ଏହି ଅର୍ଥ ସହାୟତା କୃଷିର ଉନ୍ନତିରେ ନିଶ୍ଚୟ ସହାୟକ ହେବ ବୋଲି କହିଥିଲେ । ସାଂସଦଙ୍କ ସମେତ କୁଞ୍ଜ ବିହାରୀ ଦାସ, ବାସନ୍ତୀ ମାଝୀ, ରାମ ନାୟକ ଓ କୃଷି ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାର ୧୦୪୦୯୩ ଜଣ କୃଷକଙ୍କ ଜମା ଖାତାକୁ ପ୍ରତ୍ୟେକ ୨୦୦୦ ଟଙ୍କା ହିସାବରେ ମୋଟ ୨୦ କୋଟି ୮୧ ଲକ୍ଷ ୮୬ ହଜାର ଟଙ୍କା ଆଜି ଜମା ହୋଇଛି । ଏହି ଅର୍ଥ ସହାୟତା ପାଇବା ଫଳରେ ଜିଲ୍ଲାର କୃଷକମାନେ ନୂତନ ଉତ୍ସାହ, ଆଶା ଓ ଏକ ସୁନ୍ଦର କୃଷି ଭବିଷ୍ୟତ ପାଇଁ ପ୍ରେରଣା ସହିତ ଚାଷକାମରେ ଲାଗିପାରିବେ ବୋଲି ମତବ୍ୟକ୍ତ ହୋଇଛି । ମିଶନ ଶକ୍ତି ସମ୍ମିଳନୀ ଗୃହ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଡିଆଇପିଆର୍ ଓ ମନୋଜ ବେହେରା, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ବେହେରା, ସମସ୍ତ ବ୍ଲକ୍ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଜଗତସିଂହପୁରରେ ଏକତା ପଦଯାତ୍ରା

ଜଗତସିଂହପୁର, ୧୯/୧୧ (ଆ.ପ୍ର) :ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଆଜି ଏକତା ପଦଯାତ୍ରା ଆୟୋଜନ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାରେ ଏକତା ଏବଂ ଦେଶପ୍ରେମର ବାର୍ତ୍ତା ବାଂଟିବାକୁ ଆୟୋଜିତ ଏହି ପଦଯାତ୍ରାଟି ଆଳିପିଙ୍ଗଳ ଠାରୁ ଅତ୍ୟନ୍ତ ଉତ୍ସାହର ସହିତ ଆରମ୍ଭ ହୋଇ ଅଳକା ଆଶ୍ରମ, ପରେ ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆଠାରେ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ, ଜଗତସିଂହପୁର ବିଷ୍ଣୁ ପ୍ରସାଦ ତରାଇ, ମାନ୍ୟବର ବିଧାୟକ ଜଗତସିଂହପୁର, ଅମରେନ୍ଦ୍ର ଦାସ, ଅତିରିକ୍ତ ଜିଲ୍ଲାପାଳ, ସମିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସମସ୍ତ ବିଭାଗୀୟ ଅଧିକାରୀ ଜଗତସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋୟୀ ଯୋଗ ଦେଇଥିଲେ । ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସରକାରୀ ଅଧିକାରୀ ଏବଂ ନାଗରିକ ପଦଯାତ୍ରାରେ, ସର୍ଦ୍ଦାର ପଟେଲଙ୍କ ଜୀବନ ଏବଂ ଅବଦାନ ଦ୍ୱାରା ଅନୁପ୍ରାଣିତ ବ୍ୟାନର ଏବଂ ସ୍ଲୋଗାନ ଧରି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସାଧାରଣ ସଭା ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ଭାରତର ଏକତାର ସ୍ଥପତି ଭାବରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଅବିସ୍ମରଣୀୟ । ସେ, ସମସ୍ତଙ୍କୁ, ବିଶେଷକରି ଯୁବପିଢ଼ିଙ୍କୁ, ତାଙ୍କ ସମର୍ପଣ, ସେବା ଏବଂ ଜାତୀୟ ସଦ୍ଭାବର ମୂଲ୍ୟବୋଧକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନ୍ୟବର ସାଂସଦ ବିଷ୍ଣୁ ପ୍ରସାଦ ତରାଇ ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଙ୍କଳ୍ପ ଓ ଦେଶପ୍ରେମର ଶିକ୍ଷା ସମାଜକୁ ହିଂସା, ଅସମାନତା ଓ ବିଭାଜନରୁ ଦୂରରେ ରଖେ । ତାଙ୍କର ଦୃଷ୍ଟିକୋଣକୁ ଡ ତରାଇ ଦେଶର ଅଖଣ୍ଡତାର ମୂଳମନ୍ତ୍ର ବୋଲି କହିଥିଲେ । ଯୁବପିଢ଼ୀ ଯଦି ସର୍ଦ୍ଦାର ପଟେଲଙ୍କ ଆଦର୍ଶରୁ ପ୍ରେରିତ ହୋଇ ଦେଶଗଠନରେ ଅଂଶଗ୍ରହଣ କରିବେ, ତେବେ ଆଗାମୀ ଭାରତ ଅଧିକ ସୁସଂଗଠିତ ଓ ସମୃଦ୍ଧ ହେବ । ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ 'ଏକ ଭାରତ, ଶ୍ରେଷ୍ଠ ଭାରତ, ଆତ୍ମ ନିର୍ଭର ଭାରତ'ର ଆତ୍ମାକୁ ସୁଦୃଢ଼ କରିବା ଏବଂ ଦେଶର ପ୍ରଗତି ଏବଂ ଶାନ୍ତି ପାଇଁ ସାମୂହିକ ଭାବରେ କାମ କରିବା ପାଇଁ ଅଂଶଗ୍ରହଣକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡ ସୁଶାନ୍ତ ମହାନ୍ତି, ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡ ସୁଜାତା ଓତା, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ପ୍ରମୁଖ ମଂଚସୀନ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଂଚ ପରିଚାଳନା କରିଥିଲେ । ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅତିଥି ମାନେ ଉପଭୋଗ କରିଥିଲେ । ପଦଯାତ୍ରା ଆଳିପିଙ୍ଗଳ ଠାରୁ ଆରମ୍ଭ ହୋଇଥିବା ବେଳେ ଅଳକା ଆଶ୍ରମ ଠାରେ ମା ପାଇଁ ଗଛଟିଏ ଅଭିଯାନ ଅନ୍ତର୍ଗତ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର ରେ ଅତିଥି ମାନେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟକ୍ରମ କରିଥିଲେ । ଚାରି ଗୋଟି ରହଣୀ ସ୍ଥଳ ଯଥା ଆଳିପିଙ୍ଗଳ, ଅଳକା ଆଶ୍ରମ, ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ରେ ବିଭିନ୍ନ କଳା ପ୍ରତିଷ୍ଠାନ ଓ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହାଛଡ଼ା ପଦ ଯାତ୍ରା ରେ ତେଲିଙ୍ଗି ବାଜା, ସିଂହ ବାଜା, ପାଇକ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା । ମା ମାନେ ଏକତା ଧର୍ମୀ ରଙ୍ଗୋଳୀ ଆଙ୍କିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଓ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଜିର ଏହି ପଦ ଯାତ୍ରା ରେ ଏକ ହଜାର ରୁ ଅଧିକ ସଂଖ୍ୟାରେ ଜନ ସାଧାରଣ, ଜନ ପ୍ରତିନିଧି, ସରକାରୀ ଅଧିକାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନେ, ସ୍ୱଚ୍ଛ ସାଥୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଉତ୍ସାହର ସହ ଏହାକୁ ସଫଳ କରିଥିଲେ ।

ଆରମ୍ଭ

SEITHO ARAMBHA

ଗୁରୁବାର, ୨୦ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୭

ଭକ୍ତ ଭାବାବେଶରେ ଭଗବାନଙ୍କ ରୂପମାଧୁରୀ ପାନ କରେ: ଭାଗବତ

ନୀଳଗିରି, ୧୯/୧୧ (ଆ.ପ୍ର) : ଶାରୀରିକ ଲକ୍ଷଣରୁ କର୍ମର ରୂପ ଜଣାପଡେ । ଭଗବାନଙ୍କ ସ୍ତୁତି ବା ଗୌରବଗାନ କରିବାପାଇଁ ତାଙ୍କର କୃପା ପ୍ରାପ୍ତି ଜରୁରୀ ଅଟେ । ଚଂଚଳ ଚିତରେ ସାଧନାରୁ ସିଦ୍ଧି ମିଳେ ନାହିଁ । ଆଧ୍ୟାତ୍ମିକ ଅନୁଭୂତି ବ୍ୟକ୍ତିର ପୂର୍ବ ଓ ପର ଅବସ୍ଥାର ସୂଚନା ଦିଏ । ଜୀବନୀ ଶକ୍ତି ଓ କ୍ରିୟା ଶକ୍ତି ସୁପ୍ତ ରହିଲେ ବ୍ୟକ୍ତି ଆଧ୍ୟାତ୍ମିକ ସ୍ତରକୁ ଆସିପାରେ ନାହିଁ । ଦିବ୍ୟ ଜ୍ଞାନାଲୋକ ପ୍ରାପ୍ତି ହେଲେ ବ୍ୟକ୍ତି ଅପ୍ରାକୃତ ଭିତିଭୂମିକୁ ସ୍ପର୍ଶ କରିପାରେ । ଜ୍ଞାନକୁ ଅନୁଶୀଳନ କରୁଥିବା ବ୍ୟକ୍ତି ବହୁ ଜନ୍ମପରେ ପ୍ରକୃତ ଜ୍ଞାନଲାଭକରି ଭଗବାନଙ୍କ ପାଖରେ ପହଂଚିପାରେ । ପ୍ରକୃତ ଜ୍ଞାନଲାଭ କରିଥିବା ବ୍ୟକ୍ତି କେବେବି ଈଶ୍ୱରଙ୍କୁ ବିସ୍ମୃତି ହୋଇପାରେ ନାହିଁ । ଜ୍ଞାନହୀନ ବ୍ୟକ୍ତି ନିଜର ଉପଭୋଗ ପାଇଁ ଭଗବାନଙ୍କୁ ଆରାଧନା କରେ । ଭକ୍ତର ଭଗବାନଙ୍କ ସେବା ଆନନ୍ଦ ସହ ତୁଳନୀୟ ନୁହେଁ ।

ଭଗବାନଙ୍କ ସେବାକୁ ଭକ୍ତିର ଅପ୍ରତିହତ ପ୍ରବାହ କୁହାଯାଏ । କେବଳ ଭକ୍ତମାନଙ୍କ ସଙ୍ଗରେ ଭକ୍ତିର ପରିପକ୍ୱ ଅବସ୍ଥା ସମ୍ଭବ ଅଟେ । ଧ୍ୟାନ ଓ ଧାରଣା ସାହାଯ୍ୟରେ ବ୍ୟକ୍ତି ଶୂନ୍ୟରେ ଆରାଧନା କରେ । ବ୍ରହ୍ମାନୁଭୂତି ଅଦ୍ୱୈତ ବ୍ରହ୍ମଙ୍କର ଅପରୋକ୍ଷ ଅନୁଭୂତି ଅଟେ । ପାରମାର୍ଥିକ ମାର୍ଗରେ ଉନ୍ନତି କରିଥିବା ବ୍ୟକ୍ତିଙ୍କୁ ଜ୍ଞାନୀ ବ୍ୟକ୍ତି ବୋଲି କୁହାଯାଏ । ସର୍ବୋପରି ଧ୍ରୁବ ମହାରାଜ ଭକ୍ତିମାର୍ଗରେ ଥିବା ନିଜର ଦୋଷପ୍ରତି ସଚେତନ ହୋଇଯାଇଥିଲେ ବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୭୪ ତମ ଆଭାସୀ ଆଲୋଚନାଚକ୍ରରେ ଭାଗବତର ଚତୁର୍ଥ ସ୍କନ୍ଧର ନବମ ଅଧ୍ୟାୟ ଆଲୋଚନା ଅବସରରେ ଆଲୋଚକ ନୀଳଗିରିର ପଣ୍ଡିତ ଶକ୍ତିପଦ ମିଶ୍ର ଓ ଶୁଭେଚ୍ଛା ବାର୍ତ୍ତାରେ ଥିବା ଯାଜପୁରର ଅଧ୍ୟାପକ ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ପରିବାରର ଚିଲିକାରୁ ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ କୁମାରୀ ଭାର୍ଗବୀ ରାଉତ୍ ସ୍ୱାଗତ ସଙ୍ଗୀତ ଓ ଶେଷରେ କେନ୍ଦୁଝରର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ରତିନାରାୟଣ ରାଉତ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ଓ ଶାନ୍ତିପାଠ କରିଥିଲେ । ଏହି ଆସରରେ ବହୁ ଶ୍ରୋତା ଯୋଗଦାନ କରିଥିଲେ ।

ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ବିଜ୍ଞାନ ମେଳା ଏକ ପ୍ରକୃଷ୍ଟ ମାଧ୍ୟମ

ଚିଲିକା/ବାଣପୁର,୧୯/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ପିଏମଶ୍ରୀ ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାପୀଠ ପରିସରରେ ବିଜ୍ଞାନ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟସାରଥୀ ବେଦମତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଜ୍ଞାନ ମେଳା ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଖିଳ କୁମାର ପଲାଇ ଯୋଗ ଦେଇ ଆନୁଷ୍ଠାନିକ ଭାବେ ବିଜ୍ଞାନ ପ୍ରଦର୍ଶନୀ ଉଦଘାଟନ କରି ସମସ୍ତ ପ୍ରକଳ୍ପ ଗୁଡ଼ିକ ପରିଦର୍ଶନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ବୈଜ୍ଞାନିକ ଚିନ୍ତାଧାରାର ଅନ୍ତର୍ନିହିତ ଗୁଣାବଳୀର ବିକାଶ କ୍ଷେତ୍ରରେ

ବିଜ୍ଞାନ ମେଳା ଯଥେଷ୍ଟ ସହାୟକ ହୋଇଥାଏ ବୋଲି ଅତିଥିମାନେ ଅଭିହିତ କରିଥିଲେ । ଏହି ବିଜ୍ଞାନ ମେଳାରେ ଜୁନିଅର ବିଭାଗ ଓ ସିନିୟର ବିଭାଗ ଭାବେ ସମୁଦାୟ ୨୨ଟି ପ୍ରୋଜେକ୍ଟ ସ୍ଥାନ ପାଇଥିଲା । ବିଜ୍ଞାନ, ପରିବେଶ ଓ ଗାଣିତିକ ଆଧାରରେ ପ୍ରୋଜେକ୍ଟ ଗୁଡ଼ିକ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା । ହାଇଡ୍ରୋଲିକ ଫାର୍ମିଙ୍ଗରେ ପ୍ରଣ୍ୟୁସ୍ମିତା ମାଝୀ, ହାଇଡ୍ରୋ ଇଲେକ୍ଟ୍ରିକରେ ନାରାୟଣ ସାହୁ ଓ ସାହିଲ କୁମାର ସାହୁ, ଏଆର ପଲ୍ୟୁସନ ଉଇଥ ପୋଲାଷ୍ଟାଂଟ ଆବଜରମେଂଟରେ ଆଶୁତୋଷ ସ୍ୱାଇଁ, ଆର୍ଥ କ୍ୱେକ ଅଲେର୍ଟ ଆଲାର୍ମରେ ସାଇଗ୍ରୁହ ବଳବନ୍ତରାୟ, ଇଭଜ ଆଣ୍ଡ ଆବଇଭଜ ଅଫ କମ୍ପ୍ୟୁଟରରେ ସତ୍ୟମ ସ୍ୱରାଜ ପରିଡ଼ା, ରେନ ୱାଟର କ୍ଲିନରରେ ଲୋକନାଥ ଦଳାଇ, ପ୍ରୋଟେକ୍ସନ ଅଫ ୱାଇଲଡ ଅନିମଲରେ ଲକ୍ଷ୍ମୀଧର ପଲାଇ, ହରଗୌରୀ ବୃକ୍ଷର ଅବଶୋଷଣରେ ସୋନାଲିସ ପଲାଇ, ଦୂଷିତ ଜଳର ବିଶୁଦ୍ଧିକରଣ ପ୍ରଣାଳୀରେ ଅନ୍ୱେଷା ପ୍ରଧାନ, ଜୀବସାର ଜାତୀୟ ଖାଦ୍ୟର ସାରଣୀରେ ଆୟୁଷ କୁମାର ପଲାଇ ଓ ଆଲୋକ କୁମାର ସାମନ୍ତରାୟ, ଜଳ ସଂରକ୍ଷଣରେ ଧନଞ୍ଜୟ ପରିଡ଼ା ଓ ଓଁମ ବଳବନ୍ତରାୟ, ଜଳ ସଂରକ୍ଷଣ ଓ ଉପାଦେୟତାରେ ମହେଶ କୁମାର ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ । ଏହି ମେଳାରେ ବିଦ୍ୟାଳୟର ଶିକ୍ଷକ ବସୁଦେବ ମାର୍ଥା, ହୁଲାସ କୁମାର ବେହେରା, ଜଗନ୍ନାଥ ବେହେରା, ରାକେଶ କୁମାର ପାତ୍ର, ସୂର୍ଯ୍ୟକାନ୍ତ ଦଳାଇ, ରଣଜିତ ସ୍ୱାଇଁ, ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ, ମନୀଷା ନାୟକ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସମସ୍ତ ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରିଥିଲେ ।

ଖଳିସାହି କପ କ୍ରିକେଟ ଟୁର୍ଣ୍ଣାମେଂଟ, କାନପୁର ବିଜୟୀ

ଖଣ୍ଡପଡ଼ା, ୧୯/୧୧ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ ପଡିଆରେ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୯ ତମ ଖଳିସାହି କପ କ୍ରିକେଟ ଟୁର୍ଣ୍ଣାମେଂଟର ବୁଧବାର ଅନୁଷ୍ଠିତ ଲିଗ ମ୍ୟାଚରେ କାନପୁର କ୍ରିକେଟ ଟିମ, ନାଟୁଗାଁ ଟିମକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ନାଟୁଗାଁ ଟିମ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ୱିକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା । ଜବାବରେ କାନପୁର ଟିମ ୧୪ ଓଭରରେ ୭ ୱିକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜୟୀ ଟିମ ପକ୍ଷରୁ ଅନିଲ ଦାସ ୪ ଓଭରରେ ୨୦ ରନ ଦେଇ ୩ଟି ୱିକେଟ ଅକ୍ତିଆର କରି ଆଜିର 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ । ଜବାର ଖାଁ ଓ ମାନସ ସାହୁ ଖେଳକୁ ପରିଚାଳନା କରିଥିଲେ ।

ଉତ୍କଳ ସୀମାନ୍ତ ଉତ୍ସବ ପାଇଁ ଭୂମି ପୂଜା

ଭୋଗରାଇ, ୧୯/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁରରେ ବିଶ୍ୱ ସନାତନ କଲ୍ୟାଣ ସଂଘ ଆନୁକୂଲ୍ୟରେ ଚଳିତ ନଭେମ୍ବର ମାସ ଆସନ୍ତା ୨୬ ତାରିଖରେ ଆୟୋଜିତ ହେବାକୁ ଯାଉଥିବା ଉତ୍କଳ-ସୀମାନ୍ତ ଉତ୍ସବ ପାଳନ ପାଇଁ ସାହାବାଜିପୁର ମଧୁ ମଣ୍ଡପ ପରିସରରେ ବୁଧବାର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଂ ଅରୁଣ ଗିରି, ଅଧ୍ୟାପକ ତ୍ରିଶଙ୍କୁ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଗାଁ ପରିଚାଳନା କମିଟିର ମୁଖ୍ୟ ନାରାୟଣ ଚନ୍ଦ୍ର ସାହୁ ଭୂମି ପୂଜନ ଉତ୍ସବରେ ନଡ଼ିଆ ଫଟେଇ ଶୁଭ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମବାସୀ ସୁବଳ ସାମଲ, ଦର୍ଶନ ବେହେରା, ୱାର୍ଡ ମେମ୍ବର କାଳି ଚରଣ ବେହେରା, ବିଶ୍ୱ ସନାତନ କଲ୍ୟାଣ ସଂଘର ଜିଲ୍ଲା ସଂଯୋଜକ ଭଗବାନ ଚନ୍ଦ୍ର ବେହେରା, ସଦସ୍ୟ ଜନେନ୍ଦ୍ର ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ବାଳକୃଷ୍ଣପୁର ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ

ଜୁଜୁଡ଼ାଖଣ୍ଡି, ୧୯/୧୧ (ଆ.ପ୍ର) : ଲାଞ୍ଜିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବାଳକୃଷ୍ଣପୁର ଠାରେ ୨୦୨୫-୨୬ ଶିକ୍ଷାବର୍ଷର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଏହି ବିଜ୍ଞାନ ମେଳାରେ ଆମ୍ବଗଡ ସମବାୟ ସମିତିର ସଭାପତି ତଥା ଲାଞ୍ଜିଆ ସମିତି ସଭ୍ୟ କାହ୍ନୁଚରଣ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିଶୁ ମାନଙ୍କ ଏହି ବିଜ୍ଞାନ ମେଳା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଦକ୍ଷିଣପୁର କ୍ଲଷ୍ଟର ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶଶୀରେଖା ମଲିକ ପରିଚାଳନା କରିଥିଲେ ଏବଂ ବିଦ୍ୟାଳୟର ସହକାରୀ ଶିକ୍ଷକ ଜି. ଚୁନା ଦୋରା ସାଜସଜା କରି ଥିଲେ ଏବଂ ବରିଷ୍ଠ ଶିକ୍ଷକ ରାମମୋହନ ପତି ସହଯୋଗ କରିଥିଲେ । ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ସେନାପତି ଓ ବିଜ୍ଞାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ନାହାକ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ୬୦ଟି ବିଜ୍ଞାନ ପ୍ରକଳ୍ପ ମଧ୍ୟରୁ ଜୁନିଅର ଗ୍ରୁପର ତିନୋଟି ଓ ସିନିୟର ଗ୍ରୁପର ତିନୋଟି ପ୍ରକଳ୍ପ କୁ ବାଛିଥିଲେ । ଯେଉଁମାନେ କି ପରବର୍ତ୍ତୀ ସମୟରେ ବ୍ଲକ ଲେବେଲ ବିଜ୍ଞାନ ମେଳାରେ ଭାଗନେବେ । ପରିଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ କଲ୍ୟାଣୀ କୁମାରୀ ତ୍ରିପାଠୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ସ୍ୱର୍ଗତ ଚୈତନ୍ୟ ଚରଣ ଲେଙ୍କାଙ୍କ ଏକାଦଶାହ କ୍ରିୟା ସ୍ମୃତି ସଭା

ଧାମନଗର, ୧୯/୧୧ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଂଚାୟତ ଷୋଳଗାଁର କଳା ଓ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଚୈତନ୍ୟ ଚରଣ ଲେଙ୍କାଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ ନିଜ ବାସଭବନରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଖୁଂଟିଆଙ୍କ ସଂଚାଳନାରେ ଆୟୋଜିତ ସ୍ମୃତି ସଭାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ ଭଦ୍ରକ, କଳାକାର ସଂଘର ଜିଲ୍ଲା ସଭାପତି ସୁବାଷ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମାୟାଧର ପଣ୍ଡା (ଡଗ୍ଲୁ), କଂଗ୍ରେସ ନେତା ଅଭିଷେକ ରାଉତ,ଶିକ୍ଷାବିତ ଭାସ୍କର ସାମଲ, ରାଜେନ୍ଦ୍ର କୁମାର ଖୁଂଟିଆ,ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ,ନୃସିଂହ ବେହେରା, ସ୍ଥାନୀୟ ସରପଂଚ ପ୍ରିତମ ଦାସ,ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଅଧ୍ୟାପକ ଲୋକେଶ ଚନ୍ଦ୍ର ପଣ୍ଡା,ଶେତାମ୍ବର ମହାପାତ୍ର, ସୋନାଲି ଭୂଇଁ, ମନୋଜ ଭୂୟାଁ,ଭାସ୍କର ଚନ୍ଦ୍ର ବିଶ୍ୱାଳ, ସତ୍ୟବ୍ରତ ରାଉତ,ନରେନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇ ସେ ସ୍ୱଭାବରେ ଜଣେ ଶାନ୍ତ, ସରଳ, ନମ୍ର ବ୍ୟକ୍ତିତ୍ୱ ସହିତ ଜଣେ ଆଦର୍ଶ ଓ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ବହୁ ପରିଚିତ ଥିଲେ । ଶିକ୍ଷକତା ସହିତ ସାହିତ୍ୟ ଓ କଳା ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ୧୯୬୨ ମସିହାରେ ଧାମନଗର ଉର୍ଦ୍ଧ୍ୱ ପ୍ରାଇମେରୀ ବିଦ୍ୟାଳୟରେ ଶିକ୍ଷକତା ଭାବେରେ ଚାକିରି ଜୀବନ ଆରମ୍ଭ କରି ସେ ଭଇଁରିଆବାଙ୍କ, ଡମକୁରା, ପତ୍ରୀସାହି, ବାୟାଗଡିହ ଓ ସୋରିଷଡିହ ଭଳି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ । ଶେଷରେ ତାଳପଦା ନୋଡ଼ାଲ ବିଦ୍ୟାଳୟରୁ ସେ ୧୯୯୪ ମସିହାରେ ସ୍ୱେଚ୍ଛାକୃତ ଭାବରେ ଅବସର ଗ୍ରହଣ କରିଥିଲେ । ଚୈତନ୍ୟ ଲେଙ୍କା ଜଣେ କବି ଓ ଲେଖକ ଭାବେ ବେଶ ପରିଚିତ ଥିଲେ ବୋଲି ସ୍ମୃତି ଚାରଣ କରିଥିଲେ । ଦେବବ୍ରତ ଲେଙ୍କା, ସୌମ୍ୟରଞ୍ଜନ ଲେଙ୍କା, ତାପସ ଲେଙ୍କା, ଦିପ୍ତିରଞ୍ଜନ ଲେଙ୍କା, ପ୍ରଭାସ ଲେଙ୍କା,ସୁବ୍ରତ ଲେଙ୍କା ଓ ପରିବାର ବର୍ଗ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ବେଦପୁରରେ କାର୍ଯ୍ୟକର୍ତ୍ତା ବୈଠକ

ନିମାପଡା, ୧୯/୧୧ (ଆ.ପ୍ର) : ପୁରୀ ଜିଲ୍ଲା ଗୋପ ବ୍ଲକ ବେଦପୁର ପଂଚାୟତର ବଳରାମ ଗାର୍ଡ଼ ପିଠରେ ବେଦପୁର ପଂଚାୟତ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ସଂଗଠନକୁ କିପରି ଆହୁରି କ୍ରିୟାଶୀଳ କରାଯିବ ଗୁରୁମନ୍ତ୍ର ଦେଇଥିଲେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମହୋଦୟ । ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ ମହୋଦୟଙ୍କ ସହ ଗୋପ ବ୍ଲକ ଯୁବ ନେତୃତ୍ୱ ମନ୍ଦିପ ପାଇକରାୟ ଓ ବେଦପୁର ପଂଚାୟତର ଶତାଧିକ କର୍ମୀ ଯୋଗ ଦେଇଥିଲେ । ଏହି ବୈଠକ ରେ ପଂଚାୟତର ଏକ କମିଟି ଗଠନ କରାଗଲା ଆବାହକ ଭାବେ -ଅଜୟ ମିଶ୍ର, ସହଆବାହକ - ୨ଜଣ କମଳାକାନ୍ତ ମହାନ୍ତି, ବିଷ୍ଣୁ ଚରଣ ବେହେରାଙ୍କୁ ସର୍ବସମତି କ୍ରମେ ଅନୁମୋଦନ କରାଯାଇଥିଲା ।

ରାଇକିଆ ବଣିକ ସଂଘ ସହଯୋଗରେ ଖାଦ୍ୟ ସୁରକ୍ଷା ସଚେତନତା କର୍ମଶାଳା

ରାଇକିଆ, ୧୯/୧୧ (ଆ.ପ୍ର) : ରାଇକିଆ ବଣିକ ସଂଘ ପକ୍ଷରୁ ଏକ ଖାଦ୍ୟ ସୁରକ୍ଷା ସଚେତନତା କର୍ମଶାଳା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା ଖାଦ୍ୟ ସୁରକ୍ଷା, ପୋଷଣ ଏବଂ ଶୁଦ୍ଧ ଖାଦ୍ୟ ପ୍ରସ୍ତୁତି ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଖାଦ୍ୟ ପ୍ରାଧିକରଣ ଅଧିକାରୀ ସତ୍ୟବ୍ରତ କ୍ଷେଣ, ଯୋଗ ଦେଇ ଖାଦ୍ୟ ବ୍ୟବସ୍ଥାପନା ସଂପର୍କୀୟ ନିୟମାବଳୀ, ଖାଦ୍ୟ ସୁରକ୍ଷା ମାନଦଣ୍ଡ ଏବଂ ଏଫଏସଏସଏ ଆଇ (ଏଫଏସଏ ସଏସଏଆଇ) ନିୟମଗୁଡ଼ିକ ସମ୍ବନ୍ଧରେ ବ୍ୟବସାୟୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ୫୦ ଜଣ ବ୍ୟବସାୟୀ ସଦସ୍ୟ ମାନଙ୍କୁ ଖାଦ୍ୟ ସୁରକ୍ଷା ସଚେତନତାର ସିର୍ଟିଫିକେଟ ବଂଟନ କରାଯାଇଥିଲା । ବଣିକ ସଂଘର ସଭାପତି ପଦ୍ମ ଚରଣ ପଣ୍ଡା ଏହି ଉଦ୍ୟମର ଗୁରୁତ୍ୱ ବିଷୟରେ ଅଲୋଚନା କରି ଏହି ପ୍ରକାର କାର୍ଯ୍ୟକ୍ରମ ଆଗାମୀ ଦିନରେ ଆହୁରି ବୃହତ୍ ପରିସରରେ ଅନୁଷ୍ଠିତ କରିବାକୁ ଅନୁରୋଧ କରିଥିଲେ. ଏହି କର୍ମଶାଳାରେ ବଣିକ ସଂଘର ସଦସ୍ୟମାନେ, ସ୍ଥାନୀୟ ବ୍ୟବସାୟୀମାନେ ବହୁ ସଂଖ୍ୟକ ଉପସ୍ଥିତ ଥିଲେ । ସଭା ଶେଷରେ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ଏକ ଶପଥ ଗ୍ରହଣ କରାଯାଇଥିଲା ଏବଂ ସମସ୍ତଙ୍କୁ ଏହି ଉଦ୍ୟମ ଜାରି ରଖିବା ପାଇଁ ପ୍ରେରିତ କରାଗଲା । ସଚେତନତା ସଭା ସହ ରାଇକିଆ ବସ୍ ଷ୍ଟାଣ୍ଡ ଠାରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରି ଲୋକମାନଙ୍କୁ ସଚେତନ କରାଯାଇଥିଲାଏହି କାର୍ଯ୍ୟକ୍ରମ ରେବଣିକ ସଂଘର ଉପସଭାପତି ବି ତ୍ରିପତି ସୁବୁଦ୍ଧି, ସନ୍ତୋଷ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା, ଯୁଗ୍ମ ସମ୍ପାଦକ ଆର୍ ମହେନ୍ଦ୍ର ପାତ୍ର, ଶ୍ରିନୁ ଆଚାରୀ, କୋଷାଧ୍ୟକ୍ଷ ସକ୍ଷଦେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ବଣିକ ସଂଘର ସହ ସମ୍ପାଦକ ଦୂତୀ କୃଷ୍ଣ ପଣ୍ଡା ସଂଚାଳନ କରିଥିଲେ ।

ହାତୀ ଉପଦ୍ରବ ନେଇ ସରପଂଚଙ୍କ ପଂଚାୟତ ସମିତି ବୈଠକରେ କ୍ଷୋଭ

ପାରଳାଖେମୁଣ୍ଡି, ୧୯/୧୧ (ଆ.ପ୍ର) : ଗଜପତି ଜିଲ୍ଲା କାଶୀନଗର ପଂଚାୟତ ସମିତି ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀଙ୍କ ସହ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପଂଚାୟତ ସମିତି ଉପାଧ୍ୟକ୍ଷା ଏସ୍.କଲ୍ୟାଣୀ, ଜିଲ୍ଲା ପରିଷଦର ସଭ୍ୟା ଆର୍‌ରାଜଲକ୍ଷ୍ମୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ ମଂଚାସୀନ ଥିଲେ । ବିଭିନ୍ନ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ଏହି ସମୟର ଶିଆଳି ପଂଚାୟତର ସରପଂଚ ରାମପ୍ରସାଦ ପଟ୍ଟନାୟକ ପ୍ଲାକାର୍ଡ ଓ ସ୍ଲୋଗାନ ସହ ହାତୀ ହଟାଅ ଦାବୀ କରିଥିଲେ । ଶିଆଳି, ବୁଦୁରା ଏବଂ ଗୋରିବନ୍ଧା ପଂଚାୟତରେ ୪ଟି ବଣୁଆ ହାତୀ ମାଡି ଅଂଚଳରେ ଧାନ ଫସଲ ନଷ୍ଟ କରିବା ସହ ଗମନାଗମନରେ ବାଧା ଉପୁଯାଉଛନ୍ତି । ତେଣୁ ସେମାନଂକୁ ଅଂଚଳରୁ ଘଉଡାଇବାକୁ ଦାବୀ କରିଥିଲେ । ତତ୍ ସଂଗେସଂଗେ କେତେ ଜଣ ବୃଦ୍ଧ ବ୍ୟକ୍ତି ଏବେବି ଭତା ପାଉନାହାନ୍ତି । ସେମାନଙ୍କୁ ତୁରନ୍ତ ଭତା ଅନୁମୋଦନ କରିବାକୁ ବିଧାୟକ ବିଡିଓଂକୁ କହିଥିଲେ । ତତ୍ ସଂଗେସଂଗେ ହାତୀ ଘଉଡାଇବା ଏବଂ ନଷ୍ଟ ହୋଇଥିବା ଶସ୍ୟର କ୍ଷତିପୂରଣ ପାଇଁ ଜିଲ୍ଲା ପ୍ରଶାସନକୁ ଜଣାଇବେ ବୋଲି ନିଜ ମନ୍ତବ୍ୟରେ କହିଥିଲେ ।

ସଦର ବ୍ଲକ୍‌ରେ ଆୟୋଜିତ ହେଲା ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫

ବାଲେଶ୍ୱର, ୧୯/୧୧ (ଆ.ପ୍ର) : ସଦର ବ୍ଲକର ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ଗୋପଳଗାଁ ଠାରେ ଆଜି 'ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫' ଗାମ୍ଭୀର୍ଯ୍ୟ ଓ ଉତ୍ସାହର ସହ ଆୟୋଜିତ ହୋଇଯାଇଛି । ମେଳାର ଉଦ୍ଦେଶ୍ୟ ଥିଲା ମତ୍ସ୍ୟଚାଷ ଓ ପଶୁସଂପଦ ପ୍ରତି ଚାଷୀମାନଙ୍କ ଆଗ୍ରହ, କୌଶଳ ଓ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ସହିତ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବଢ଼ାଇବା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକଙ୍କ ଲୋକପ୍ରତିନିଧି ଲମ୍ବୋଦର ପ୍ରଧାନ, ପଂଚାୟତ ସମିତି ସଦର ଅଧ୍ୟକ୍ଷା ସୁନୀତା ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରବିନାରାୟଣ ପଟ୍ଟନାୟକ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶ୍ରୀ ରେଶ୍ମା ରାଣୀ ସିଂ । ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱର, ଡ଼ା. କୃଷ୍ଣ କେଶବ ଷଡ଼ଙ୍ଗୀ । କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା । ମେଳାରେ ବିଭିନ୍ନ ବିଭାଗର ମୋଟ ୧୪ଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପିତ ହୋଇଥିଲା; ପ୍ରାଣୀ ସମ୍ପଦ ବିକାଶ ବିଭାଗର ୪, ମତ୍ସ୍ୟ ବିଭାଗର ୪, ପଞ୍ଜିକରଣ ୨, କୃଷି ବିଭାଗ ୧, ଉଦ୍ୟାନ କୃଷି ବିଭାଗ ୧, ମିଶନ ଶକ୍ତି ୧ ଓ ଓମଫେଡ୍ ୧ । ଅତିଥିମାନେ ସମସ୍ତ ଷ୍ଟଲ ପରିଦର୍ଶନ କରି ବିଭିନ୍ନ ପ୍ରଦର୍ଶନୀ ସମ୍ପର୍କରେ ସୂଚନା ନେଇଥିଲେ । ମେଳାରେ ମୋଟ ୮ ଜଣ ସଫଳ ଚାଷୀଙ୍କୁ ପ୍ରାଣୀ ସମ୍ପଦ ବିଭାଗର ୪ ଓ ମତ୍ସ୍ୟ ବିଭାଗର ୪ ଜଣଙ୍କୁ ୧୦୦୦/-, ଉତରୀୟ ଓ ସ୍ମୃତିଚିହ୍ନ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହା ସହିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଅନ୍ୟ ୪ ଜଣ ଉତ୍ସାହୀ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ବ୍ଲକ୍ କଳା ସଂସ୍କୃତି ସଂଘର ଅନୁବନ୍ଧିତ ଗ୍ରୁପ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା ଓ ନାଟ୍ୟ ପରିବେଷଣ ମେଳାକୁ ଆନନ୍ଦମୁଖର କରିଥିଲା । ଚାଷୀ ବିଭାଗୀୟ ଅଧିକାରୀମାନଙ୍କ ସହ ମତ ବିନିମୟ ଅଧିବେଶନରେ ଚାଷୀମାନେ ତାଙ୍କ ଅଭିଜ୍ଞତା ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ସଦର ବ୍ଲକର ୩୭ ପଂଚାୟତର ମୋଟ ୭୪୦ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀ ଏହି ମେଳାରେ ଯୋଗ ଦେଇଥିଲେ । ଏହି ମେଳା ମତ୍ସ୍ୟ ଓ ପଶୁସଂପଦ କ୍ଷେତ୍ରର ବିକାଶ, ଚାଷୀମାନଙ୍କ ସ୍ୱାଧୀନତା ଓ ଆର୍ଥିକ ସମୃଦ୍ଧି ପାଇଁ ଏକ ମାଇଲଖୁଣ୍ଟ ଭାବେ ପରିଚୟ ଦେଲା ।

ବାର୍‌ହା ଉପଦ୍ରବରୁ ରକ୍ଷା ପାଇଁ ଚାଷୀଙ୍କ ଆକୁଳ ନିବେଦନ

ପାରଳାଖେମୁଣ୍ଡି, ୧୯/୧୧ (ଆ.ପ୍ର) : ଗଜପତି ଜିଲ୍ଲା ଗୋଷାଣି ବ୍ଲକରେ ବାର୍ହା ଉପଦ୍ରବରୁ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି । ସେମାନଙ୍କର ବର୍ଷକର ଫସଲ ନଷ୍ଟ ହେବ ବୋଲି ସେମାନଙ୍କର ଭାବନା ପଡିଲାଣି । ବିଶେଷ କରି ଜଂଗଲପାଡ଼ୁ, ଡଉଗୋଷାଣି, ଗୁରାଣ୍ଡି, ଉପର ସେଲି, ଗୁରାଣ୍ଡି, ଡ଼ଙ୍ଗନିଲାପୁର, ମହାଦେଇପୁର, ଗୋଲାଗାଁ ଓ ଇଂଲିଶପେଣ୍ଟ ବିଶେଷ ଭାବେ ପ୍ରଭାବିତ ହେବାର ଆଶଂକା ରହିଛି । ସେମାନେ ଦିନରାତି ଏକ କରି ରେକର୍ଡିଂ ଦ୍ୱାରା ଜୋର ଶବ୍ଦ କରି ସେହି ବଣୁଆ ଜନ୍ତୁଙ୍କୁ ଅଂଚଳରୁ ଘଉଡାଇବା ପାଇଁ ଚେଷ୍ଟା ଜାରୀ ରଖିଛନ୍ତି । ସେମାନେ ଜିଲ୍ଲା ପ୍ରଶାସନ ଓ ବନବିଭାଗ ନିକଟରେ ବାର୍ହାଙ୍କୁ ଅଂଚଳରୁ ଘଉଡାଇବା ପାଇଁ ଆକୁଳ ନିବେଦନ କରିଛନ୍ତି ।

ଗୋଳାମୁଣ୍ଡାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ

ଧର୍ମଗଡ଼, ୧୯/୧୧ (ଆ.ପ୍ର) : ଗୋଳାମୁଣ୍ଡା ବ୍ଲକ ପଂଚାୟତ ସମିତି ପଡିଆ ଠାରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା -୨୦୨୫ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ତ୍ରିପୁରା ମହାନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗୋଳାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ନିରୋଦ ଚନ୍ଦ୍ର କହଁର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠି, ସହକାରୀ ମତ୍ସ୍ୟ ଅଧିକାରୀ ବନ୍ଦନା ରାଣୀ ପଣ୍ଡା, ସାଂସଦଙ୍କ ପ୍ରତିନିଧି ପ୍ରସନ୍ନ କୁମାର ରାଉତ, ତହସିଲଦାର ଚନ୍ଦନ କୁମାର ନାୟକ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ମଞ୍ଜୁଲତା ବାଗ, ଗୋଳାମୁଣ୍ଡା କୃଷି ଅଧିକାରୀ ନଭକେଶ୍ୱର ନାଗ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ, ଜୋନ-୨ ଜିଲ୍ଲା ପରିଷଦ ସଭ୍ୟା ସରିତା ମାଝୀ, ଜୋନ-୩ ଜିଲ୍ଲା ପରିଷଦ ସଭ୍ୟ ଜୟସେନ ସାହୁ, ଖଲିଆପାଲି ସରପଂଚ ଜିମୂତ ବାହାନ ହରପାଳ ପ୍ରମୁଖ ଯୋଗଦେଇଥିଲେ । ନୂତନ ପୋଖରୀ ଖନନ, ମତ୍ସ୍ୟ ଚାଷ, ଗୋପାଳନ, କୁକୁଡ଼ା ସାଙ୍ଗକୁ ପ୍ରାଣୀ ଓ ମତ୍ସ୍ୟ ଚାଷ ଆଦି ବିଭାଗ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଏ ନେଇ ବ୍ଲକର ପ୍ରାଣୀ ଓ ମତ୍ସ୍ୟ ଚାଷୀଙ୍କ ପାଇଁ ବିଭିନ୍ନ ଷ୍ଟଲର ମଧ୍ୟ ବ୍ୟବସ୍ଥା ହୋଇଥିଲା । ଏପରିକି ଚାଷୀ ବୈଜ୍ଞାନିକ ଆଲୋଚନା ଚକ୍ର ମାଧ୍ୟମରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଦୂରୀଭୂତ କରିବା ସହିତ ସରକାରୀ ଯୋଜନା ଗୁଡିକର ସଠିକ ରୂପାୟନ ହେବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି । ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଅନୁମୋଦିତ ମତ୍ସ୍ୟ ଓ ପ୍ରାଣୀ ବିଭାଗର ସବୁତକ ଯୋଜନାର ଲାଭ ଉଠାଇବା ପାଇଁ ଚାଷୀ ମାନଙ୍କୁ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ସମସ୍ତ ପଂଚାୟତର ଲୋକପ୍ରତିନିଧି ଏବଂ ବ୍ଲକର କୋଣ ଅନୁକୋଣର ମତ୍ସ୍ୟ ଓ ପ୍ରାଣୀ ଚାଷୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ଲକର ସଫଳ ଚାଷୀ ଭାବେ ୮ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ସଭାକୁ ତିଡିଆ ଗ୍ରାମ ପଂଚାୟତର କାର୍ଯ୍ୟ ନିର୍ବାହ ଅଧିକାରୀ ବିଶ୍ୱ ରଞ୍ଜନ ପଣ୍ଡା ମଂଚ ପରିଚାଳନା କରିଥିବା ବେଳେ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA
ଗୁରୁବାର, ୨୦ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ଚଳିତ ରଣଜୀରେ ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର, ୧୯/୧୧ (ଆ.ପ୍ର) : ଚଳିତ ରଣଜୀ ସିଜିନରେ ପ୍ରଥମ ବିଜୟ ହାସଲ କରିଛି ଓଡ଼ିଶା । କିଟ୍ ଷ୍ଟାଡିୟମଠାରେ ଖେଳାଯାଉଥିବା ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ଓଡ଼ିଶା ୨୯୯ ରନର ଏକ ବିଶାଳ ବିଜୟ ହାସଲ କରିଛି । ଏହି ମ୍ୟାଚରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଓଡ଼ିଶା ନିଜର ପ୍ରଥମ ଇନିଂସରେ ୨୭୫ ରନ କରିଥିଲା । ଏହି ଇନିଂସରେ ଓଡ଼ିଶା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ବି ଅନୀଲ ପରିଡ଼ା ଓ ବିପ୍ଳବ ସାମନ୍ତରାୟଙ୍କ ଏକ ଉପଯୋଗୀ ପାର୍ଟନରସିପ ଫଳରେ ଦଳ ୨୭୫ ରନ କରିପାରିଥିଲା । ଅନୀଲ ୧୧୮ ରନ କରିଥିବାବେଳେ ବିପ୍ଳବ ୯୨ ରନ କରିଥିଲେ । ଏହାର ଜବାବରେ ନାଗାଲାଣ୍ଡ ନିଜର ପ୍ରଥମ ଇନିଂସରେ ମାତ୍ର ୧୬୧ ରନ କରି ଅଲଆଉଟ ହୋଇଯାଇଥିଲା । ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସଂବିତ ବରାଳ ଓ ଜି. ପୋଦ୍ଦାର ୩ଟି ଲେଖାଏଁ ୱିକେଟ ନେଇଥିଲେ । ଏହାପରେ ଓଡ଼ିଶା ନିଜର ୨ୟ ଇନିଂସରେ ୫ ୱିକେଟ ହରାଇ ୩୫୦ ରନ କରିଥିଲା ଓ ଇନିଂସ ଘୋଷଣା କରିଥିଲା । ଫଳରେ ନାଗାଲାଣ୍ଡ ଆଗରେ ୪୬୫ ରନର ଲକ୍ଷ୍ୟ ରହିଥିଲା । ଓଡ଼ିଶା ପକ୍ଷରୁ ସ୍ୱସ୍ତିକ ସାମଲ ୧୬୯ରନ ଓ ଶୁଭ୍ରାଂଶୁ ସେନାପତି ୧୩୭ ରନ କରିଥିଲେ । ଏହାର ଜବାବରେ ନାଗାଲାଣ୍ଡ ନିଜର ୨ୟ ଇନିଂସରେ ମାତ୍ର ୧୬୫ ରନ କରି ଅଲଆଉଟ ହୋଇଯାଇଥିଲା, ଫଳରେ ଓଡ଼ିଶା ୨୯୯ ରନର ଏକ ବଡ଼ ବିଜୟ ହାସଲ କରିଥିଲା । ଓଡ଼ିଶା ପକ୍ଷରୁ ଗୋବିନ୍ଦ ପୋଦ୍ଦାର ୫ଟି ଓ ବାଦଲ ବିଶ୍ୱାଳ ୩ଟି ୱିକେଟ ନେଇଥିଲେ । ସ୍ୱସ୍ତିକ ସାମଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା ।

୩୦୦ ମେଟ୍ରିକ ଟନ୍ ଇସ୍ପାତ କ୍ଷମତା ଲକ୍ଷ୍ୟ ହାସଲ ପାଇଁ ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୧୧ (ଆ.ପ୍ର) : କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆଜି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ସହିତ ଓଡ଼ିଶାରେ ଇସ୍ପାତ କ୍ଷେତ୍ରର ବିକାଶ, ବିଶେଷକରି ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପରିଚାଳନା ଏବଂ ସମ୍ପ୍ରସାରଣ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ବୈଠକରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ମଧ୍ୟ ଉପସ୍ଥିତ ଥିଲେ । ଆଲୋଚନାକୁ 'ଫଳପ୍ରଦ' ବୋଲି ଅଭିହିତ କରି କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ କହିଛନ୍ତି, ଏକ ଅଗ୍ରଣୀ ଇସ୍ପାତ ଏବଂ ଖଣି ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଛି । ଇସ୍ପାତ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ତିନୋଟି ପ୍ରମୁଖ କ୍ଷେତ୍ର ଉପରେ ଆଲୋଚନା ହୋଇଥିବା କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଆମେ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟକାରିତା, ସୁବିଧାର ଯୋଜନାବଦ୍ଧ ସମ୍ପ୍ରସାରଣ ଏବଂ ଓଡ଼ିଶାରେ ଇସ୍ପାତ ଓ ଖଣି ଉତ୍ପାଦନ ବୃଦ୍ଧି ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛୁ । ସମୃଦ୍ଧ ଖଣିଜ ସମ୍ପଦ ଏବଂ ଦୃଢ଼ ଶିଳ୍ପ ଭିତ୍ତିଭୂମି ସହିତ ଓଡ଼ିଶା ଭାରତର ଇସ୍ପାତ ଅଭିବୃଦ୍ଧି ରଣନୀତି ପାଇଁ ଏକ ଅତ୍ୟାବଶ୍ୟକ ସ୍ତମ୍ଭ ହୋଇ ରହିଛି ବୋଲି ସେ କହିଥିଲେ । କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆରଏସପିର ସମ୍ପ୍ରସାରଣ ଏବଂ ଇସ୍ପାତ କ୍ଷେତ୍ରର ବ୍ୟାପକ ବିକାଶକୁ ସୁଗମ କରିବା ଲାଗି ମୁଖ୍ୟମନ୍ତ୍ରୀ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି । ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ କ୍ଷମତା ହାସଲ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ସାକାର କରିବାରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ଏହି ବୈଠକ ଓଡ଼ିଶାରେ ଶିଳ୍ପ ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ମଧ୍ୟରେ ବର୍ଦ୍ଧିତ ସମନ୍ୱୟକୁ ପ୍ରତିଫଳିତ କରିଥାଏ ଯାହା ଭାରତର ଇସ୍ପାତ ଏବଂ ଖଣି ଉତ୍ପାଦନରେ ପ୍ରମୁଖ ଯୋଗଦାନ ଦେଇଥାଏ । ନିରନ୍ତର ସହଯୋଗ ଲାଗି ପ୍ରତିବଦ୍ଧତାକୁ ଦୋହରାଇ ସେ କହିଛନ୍ତି, ସମନ୍ୱିତ ପ୍ରୟାସ ଉତ୍ପାଦନ କ୍ଷମତା ବୃଦ୍ଧି, ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଜାତୀୟ ଆର୍ଥିକ ଲକ୍ଷ୍ୟକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ ଉତ୍ପାଦନକାରୀ କ୍ଷେତ୍ର ଭାବରେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବା ଏବଂ ୩୦୦ ମେଟ୍ରିକ ଟନ୍ ଇସ୍ପାତ କ୍ଷମତା ମାଇଲଖୁଂଟ ଆଡ଼କୁ ଦେଶର ଅଗ୍ରଗତିକୁ ଆଗକୁ ବଢ଼ାଇବା ଦିଗରେ ଏହି ଆଲୋଚନା ଆଉ ଏକ ପଦକ୍ଷେପ ।

ଜାତୀୟ ପାରା ସନ୍ତରଣ: ଓଡ଼ିଶାକୁ ୩୯ ପଦକ

ଭୁବନେଶ୍ୱର, ୧୯/୧୧ (ଆ.ପ୍ର) : ହାଇଦ୍ରାବାଦରେ ଆୟୋଜିତ ୨୫ତମ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ୮ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୧୩ କାଂସ୍ୟ ପଦକ ସହ ୩୯ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଏଥିରେ ୨୮ ରାଜ୍ୟର ୬୨୮ ସନ୍ତରଣ ତାରକା ଅଂଶଗ୍ରହଣ କରୁଥିଲେ । ୩୨ଜଣ ଖେଳାଳି ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । କର୍ଣ୍ଣାଟକ ବିଜେତା ହୋଇଥିଲା ବେଳେ ଓଡ଼ିଶା ସପ୍ତମ ସ୍ଥାନରେ ରହିଥିଲା । ଏହି ପ୍ରତିଯୋଗିତାକୁ ଯିବା ପୂର୍ବରୁ ଖେଳାଳିମାନେ ପାରା ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ କଳିଙ୍ଗ ଷ୍ଟାଡିୟମସ୍ଥିତ ସନ୍ତରଣ ଏଚ୍‌ପିସି ପୁଲ୍‌ରେ ଆୟୋଜିତ ୧୫ଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ । ପ୍ରତିଷ୍ଠିତ ପ୍ରଶିକ୍ଷକ ସୁନିତା ବହିଦାର ଓ ପୂର୍ଣ୍ଣଚନ୍ଦ୍ର ସେଠୀ ସେମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ସଫଳତା ଲାଗି ଓଡ଼ିଶା ଖେଳାଳିଙ୍କୁ ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ରାଜ୍ୟ ଦଳକୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଗତବର୍ଷ ଓଡ଼ିଶା ଏହି ପ୍ରତିଯୋଗିତାରେ ୨୭ ପଦକ ଜିତିଥିଲା । ଏବର୍ଷ ୩୯ପଦକ ଜିତିବା ଓଡ଼ିଶାରେ ପାରା କ୍ରୀଡ଼ାର ଖେଳାଳିଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଛି ବୋଲି ସଂପାଦକ ସୁନୀଲ ପ୍ରଧାନ କହିଛନ୍ତି ।

ଦିଲ୍ଲୀରୁ ଫେରାର ହୋଇଥାନ୍ତେ ଅଲ୍ ଫଲାହ ଗ୍ରୁପ୍‌ର ଚେୟାର ପର୍ସନ

ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): ଦିଲ୍ଲୀ ବିସ୍ଫୋରଣ ମାମଲାରେ ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟିର ଭୂମିକା ସାମନାକୁ ଆସିଛି । ଏହାପରେ ଏଆଇ ଓ ଇଡି ଆରମ୍ଭ କରିଛନ୍ତି ତଦନ୍ତ । ଏହା ଅନୁସାରେ, ଇଡି ମଙ୍ଗଳବାର ବିଳମ୍ବିତ ରାତିରେ ଅଲ୍ ଫଲାହ ଗ୍ରୁପ୍‌ର ଚେୟାର ପର୍ସନ ଜବାଦ ଅହମ୍ମଦ ସିଦ୍ଦିକିଙ୍କୁ ଗିରଫ କରିଛ । ବୁଧବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିବା ବେଳେ କୋର୍ଟ ତାଙ୍କୁ ୧୩ ଦିନ ପାଇଁ ଇଡି କଷ୍ଟଡିକୁ ପଠାଇଛନ୍ତି । କୋର୍ଟରେ ତଦନ୍ତକାରୀ ଏଜେନ୍ସି ଖୁଲାସା କରିଛି ଯେ, ସିଦ୍ଦିକି ୪୧୫ କୋଟି ଦୁର୍ନୀତି କରିଛି । ସେ ବିଦେଶକୁ ଚାଲିଯିବାର ଯୋଜନାରେ ଥିଲା ।ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୋର୍ଟରେ କହିଛି, ଜାୱାଦ ଅହମ୍ମଦ ସିଦ୍ଦିକି ପାଖରେ ଦେଶ ଛାଡିବାର ସ୍ପଷ୍ଟ ଉଦ୍ଦେଶ୍ୟ ଥିଲା, କାରଣ ତାଙ୍କ ପରିବାରର ବହୁ ସଦସ୍ୟ ଉପସାଗରୀୟ ଦେଶରେ ରୁହନ୍ତି । ତାଙ୍କ ପାଖକୁ ଲଗାତାର ବିଦେଶରେ ଲୁଚିବାର ସୁଯୋଗ ଥିଲା । ତଦନ୍ତକାରୀ ଏଜେନ୍ସି ଦାବି କରିଛି ଯେ, ତାଙ୍କର ଭୂମିକା ଗମ୍ଭୀର ଆର୍ଥିକ ଅପରାଧ ସହ ଜଡିତ । ସେ ଯାଂଚକୁ ପ୍ରଭାବିତ କରିପାରନ୍ତି କିମ୍ବା ପ୍ରମାଣ ନଷ୍ଟ କରିପାରନ୍ତି । ଏହି ଗିରଫଦାରୀ ପଛରେ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଅଲ୍ ଫଲାହ ଗ୍ରୁପର ୪୧୫ କୋଟି ଟଙ୍କାର ଦୁର୍ନୀତି । ଇଡି କହିଛି, ଅଲ୍ ଫଲାହ ଗ୍ରୁପ୍, ଏହାର ଟ୍ରଷ୍ଟ, ମିଛ ଏକ୍ରିଡେସନ୍ ଓ ଭୁଲ ରିକଗନେସନ୍‌ର ଦାବି ସାହାରାରେ ଛାତ୍ର ଓ ଅଭିଭାବକଙ୍କଠାରୁ ବହୁ ମାତ୍ରାରେ ଫି' ଆଦାୟ କରିଛି । ଏପର୍ଯ୍ୟନ୍ତ ୪୧୫.୧୦ କୋଟି ଟଙ୍କା ଦୁର୍ନୀତି କରିଥିବା ସାମନାକୁ ଆସିଛି, ଯାହାକି ଏହାଠାରୁ ଅଧିକ ହୋଇପାରେ । ଏହି ଗ୍ରୁପ୍ ସହ ଜଡିତ ୟୁନିଭର୍ସିଟିର ଭୂମିକା ଦିଲ୍ଲୀ ବିସ୍ଫୋରଣ ସାମନାକୁ ଆସିଥିଲା । ଏଠାରେ ତିନି ଡାକ୍ତର 'ହ୍ୱାଇଟ କଲର ଟେରର ମଡ୍ୟୁଲ' ସହ ଜଡିତ ଥିଲେ । ଏମାନଙ୍କ ଭିତରୁ ଜଣେ ଡାକ୍ତର ଉମର ନବି ଲାଲ କିଲ୍ଲା ନିକଟରେ ବିସ୍ଫୋରଣ କରିଥିଲା । ଏହାପରେ ତଦନ୍ତକାରୀ ଏଜେନ୍ସି ଅଲ୍ ଫଲାହ ୟୁନିଭର୍ସିଟିର ଯାଂଚ ଆରମ୍ଭ କରିଥିଲା । ଏହି ସମୟରେ ଜାୱାଦ ଅହମ୍ମଦ ସିଦ୍ଦିକିଙ୍କ ଭୂମିକାରେ ସନ୍ଦିଗ୍ଧତା ଦେଖିବାକୁ ମିଳିଛି । ଯିଏକି ଅଲ୍ ଫଲାହ ଚାରିଟେବଲ ଟ୍ରଷ୍ଟର ଫାଉଣ୍ଡର ଓ ମ୍ୟାନେଜିଂ ଟ୍ରଷ୍ଟି ଅଛନ୍ତି । ତାଙ୍କ ନିର୍ଦ୍ଦେଶରେ ଆଡମିସନ୍ ରେଜିଷ୍ଟର, ଫି' ଲେଜର, ଆକାଉଂଟ ସିଷ୍ଟମ ଓ ଆଇଟି ଡାଟାକୁ ମ୍ୟାନେଜ କରାଯାଉଥିଲା । ଏଜେନ୍ସି ସ୍ପଷ୍ଟ କରିଛି ସିଦ୍ଦିକି ପ୍ରମାଣ ନଷ୍ଟ କରିପାରନ୍ତି । ଏହି କାରଣରୁ ତାଙ୍କୁ କଷ୍ଟଡିରେ ରଖିବା ଜରୁରୀ । ଦିଲ୍ଲୀ ପୋଲିସ ଦୁଇଟି ଏଫ୍‌ଆଇଆର ଆଧାରରେ କହିଥିଲା ଇଡି ୧୪ ନଭେମ୍ବରରେ ଆଂଟି ମନି ଲଣ୍ଡରିଂ କେସ୍ ରୁଜୁ କରିଥିଲା । ଦିଲ୍ଲୀ ପୁଲିସର ଦୁଇଟି ଏଫ୍‌ଆଇଆରକୁ ଆଧାର କରି ଇଡି ୧୪ ନଭେମ୍ବରରେ ଆଂଟି ମନି ଲଣ୍ଡରିଂ କେସ୍ ରୁଜୁ କରିଥିଲା । ଇଡି କହିଛି ଅଲ୍ ଫଲାହ ୟୁନିଭର୍ସିଟିର ଛାତ୍ରଙ୍କୁ ମିଛ କହି ତାଙ୍କର ଆଡମିସନ୍ କରାଯାଉଥିଲା । ତାଙ୍କୁ କୁହାଯାଉଥିଲା ୟୁନିଭର୍ସିଟି ୟୁଜିସି ମାନ୍ୟତାପ୍ରାପ୍ତ ଓ ଏହାର ଏନ୍‌ଏଏସି ଆକ୍ରିଡେସନ୍ ଷ୍ଟାଟସ୍ ମଧ୍ୟ ରହିଛି ।

ୟୁକ୍ରେନ୍ ଉପରେ ରୁଷର ଡ୍ରୋନ୍ ଓ ମିସାଇଲ ହମଲା: ୧୯ ମୃତ, ୬୬ ଆହତ

ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): ୟୁକ୍ରେନ ମଙ୍ଗଳବାର ବିଳମ୍ବିତ ରାତିରେ ଡ୍ରୋନ୍ ଓ ମିସାଇଲ ଆକ୍ରମଣରେ ୧୯ ଜଣଙ୍କର ମୃତ୍ୟୁ ହୋଇଛି । ସେହିଭଳି ୬୬ ଜଣ ଆହତ ହୋଇଛନ୍ତି । ଏହି ହମଲା ରୁଷ ପକ୍ଷରୁ ୟୁକ୍ରେନର ଶକ୍ତି ଓ ପରିବହନ ଢାଂଚାକୁ ବହୁ ପରିମାଣରେ ନଷ୍ଟ କରିବା ନେଇ ହୋଇଥିଲା । ଏହି କାରଣରୁ ବହୁ ଅଂଚଳରେ ଜରୁରୀକାଳୀନ ଭାବରେ ବିଦ୍ୟୁତ କାଟିବାକୁ ପଡିଥିଲା । ଲିଭିଭ, ଖାର୍କିଭ ଓ ଇଭାନୋ-ଫ୍ରାଙ୍କିଭ ଭଳି ଅନ୍ୟ ସହରରେ ମଧ୍ୟ ହମଲା ହୋଇଛି । କିନ୍ତୁ ସବୁଠାରୁ ଅଧିକ ନାଗରିକଙ୍କ ମୃତ୍ୟୁ ପଶ୍ଚିମ ସହର ଟେରନୋପିଲ୍‌ରେ ହୋଇଛି । ଏହି ଆକ୍ରମଣ ଏଭଳି ସମୟରେ ହୋଇଛି ଯେତେବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନସ୍କି ରୁଷ ଉପରେ ଚାପ ପକାଇବା ପାଇଁ ତୁର୍କୀରେ କୂଟନୈତିକ ଆଲୋଚନା କରିବାକୁ ଯାଉଛନ୍ତି । ଗୃହମନ୍ତ୍ରୀ ଇହୋର କ୍ଲିମିକୋଙ୍କ ଅନୁସାରେ, ଟେରନୋପିଲରେ ରାତିରେ ଦୁଇ ମହଲା ବିଲ୍ଡିଂ ଉପରେ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣରେ ୬୬ରୁ ଅଧିକ ଲୋକ ଆହତ ହୋଇଛନ୍ତି, ଯାହାଙ୍କ ଭିତରେ ଶିଶୁ ମଧ୍ୟ ଅଛନ୍ତି । ୟୁକ୍ରେନ୍ ବାୟୁସେନାର କହିବା ଅନୁସାରେ, ରୁଷ ରାତିସାରା ୪୭୬ ଡିକୟ ଡ୍ରୋନ୍ ଓ ବିଭିନ୍ନ ପ୍ରକାର ୪୮ ମିସାଇଲ୍ ମାଡ଼ କରିଛି । ଜେଲେନସ୍କି ଟେଲିଗ୍ରାମରେ ଲେଖିଛନ୍ତି, ସାଧାରଣ ନାଗରିକଙ୍କ ଜୀବନ ଉପରେ ଏହି ଆକ୍ରମଣ କରାଯାଇଛି । ଏହା ଖୁବ୍ ଲଜ୍ଜାଜନକ ଆକ୍ରମଣ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ କୂଟନୈତିକ ରୂପରେ ଅଲଗା କରିବା ଓ ତାଙ୍କ ଉପରେ ଅନ୍ତର୍ଜାତୀୟ ଚାପ ବଢାଇବା ପାଇଁ ତୁର୍କୀ ରାଷ୍ଟ୍ରପତି ରଜବ ତେୟବ ଏର୍ଦୋଅନଙ୍କୁ ସାକ୍ଷାତ କରିବାକୁ ଯାଉଛି ।' ୟୁକ୍ରେନ୍‌ର ଦ୍ୱିତୀୟ ସବୁଠାରୁ ବଡ଼ ସହର ଉତର-ପୂର୍ବ ଖାର୍କିଭରେ ରୁଷ ଡ୍ରୋନ୍ ହମଲାରେ ଦୁଇ ଝିଅଙ୍କ ସହିତ ୪୬ ଜଣ ଆହତ ହୋଇଥିଲେ । ଖାର୍କିଭରେ ସାମରିକ ପ୍ରଶାସନର ପ୍ରମୁଖ ଓଲାହ ସିନିହୁବୋଭ ଟେଲିଗ୍ରାମ୍‌ରେ କହିଛନ୍ତି, ଡ୍ରୋନ୍ ଆକ୍ରମଣରେ ଅତି କମ୍‌ରେ ୧୬ ଆବାସିକ ଭବନ, ଗୋଟିଏ ଆମ୍ବୁଲାନ୍ସ ଷ୍ଟେସନ, ସ୍କୁଲ ଓ ଅନ୍ୟ ନାଗରିକ ଢାଂଚାକୁ ଟାର୍ଗେଟ କରାଯାଇଛି ।

ଦକ୍ଷିଣ ଆଫ୍ରିକାଠୁ ପ୍ରଥମ ଟେଷ୍ଟ ହାରିବା ପରେ କୋଚ୍ ଗୌତମଙ୍କ ଉପରେ ଉଠିଲା ପ୍ରଶ୍ନ

ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ଭାରତ ପରାସ୍ତ ହୋଇଥିଲା । ଦ୍ୱିତୀୟ ଇନିଂସରେ ୧୨୪ ରନର ଟାର୍ଗେଟ ପିଛା କରି ଭାରତ ମାତ୍ର ୯୩ ରନରେ ଅଲଆଉଟ୍ ହୋଇଯାଇଥିଲା । ରିପୋର୍ଟ ଅନୁଯାୟୀ, ଦକ୍ଷିଣ ଆଫ୍ରିକା ୨୦୧୦ ପରଠାରୁ ୧୫ ବର୍ଷ ପରେ ଭାରତୀୟ ମାଟିରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା । ଭାରତ ବନାମ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ସମ୍ପର୍କରେ ଏବେ ଖବର ସାମ୍ନାକୁ ଆସୁଛି । ଚର୍ଚ୍ଚା ହେଉଛି କି, ଭିଭିଏସ ଲକ୍ଷ୍ମଣ ମୁଖ୍ୟ ପ୍ରଶିକ୍ଷକ ଭାବରେ ଦଳରେ ଯୋଗ ଦେଇପାରନ୍ତି । ଭାରତର ଷ୍ଟାର ବ୍ୟାଟସମ୍ୟାନ, ଭିଭିଏସ ଲକ୍ଷ୍ମଣ ସମୟ ସମୟରେ ଭାରତୀୟ ଦଳ ସହିତ ଜଡିତ ଅଛନ୍ତି । ସେ ଅନେକ ଥର ଟେଷ୍ଟ ଏବଂ ଅନେକ ଥର ଏକଦିବସୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି । ଏବେ, ଖବର ଆସୁଛି ଯେ, ଗୌହାଟୀରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ତାଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ମିଳିପାରେ । ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସ୍ଥାନରେ ଭିଭିଏସ ଲକ୍ଷ୍ମଣ ଟିମ୍ ଇଣ୍ଡିଆର ନୂତନ ମୁଖ୍ୟ ପ୍ରଶିକ୍ଷକ ହୋଇପାରନ୍ତି । ବ୍ୟକ୍ତିଗତ କାରଣରୁ ଗୌତମ ଗମ୍ଭୀର ଭାରତ ବନାମ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟରେ ଉପସ୍ଥିତ ରହିବେ ନାହିଁ । ତାଙ୍କ ସ୍ଥାନରେ ଭାରତର ଷ୍ଟାର ବ୍ୟାଟସମ୍ୟାନ୍ ଭିଭିଏସ ଲକ୍ଷ୍ମଣଙ୍କୁ ନିଆଯିବ । ତଥାପି, ଦ୍ୱିତୀୟ ଟେଷ୍ଟରେ ଭିଭିଏସ ଲକ୍ଷ୍ମଣ ପ୍ରଶିକ୍ଷକ ଭାବରେ ସାମିଲ ହେବେ କି ନାହିଁ ସେ ବିଷୟରେ ବିସିସିଆଇ, ଗୌତମ ଗମ୍ଭୀର କିମ୍ବା ଭିଭିଏସ ଲକ୍ଷ୍ମଣଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ।କୋଲକାତାରେ ପରାଜୟ ପରେ, ଭାରତ ଗୌହାଟୀରେ ଦକ୍ଷିଣ ଆଫ୍ରିକା ସହିତ ଦ୍ୱିତୀୟ ଟେଷ୍ଟ ମୁକାବିଲା କରିବ । ଏହି ମ୍ୟାଚ୍ ନଭେମ୍ବର ୨୨ ରୁ ୨୬ ତାରିଖ ମଧ୍ୟରେ ଖେଳାଯିବ । ଭାରତ ସିରିଜ୍ ସମାନ କରିବାକୁ ଚେଷ୍ଟା କରିବ, ଯେତେବେଳେ ଦକ୍ଷିଣ ଆଫ୍ରିକା ଏହାକୁ ଜିତିବାକୁ ଚେଷ୍ଟା କରିବ । ପ୍ରଥମ ଟେଷ୍ଟରେ ୩୦ ରନ୍ରେ ହାରିଥିଲା ଟିମ୍ ଇଣ୍ଡିଆ । ୨୦୧୦ ପରଠୁ ୧୫ ବର୍ଷ ପରେ ଭାରତ ମାଟିରେ ଜିତିଥିଲା ଦକ୍ଷିଣ ଆଫ୍ରିକା ।

ଏସ୍ଆଇଆର ଆରମ୍ଭ ହେବା ମାତ୍ରେ ପଳାୟନ କରୁଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ

ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): ବାଂଲାଦେଶକୁ ଲାଗିଥିବା ପଶ୍ଚିମବଙ୍ଗ ସୀମାରେ ଆଜିକାଲି ଖୁବ୍ ଭିଡ ଲାଗି ରହିଛି । ବଙ୍ଗଳାରେ ବହୁ ବର୍ଷ ହେବ ରହୁଥିବା ବେଆଇନ ବାଂଲାଦେଶୀ ନିଜ ଦେଶକୁ ଫେରିବାରେ ଲାଗିଛନ୍ତି । ଏହାର କାରଣ ହେଉଛି ସ୍ପେଶାଲ ଇନଟେନସିଭ ରିଭିଜନ ବା ଏସ୍ଆଇଆର୍ କାମ ଆରମ୍ଭ ହୋଇସାରିଛି । ଏହାର ପ୍ରଭାବରେ ବେଆଇନ୍ ବାଂଲାଦେଶୀଙ୍କ ଭିତରେ ଆତଙ୍କ ଖେଳି ଯାଇଛି । ସୁଟକେସ୍, ବ୍ୟାଗ୍ ଓ ଜରୁରୀ ଜିନିଷ ଧରି ଶତାଧିକ ଲୋକ ସୀମା ପାର ହେବାର ଅପେକ୍ଷାରେ ଅଛନ୍ତି ।ବିଏସ୍ଏଫର ୧୪୩ ବାଟାଲିୟନ ନଦୀ କୂଳରେ ସନ୍ଦିଗ୍ଧ ଗତିବିଧି ଦେଖି ଲୋକଙ୍କୁ ଅଟକାଇ ପଚରା ଉଚରା କରିଛି । ଭାରତ ବାଂଲାଦେଶ ସୀମାର ଉତର ୨୪ ପ୍ରଗଣାର ସ୍ୱରୂପ ନଗର ଚେକ୍‌ପୋଷ୍ଟ ନିକଟରେ ବେଆଇନ ବାଂଲାଦେଶୀଙ୍କ ଭିଡ ଲାଗିଛି । ଆଗାମୀ ୨୪ ଘଂଟାରେ ଏହି ସଂଖ୍ୟା ୫୦୦ ଉପରେ ପହଁଚି ଯାଇଛି । ସବୁ ଲୋକ ଜିରୋ ଲାଇନ୍ ପାଖରେ ବସିଛନ୍ତି । ନିଜ ପାଖରେ କେବଳ କମ୍ବଳ ଓ ଅନ୍ୟ କିଛି ଜିନିଷ ରଖିଛନ୍ତି । ଏମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ବହୁ ବର୍ଷ ହେବ କୋଲକାତା ଓ ଏହାର ଆଖପାଖ ଅଂଚଳ ଯେପରି ବିରାଟି,ମଧ୍ୟମଗ୍ରାମ୍, ରାଜାରହାଟ, ନ୍ୟୁ ଟାଉନ୍, ସଲ୍ଟ ଲେକ୍ ?ରେ ବେଆଇନ୍ ଭାବରେ ରହୁଥିଲେ । ଅଧିକାଂଶ ଦିନ ମଜୁରିଆ ଓ ନିର୍ମାଣ ଶ୍ରମିକ ରହିଛନ୍ତି । କାହା ପାଖରେ ଭିସା, ପାସପୋର୍ଟ କିମ୍ବା ବୈଧ ପ୍ରମାଣପତ୍ର ନାହିଁ । ବିଏସ୍ଏଫ୍ ଅଧିକାରୀଙ୍କ କହିବା ଅନୁସାରେ, ଗତ କିଛି ସପ୍ତାହରେ ଲୋ ଏଭଳି ଫେରିବାର ଚେଷ୍ଟା କରୁଛନ୍ତି । ଚଳିତ ମାସ ଆରମ୍ଭରୁ ତରାଳି ସୀମା ନିକଟରେ ଏଭଳି ୯୪ ଜଣ ଧରାପଡିଥିଲେ ।

ନୀତୀଶ କୁମାର ଜେଡିୟୁ ନେତା ନିର୍ବାଚିତ, ରହିବେ ଦୁଇ ଉପମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): ବିହାର ବିଧାନସଭା ନିର୍ବାଚନ ପରେ, ଜେଡିୟୁ ନୀତିଶ କୁମାରଙ୍କୁ ପୁଣି ନେତା ଭାବରେ ନିର୍ବାଚିତ କରିଛି । ଏହାର ଅର୍ଥ ନୀତିଶ କୁମାର ପରବର୍ତ୍ତୀ ସରକାରର ମୁଖ୍ୟମନ୍ତ୍ରୀ ହେବେ । ଏନଡିଏ ବିଧାୟକ ଦଳ ବୈଠକରେ ଯୋଗ ଦେବା ପୂର୍ବରୁ ନୀତିଶ କୁମାର ରାଜଭବନରେ ଇସ୍ତଫା ଦେବେ । ସେହିପରି ବିଜେପି ନେତା ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ନୀତିଶ କୁମାରଙ୍କ ନୂତନ ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିବେ । ବିଜେପି ବିଧାୟକ ଦଳ ବୈଠକରେ ଏହି ନିଷ୍ପତି ନିଆଯାଇଛି । ବିଜେପି ଏହାର ଦୁଇ ପୂର୍ବତନ ନେତାଙ୍କ ଉପରେ ଆସ୍ଥା ପ୍ରକାଶ କରିଛି । ପୂର୍ବରୁ, ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ନୀତିଶ କୁମାର ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ଆସନ୍ତାକାଲି ବିହାରରେ ଶପଥ ନେବ ନୂଆ ସରକାର । ଦଶମ ଥର ବିହାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ନୀତୀଶ କୁମାର । ଗୁରୁବାର ଦିନ ୧୧ରୁ ୧୨ଟା ଭିତରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ପାଟନା ସ୍ଥିତ ଗାନ୍ଧି ମୈଦାନରେ ଅନୁଷ୍ଠିତ ହେବ ଶପଥ ଗ୍ରହଣ ସମାରୋହ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ରହିବେ । ସେହିପରି ଏନଡିଏ ଶାସିତ ମୁଖ୍ୟମନ୍ତ୍ରୀ ମଧ୍ୟ ସମାରୋହରେ ସାମିଲ ହେବେ । ପ୍ରସ୍ତୁତି ଜୋରସୋରରେ ଚାଲିଛି । ଆଜି ଜେଡିୟୁ ବିଧାୟକ ଦଳର ବୈଠକରେ ନୀତିଶ କୁମାର ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ହିଁ ହେବେ । ନୂଆ କ୍ୟାବିନେଟରେ ମୋଟ ୩୬ ଜଣ ମନ୍ତ୍ରୀ ରହିବେ । ଜେଡିୟୁର ୧୫ ଏବଂ ବିଜେପିରୁ ୧୬ ଜଣ ମନ୍ତ୍ରୀ ଭାବେ ଶପଥ ନେବେ ।

'ଅପରେସନ୍ ସିନ୍ଦୂର' ବେଳେ ଡ୍ରାଗନର ହୀନ ଷଡଯନ୍ତ୍ର, ରାଫେଲକୁ ବଦନାମ କରିବାକୁ ନେଇଥିଲା ଏଆଇର ସାହାଯ୍ୟ



ନୂଆଦିଲ୍ଲୀ, ୧୯/୧୧(ନ୍ୟୁ.ଏ): ଶଙ୍ଘାଇ ସହଯୋଗ ସଂଗଠନ ବା ଏସ୍‌ସିଓ ଶିଖର ସମ୍ମିଳନୀ ପରେ ଭାରତ-ଚୀନ୍ ସମ୍ପର୍କ ଧିରେ ଧିରେ ସୁଧୁରିବାରେ ଲାଗିଛି । ଏହା ଭିତରେ ଆମେରିକା କଂଗ୍ରେସର ପରାମର୍ଶଦାତା ସଂସ୍ଥା ଏବେ ଚୀନ୍ ଓ ପାକିସ୍ତାନକୁ ନେଇ ବଡ଼ ଖୁଲାସା କରିଛନ୍ତି । ୨୦୨୫ ରେ ହୋଇଥିବା 'ଅପରେସନ୍ ସିନ୍ଦୂର' ବେଳେ ଭାରତ-ପାକିସ୍ତାନ ସେନା ଭିତରେ ସଂଘର୍ଷ ହୋଇଥିଲା । ଏହି ସମୟରେ ଭାରତ ନିଜର ସୁଦର୍ଶନ ଚକ୍ର ଓ ବ୍ରହ୍ମୋସ ମିସାଇଲର ଶକ୍ତି ଦେଖାଇଥିଲା । ସେଭଳି ପାକିସ୍ତାନ ଦାବି କରିଥିଲା ସେ ଭାରତୀୟ ବାୟୁସେନାର ରାଫେଲ ଯୁଦ୍ଧ ବିମାନକୁ ମାରି ନଷ୍ଟ କରିଦେଇଥିଲା । ଏବେ ଆମେରିକାର ରିପୋର୍ଟ ସ୍ପଷ୍ଟ କରିଛି ଯେ, ପାକିସ୍ତାନର ରାଫେଲ ନଷ୍ଟ କରିବାର ଦାବି ସମ୍ପୂର୍ଣ୍ଣ ମିଛ । ଏହାପଛରେ ଏକ ବଡ଼ ଷଡଯନ୍ତ୍ର ଥିଲା । ବୁଧବାର ଆମେରିକା-ଚୀନ୍ ଆର୍ଥିକ ଏବଂ ସୁରକ୍ଷା ସମୀକ୍ଷା କମିଶନ୍ ନିଜର ବାର୍ଷିକ ରିପୋର୍ଟରେ ଚୀନ୍ ଉପରେ ଗମ୍ଭୀର ଆରୋପ ଲଗାଇଛି । ରିପୋର୍ଟରେ କୁହାଯାଇଛି ଯେ, 'ଅପରେସନ୍ ସିନ୍ଦୂର' ପରେ ଭାରତ ବିରୋଧରେ ଚୀନ୍ 'ଭୁଲ ସୂଚନା ଅଭିଯାନ' ଚଳାଇଥିଲା । ଏହି ଅଭିଯାନରେ ଏଆଇରୁ ତିଆରି ନକଲି ଫଟୋ ଓ ନକଲି ସୋସିଆଲ ମିଡିଆ ଆକାଉଂଟ ବହୁ ପରିମାଣରେ ବ୍ୟବହାର କରାଯାଇଥିଲା । ରିପୋର୍ଟ ଅନୁସାରେ, ଚୀନ୍ ନକଲି ସୋସିଆଲ ମିଡିଆ ଆକାଉଂଟ କରିଆରେ ଏଭଳି ଏଆଇ ଜେନେରେଟେଡ୍ ଫଟୋ ଭାଇରାଲ କରିଥିଲା । ଯେଉଁଥିରେ ଭାରତୀୟ ଓ ଫ୍ରାନ୍ସ ରାଫେଲ ବିମାନର ଭଗ୍ନାବଶେଷ ଦେଖିବାକୁ ମିଳିଥିଲା । ଏହାକୁ ଚୀନ୍ ଦ୍ୱାରା ତିଆରି ଅସ୍ତ୍ରଶସ୍ତ୍ରରେ ନଷ୍ଟ କରାଯାଇଥିବାର ଦେଖାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଫ୍ରାନ୍ସର ରାଫେଲ ଯୁଦ୍ଧ ବିମାନକୁ ବିଶ୍ୱ ବଜାରରେ କ୍ଷତି ପହଁଚାଇବା ଓ ନିଜର ଆଗାମୀ ପାଢ଼ିର ଜେ-୩୫ ବିମାନକୁ ପ୍ରୋତ୍ସାହନ ଦେବାର ଯୋଜନା ଥିଲା । କମିଶନ୍ ଏହାକୁ ଚୀନ୍ର ବ୍ୟାପକ 'ଗ୍ରେ ଜୋନ୍ ରଣନୀତି'ର ଅଂଶ ବୋଲି କହିଛନ୍ତି । ଯାହାକୁ ସିଧାସଳଖ ସାମରିକ ସଂଘର୍ଷ ବିନା ଭୂରାଜନୈତିକ ଲାଭ ପାଇବା ପାଇଁ କରାଯାଇଥାଏ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das